



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

• VOLUME- 43 • ISSUE-151 • THURSDAY • 27 NOVEMBER 2025 • PAGE-12 • ₹ 6.00 | SAMBALPUR | • ବର୍ଷ-୪୩ • ସଂଖ୍ୟା-୧୫୧ • ଗୁରୁବାର • ୨୭ ନଭେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


## ଭାରତ ଆୟୋଜନ କରିବ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଭାରତୀୟ କ୍ରୀଡ଼ାବିତ ଓ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖୁସି ଖବର। ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିଛି। ବୁଧବାର ସ୍କଟଲାଣ୍ଡର ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକାରୀ ବୋର୍ଡ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଅହମଦାବାଦକୁ ହୋଷ୍ଟ ସିଟି ଅର୍ଥାତ ଆୟୋଜକ ସହର ଭାବେ ଘୋଷିତ କରାଯାଇଛି। ଦୀର୍ଘ ୨୦ ବର୍ଷ ପରେ ଭାରତ ଏହି ମେଗା ଇଭେଣ୍ଟର ୨୪ତମ ସଂସ୍କରଣ ଆୟୋଜନ କରିବାକୁ ଯାଉଛି। ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନର ୧୦୦ ବର୍ଷ ପୂରଣ ହେବ। ତେଣୁ ଭାରତକୁ ଆୟୋଜନ ଅଧିକାର ମିଳିବାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୩୦ରେ କାନାଡ଼ାର ହାମିଲଟନ ସହରରେ ପ୍ରଥମଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା। ଗ୍ଲାସଗୋରେ ଭାରତୀୟ ପ୍ରତିନିଧି ମଣ୍ଡଳୀ ତରଫରୁ ଯୁଗ୍ମ କ୍ରୀଡ଼ା ସଚିବ କୁନାଲ କେ, ଆଇଓଏ ଅଧ୍ୟକ୍ଷା ପିଟି ଉଷା, ଆଇଓଏ ▶ପୃଷ୍ଠା-୭

## ଓଡ଼ିଆ ସମେତ ୯ଟି ଭାଷାରେ ସମ୍ବିଧାନ ଜାରି କଲେ ରାଷ୍ଟ୍ରପତି



■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ସଂସଦର ସେଣ୍ଟ୍ରାଲ ହଲ୍‌ରେ ବୁଧବାର ୧୫୦ତମ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନକୁ ଓଡ଼ିଆ ସମେତ ୯ଟି ଭାଷାରେ ଜାରି କରିଥିଲେ। ସମ୍ବିଧାନ ଓଡ଼ିଆ, ମାଲାୟଲମ, ମରାଠୀ, ନେପାଳୀ, ପଞ୍ଜାବୀ, ବୋଡୋ, କଶ୍ମୀରୀ, ତେଲୁଗୁ ଓ ଆସାମ ଭାଷାରେ ଜାରି କରାଯାଇଛି। ତିନ ତଲାକ ଭଳି ସାମାଜିକ କୁରୀତିକୁ ସଂସଦ ହଟାଇବା ସହ ଐତିହାସିକ ପଦକ୍ଷେପ ନେଇଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି। ସେହିପରି ସ୍ୱାଧୀନତା ପରେ ଜିଏସ୍‌ଟି ସର୍ବବୃହତ କର ସୁଧାର ଓ ଏହା ଦେଶକୁ ଆର୍ଥିକ ଭାବେ ଏକାଠି କରିବା ସହ ମଜବୁତ କରିଛି। ସମ୍ବିଧାନର ଧାରା ୩୭୦ ହଟାଇବା ପରେ ଦେଶର ରାଜନୈତିକ ଏକତାରେ ଅସୁଥିବା ବାଧା ଦୂର ହୋଇଛି। ସେହିପରି ନାରୀ ଶକ୍ତି ବନ୍ଦନ ଆଇନ୍ ମହିଳାଙ୍କ ନେତୃତ୍ୱର ବିକାଶରେ ନୂଆ ପ୍ରାରମ୍ଭ ପ୍ରଦାନ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ସେ ସମ୍ବିଧାନର ପ୍ରସ୍ତାବନା ମଧ୍ୟ ପାଠ କରିଥିଲେ। ଉଲ୍ଲେଖଥାଉ କି, ୧୯୪୯ ନଭେମ୍ବର ▶ପୃଷ୍ଠା-୭

# ଆଜିଠାରୁ ଶୀତ ଅଧିବେଶନ

### ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ହାତରେ ଅସରନ୍ତି ପ୍ରସଙ୍ଗ

### ସମସ୍ତ ପ୍ରସଙ୍ଗର ମୁକାବିଲା କରିବାକୁ ଶାସକ ଦଳର ଦମ୍ଭୋକ୍ତି

■ ଭୁବନେଶ୍ୱର, ୨୬।୧୧ (ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତ ଅଧିବେଶନ। ଅଧିବେଶନ ପୂର୍ବରୁ ବୁଧବାର ଉଭୟ ଶାସକ ଏବଂ ବିରୋଧୀ ଦଳ ପକ୍ଷରୁ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ବିରୋଧୀ ବିଜେଡି ଓ କଂଗ୍ରେସ ନିଜ ନିଜ ବିଧାୟକ ଦଳ ବୈଠକରେ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏପଟେ ଶାସକ ଦଳ ମଧ୍ୟ ବିରୋଧୀଙ୍କ ମୁକାବିଲା ପାଇଁ ବ୍ୟାପକ ମାନସ ମନ୍ଥନ କରିଥିବା ବେଳେ

**ସହଯୋଗ ଲୋଡ଼ିଲେ ବାଚସ୍ପତି**



ଗୃହରେ ପ୍ରଦର୍ଶନ ନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ନିଜ ନିଜର ବିଧାୟକଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି। ତେବେ ବିରୋଧୀଙ୍କ ହାତରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିବା ଓ ପୂର୍ବାପେକ୍ଷା ସରକାରଙ୍କୁ ଆହୁରି ଶାଣିତ ଆକ୍ରମଣ କରାଯିବ ବୋଲି ଦୁଇ ବିରୋଧୀଦଳଙ୍କ ଘୋଷଣା ଅଧିବେଶନକୁ ସରଗରମ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ବିରୋଧୀଙ୍କ ତୀବ୍ର ବିରୋଧ ଓ ପ୍ରତିବାଦ ଯୋଗୁ ସାତ ଦିନିଆ ମୌସୁମୀ ଅଧିବେଶନ ଧୋଇ ଯାଇଥିବାବେଳେ ଶୀତ ଅଧିବେଶନରେ ବିଧାନସଭା ଉଷ୍ମ ରହିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ▶ପୃଷ୍ଠା-୭

### ଅପରାହ୍ଣରେ ରାଷ୍ଟ୍ରପତିଙ୍କ ସମ୍ବୋଧନ



■ ଭୁବନେଶ୍ୱର, ୨୬।୧୧ (ସମିସ): ବିଧାନସଭାର ଶୀତକାଳୀନ ଅଧିବେଶନକୁ ସମ୍ବୋଧିତ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି(ଗୁରୁବାର) ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବିଧାନସଭାର ଏହି ଐତିହାସିକ ଦିବସ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି।

ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ରାଷ୍ଟ୍ରପତି ୧୧ଟା ୫୦ରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରିବେ। ଅପରାହ୍ଣ ୨ଟାରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରି ରାଜଭବନରେ ପହଞ୍ଚିବେ। ମଧ୍ୟାହ୍ନବିରତି ପରେ ରାଷ୍ଟ୍ରପତି ଅପରାହ୍ଣ ୪ଟାରେ ରାଜଭବନସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସର ଗୃହକୁ ଉଦ୍‌ଘାଟନ କରିବେ। ଅପରାହ୍ଣ ୪ଟା ୨୦ରେ ସେ ଓଡ଼ିଶା ବିଧାନସଭାରେ ▶ପୃଷ୍ଠା-୭

**ସିଏଜିଙ୍କ ବଡ଼ ନିଷ୍ପତ୍ତି**

## ପ୍ରତି ଟଙ୍କାର ହିସାବ ଦେବେ ରାଜ୍ୟ

■ ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଆସନ୍ତା ୨୦୨୭-୨୮ ଆର୍ଥିକ ବର୍ଷରୁ ସାରା ଦେଶର ସବୁ ରାଜ୍ୟ ପାଇଁ କାର୍ଯ୍ୟକାରୀ ହେବ ଖର୍ଚ୍ଚ ବର୍ଗୀକରଣର ସମାନ ମାନଦଣ୍ଡ। ଏହା ସହିତ ଚଳିତ ଆର୍ଥିକ ବର୍ଷରୁ ଦେଶର ସମସ୍ତ ରାଜ୍ୟ ସେମାନଙ୍କର ଆୟ ଓ ବ୍ୟୟ ବିବରଣୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡ଼ିଜିଟାଲ ମାଧ୍ୟମରେ ଦେଶର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ(ସିଏଜି)ଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ରାଜ୍ୟଗୁଡ଼ିକରେ ଆର୍ଥିକ ସ୍ୱଚ୍ଛତା ଆଣିବା ଏବଂ ସେମାନଙ୍କର ରାଜସ୍ୱ ଓ ବ୍ୟୟ ହିସାବ ପଦ୍ଧତିକୁ ଉନ୍ନତ କରିବା ପାଇଁ ସିଏଜି ନେଇଛନ୍ତି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସିଏଜିର ଡେପୁଟି କଣ୍ଟ୍ରୋଲର ଜେନେରାଲ ଜୟନ୍ତ ସିହ୍ନା ଏକ ଆଲୋଚନା ଅବସରରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ବିଭିନ୍ନ ରାଜ୍ୟ ନିଜ ନିଜ ଉପାୟରେ ଖର୍ଚ୍ଚ ଏବଂ ରାଜସ୍ୱର ବର୍ଗୀକରଣ କରିଥାନ୍ତି। ଯାହା ଫଳରେ ଗୋଟିଏ ରାଜ୍ୟର ଆର୍ଥିକ ସ୍ଥିତି ଅନ୍ୟ ରାଜ୍ୟ କିମ୍ବା କେନ୍ଦ୍ର

**ଡିଜିଟାଲ ମାଧ୍ୟମରେ ନିର୍ଦ୍ଧାରିତ ଅବଧିରେ ଦେବାକୁ ହେବ ହିସାବ**

**୨୦୨୭-୨୮ରୁ ଖର୍ଚ୍ଚ ବର୍ଗୀକରଣ ନିମନ୍ତେ ହେବ ସମାନ ମାନଦଣ୍ଡ**

ସହିତ ତୁଳନା କରିବା ବହୁତ କଷ୍ଟକର ହୋଇପଡ଼େ। ଏହି ଅଭାବକୁ ଦୂର କରିବା ପାଇଁ ଚଳିତମାସ ୧୧ରେ ଜାରି ହୋଇଥିବା ଏକ ବିଜ୍ଞପ୍ତିରେ ସମସ୍ତ ୨୮ଟି ରାଜ୍ୟ ଏବଂ ବିଧାନସଭା ଥିବା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୨୦୨୭-୨୮ ▶ପୃଷ୍ଠା-୭

**ବିଧାୟକ ଦଳ ବୈଠକରେ ନବୀନଙ୍କ ଉଦ୍‌ବେଗ**

## ରାଜ୍ୟରେ ନାରୀ ନିର୍ଯାତନା ପୀଡ଼ାଦାୟକ



**ରାଜ୍ୟରେ ସାଂପ୍ରଦାୟିକ ଉତ୍ତେଜନା ବୃଦ୍ଧି ବେଦନାଦାୟକ**

**ତ୍ରୁଟିଶୂନ୍ୟ ହୋଇ ପାରିନାହିଁ ଗୋଟିଏ ବି ନିଯୁକ୍ତି ପରୀକ୍ଷା**

**ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ବିଜେଡି ହେବ ଓଡ଼ିଶାବାସୀଙ୍କ ସ୍ୱର**

■ ଭୁବନେଶ୍ୱର, ୨୬।୧୧ (ସମିସ): ଆସନ୍ତାକାଲିଠାରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ଲୋକଙ୍କ ବିଭିନ୍ନ ସମସ୍ୟା ଏବଂ ସରକାରଙ୍କ ଅପାରଗତାକୁ ବିଜେଡି ଶାଣିତ ସ୍ୱରରେ ଗୃହରେ ଉପସ୍ଥାପନ କରିବ। ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, ସାଂପ୍ରଦାୟିକ ଉତ୍ତେଜନା, ଚାଷୀଙ୍କ ସମସ୍ୟା, ନିଯୁକ୍ତି ଜାଲିଆତି ପ୍ରସଙ୍ଗରେ ସରକାରଙ୍କଠାରୁ ଜବାବ୍ ମାଗିବ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ନିଆଯାଇଛି ଏପରି ନିଷ୍ପତ୍ତି। ପ୍ରମୁଖ ବିରୋଧୀ ଦଳ ଭାବେ ପ୍ରତିଟି ବିଧାୟକ ଗୃହରେ ସାଧାରଣ ଲୋକଙ୍କ ସ୍ୱର ସାଜିବାକୁ ନବୀନ ଦଳୀୟ ବିଧାୟକଙ୍କୁ ପରାମର୍ଶ ଦେଇଛନ୍ତି।

ବୁଧବାର ସନ୍ଧ୍ୟାରେ ଶଙ୍ଖ ଭବନଠାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଓ ଲୋକଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଛି। ଏହି ଅବସରରେ ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡିଛି। ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ କେନ୍ଦୁଝର ସଦର ଠାରୁ ଆରମ୍ଭ କରି ଖୋର୍ଦ୍ଧା, ▶ପୃଷ୍ଠା-୭

## ୧ରୁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର; ଦର୍ଶନ ପାଇଁ ୧୦ ଟଙ୍କା

■ ପୁରୀ, ୨୬।୧୧ (ସମିସ): ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର। ମହାପ୍ରଭୁଙ୍କ ଜନ୍ମବେଦୀକୁ ବର୍ଷତମାମ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ଏ ନେଇ ବୁଧବାର ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଭକ୍ତମାନଙ୍କ ପାଇଁ ଟିକଟ୍ ମୂଲ୍ୟ ୧୦ଟଙ୍କା ରଖାଯାଇଛି। କିନ୍ତୁ ୫ବର୍ଷରୁ କମ୍, ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କୌଣସି ଟିକଟ୍ ଲାଗିବ ନାହିଁ। ସେମାନେ ନିଃଶୁଳ୍କ ମନ୍ଦିରକୁ ପ୍ରବେଶ



**୫ ବର୍ଷରୁ କମ୍, ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ଦିବ୍ୟାଙ୍ଗଙ୍କୁ ଟିକଟ୍ ପଡ଼ିବନି**

କରିପାରିବେ। କାଉଣ୍ଟର୍‌ରେ କମ୍ପ୍ୟୁଟରୀକୃତ ଟିକଟ୍ ବ୍ୟବସ୍ଥା କରାଯିବ। ଆଡ଼ପ ମଣ୍ଡପ ଦର୍ଶନ ପାଇଁ ସିଂହଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ସେହିପରି ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କାଠ ରାମ୍ପ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

ଅପରାହ୍ଣରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ▶ପୃଷ୍ଠା-୭



### ପୁଅ ବାହାଘର ଦିନ ବାପାର ଦୁଃଖଦ ମୃତ୍ୟୁ


## ଚାପିଦେଲା ରୋଶଣୀ ଗାଡ଼ି

■ ବଲାଙ୍ଗିର, ୨୬।୧୧ (ସମିସ): ବାଣୁଆ ଗୋଟିଏ ପରେ ଗୋଟିଏ ବାଣ ମାରି ଆକାଶ ରଙ୍ଗିନ କରି ଦେଉଥିଲା। ଅର୍କେଷ୍ଟ୍ରା ପାର୍ଟିଙ୍କ ହିଟ୍ ଗୀତ ସାଙ୍ଗକୁ ବରଯାତ୍ରୀଙ୍କ ନାଚରେ ଦାଣ୍ଡ ଦୁଲୁକି ଉଠୁଥିଲା। କିନ୍ତୁ, ରୋଶଣୀ ଗାଡ଼ି ଧକ୍କାରେ ବରପିତାଙ୍କ ମୃତ୍ୟୁ ହୋଇଯିବାରୁ କ୍ଷଣିକରେ ସବୁ ଓଲଟପାଲଟ ହୋଇଗଲା। ଖୁସିର ପରିବେଶ ଶୋକର ମାହୋଲରେ ପରିଣତ ହୋଇଗଲା।

ବଲାଙ୍ଗିର ଜିଲ୍ଲା ମଣ୍ଡଳରେ ମଙ୍ଗଳବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ବଲାଙ୍ଗିର ସଦର ଥାନା ଆମପାଲି ଗାଁର ଚୈତନ୍ୟ ବାଗ। ଗୋଟିଏପଟେ ପୁଅ ନବବଧୂର ହାତ ଧରି ଘରକୁ ଫେରିଥିବା ବେଳେ ବାପା ଚୈତନ୍ୟଙ୍କ ଜୁଇ ଜଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ



ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ସୂଚନାନୁଯାୟୀ, ଚୈତନ୍ୟଙ୍କ ପୁଅ ଦୁଃଖୀଶ୍ୟାମଙ୍କ ମଣ୍ଡଳ ଗାଁରେ ବିବାହ ସ୍ଥିର ହୋଇଥିଲା। ବରପକ୍ଷ ମଣ୍ଡଳ ଗାଁରେ ବେଶ୍ ଆଡ଼ମ୍ବର ସହ ପହଞ୍ଚିଥିଲେ। ଜଳପାନ ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ସମୟରେ ବରଯାତ୍ରୀ ରୋଶଣୀ ଗାଡ଼ି ହଠାତ ଦୁଇଜଣଙ୍କୁ ଧକ୍କା ଦେଇଥିଲା। ଏହି ଧକ୍କାରେ ଦୁଃଖୀଶ୍ୟାମଙ୍କ ବାପା ଚୈତନ୍ୟଙ୍କ ମୃତ୍ୟୁ ଘଟିଥିଲା। ଆଉ ଜଣେ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଉଭୟ ଆମପାଲି ଓ ମଣ୍ଡଳ ଗାଁରେ ଶୋକର ଛାୟା ଖେଳିଯାଇଛି।

## ଆଜିର ଇତିହାସ

- ୧୭୯୫- ପ୍ରଥମ ବଙ୍ଗଳା ନାଟକ ମଞ୍ଚସ୍ଥ କରାଗଲା।
- ୧୮୧୫- ପୋଲାଣ୍ଡ ସ୍ୱାଧୀନ ହେଲା।
- ୧୯୧୨- ଆଲବେନିଆ ରାଷ୍ଟ୍ରୀୟ ଧ୍ୱଜକୁ ଆପଣାଇଲା।
- ୧୯୬୬- ଉରୁଗୁଏ ସମ୍ବିଧାନ ଆପଣାଇଲା।
- ୨୦୦୮ - ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ ଦେହାନ୍ତ।
- ୨୦୧୮ - ବଲିଉଡ୍‌ର ପ୍ରଚ୍ଛଦପଟ୍ଟ ଗାୟକ ମହମ୍ମଦ ଅଜିଜ୍‌ଙ୍କ ପରଲୋକ।

## ଏପରି ଏକ ଦେଶ

# କେହି ଜାଣନ୍ତିନି ଜନ୍ମ ତାରିଖ

ଜନ୍ମଦିନ ପ୍ରତ୍ୟେକଙ୍କ ପାଇଁ ଏକ ଖୁସିର ଅବସର ହୋଇଥାଏ। ଏହାକୁ ଲୋକେ ପରିବାର ଓ ସାଙ୍ଗସାଥୀଙ୍କ ଗହଣରେ କେକ୍ କାଟି ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ହେଲେ ଏପରି ଏକ ଦେଶ ଅଛି, ଯେଉଁଠି ଲୋକମାନେ ନିଜ ଜନ୍ମ ତାରିଖ ଜାଣନ୍ତିନି। ଉତ୍ତର କୋରିଆରେ ଏପରି ଭିନ୍ନତା ଦେଖିବାକୁ ମିଳିଥାଏ। ଏହା ବିଶ୍ୱର ସବୁଠୁ ରହସ୍ୟମୟ ଦେଶ ଭାବେ ଜଣାଯାଏ। ଏଠାକାର ଗ୍ରାମାଞ୍ଚଳଗୁଡ଼ିକରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଡେଲିଭରି ଘରେ ହୋଇଥାଏ। ଏଠାରେ ହସ୍‌ପିଟାଲ କି ଡାକ୍ତରୀ ସୁବିଧା ନ ଥାଏ। ସବୁଠୁ ବଡ଼ କଥା ହେଉଛି ଏଠାରେ କ୍ୟାଲେଣ୍ଡର ନ ଥାଏ। ମାଆ ବାପା ମଧ୍ୟ ପିଲାର ଜନ୍ମ ତାରିଖକୁ ମନେ ରଖନ୍ତିନି। ପିଲାଟିଏ ୧୬-୧୭ ବର୍ଷ ହେବା ପରେ ତା'ର ପ୍ରଥମ ଥର ସରକାରୀ ଆଇଡି କାର୍ଡ ତିଆରି ହୋଇଥାଏ। ସରକାରୀ ଅଫିସର ନିଜ ମନଇଚ୍ଛା ଜନ୍ମ ତାରିଖ ଲେଖି ଦିଅନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଅଧିକାଂଶ ଲୋକଙ୍କର ଜନ୍ମଦିନ ୧ ଜାନୁଆରୀ ବୋଲି ଲେଖା ହୋଇଥାଏ। ଜଣେ ଜୁନ୍ କି ଫେବୃଆରୀରେ ଜନ୍ମ ହେଲେ ବି ତା'ର ଜନ୍ମ ପ୍ରମାଣପତ୍ରରେ ୧ ଜାନୁଆରୀ ଲେଖାଯାଇଥାଏ। ଉତ୍ତର କୋରିଆର ଜନସଂଖ୍ୟାରେ ୭୦% ଲୋକ ଗାଁରେ ରୁହନ୍ତି। ତନ୍ମଧ୍ୟରୁ ମାତ୍ର ୧୨% ଲୋକଙ୍କର ଜନ୍ମ ତାରିଖ ହସ୍‌ପିଟାଲରେ ରେଜିଷ୍ଟର ଥାଏ। ଏଠାରେ ଅଧିକାଂଶ



ପାସ୍‌ପୋର୍ଟରେ ଜନ୍ମତାରିଖ ଜାନୁଆରୀ କିମ୍ବା ଜୁଲାଇ ୧ ଲେଖାଯାଇଥାଏ। କେବଳ ସହରର ଧନୀ ଲୋକମାନେ ହିଁ ସେମାନଙ୍କ ଜନ୍ମଦିନକୁ ମନେ ରଖିଥାନ୍ତି। ଏସବୁ ସତ୍ତ୍ୱେ ଏଠାରେ ସ୍କୁଲ, କାରଖାନା ଓ ସେନା ଶିବିରଗୁଡ଼ିକରେ ଜନ୍ମଦିନ ପାଳନ କରାଯାଏ। ହେଲେ ଲୋକେ ପାଳୁଥିବା ଜନ୍ମଦିନ ସରକାରଙ୍କ ଦ୍ୱାରା ସ୍ଥିର ହୋଇଥାଏ।

# ବ୍ୟକ୍ତିଗତ ତଥ୍ୟ ରଖୁଛି ମୋବାଇଲ

ଆଇଆଇଟି ଦିଲ୍ଲୀ ଆଣ୍ଡ୍ରଏଡ୍ ଫୋନ୍‌କୁ ନେଇ ଏକ ଗବେଷଣା କରିଛି। ଆଇଆଇଟି ଦିଲ୍ଲୀର ପ୍ରଫେସର ସ୍ମୃତି ରଞ୍ଜନ ସାରଙ୍ଗ ଏମଟେକ୍ ଛାତ୍ରମାନଙ୍କ ସହିତ ମିଶି ଆଣ୍ଡ୍ରଏଡ୍ ଫୋନ୍‌କୁ ନେଇ ଏକ ଗବେଷଣା କରିଛନ୍ତି। ଏହି ଗବେଷଣାରେ ମୋବାଇଲର ଜିପିଏସ୍‌କୁ ନେଇ ବଡ଼ ଖୁଲାସା କରାଯାଇଛି। କୌଣସି ଆପ୍‌କୁ ଡାଉନ୍‌ଲୋଡ୍ କରିବା ସମୟରେ ସେଥିରେ ଲୋକେସନ ଟ୍ରାକ୍ କରିବାର ଅନୁମତି ଦେଖାଇ ଥାଏ। ଯାହାକି ବ୍ୟକ୍ତିଗତ ସୁରକ୍ଷା ପ୍ରତି ବିପଜ୍ଜନକ ହୋଇଥାଏ। ଲୋକେସନ ଟ୍ରାକ୍ ମାଧ୍ୟମରେ ଜଣଙ୍କର କାର୍ଯ୍ୟକଳାପକୁ ଟ୍ରାକ୍ କରାଯାଇପାରିବ। କହିବାକୁ ଗଲେ ମୋବାଇଲ ପ୍ରତିଟି ମୁହୂର୍ତ୍ତର ତଥ୍ୟକୁ ଟିକ୍‌ନିକ୍ ଏକତ୍ର କରେ। ସେହିପରି ଫୋନ୍ କେବଳ ଲୋକେସନ ଟ୍ରାକ୍ କରି ନ ଥାଏ, ବରଂ ଜଣେ ଏକା କିମ୍ବା କାହା ସହ ଅଛି, ଲିଫ୍ଟରେ ଅଛି କି ନାହିଁ ତାହା ମଧ୍ୟ ଜଣାପଡ଼ିଯାଏ। ପ୍ରଫେସର ଉଦାହରଣ ଦେଇ କହିଛନ୍ତି,ଜଣେ ଛାତ୍ର ଦୌଡ଼ିବାକୁ ଗଲେ, ଦୌଡ଼ିବା ପରେ ସେ ଯେମିତି ତା'ଙ୍କ ଫୋନ୍ ଦେଖିଛନ୍ତି, ତାଙ୍କୁ ପ୍ରୋଟିନ ସେକ୍ ବିଜ୍ଞାପନ ଆସିଲା। ସେହି ଛାତ୍ର ଜଣକ ପୂର୍ବରୁ କୌଣସି ପ୍ରୋଟିନ୍ ସେକ୍ ବାବଦରେ ସର୍ଚ୍ଚ ଇଞ୍ଜିନ୍‌ରେ ସର୍ଚ୍ଚ କରି ନ ଥିଲେ। ତେଣୁ ଏଥିରୁ ଜଣାପଡୁଛି ଯେ, ଦେଶର ଭିଆଇପି ଏବଂ ଭିଭିଆଇପିଙ୍କ ସୁରକ୍ଷା ପ୍ରତି ବିପଦ ରହିଛି। ସାଧାରଣ ଲୋକଙ୍କୁ ଏହା ମାଧ୍ୟମରେ ବ୍ଲାକ୍‌ମେଲ୍ କରିବା ମଧ୍ୟ ସହଜ ହୋଇଯିବ। ତେବେ ଏଥିରୁ ରକ୍ଷା ପାଇବାର ସହଜ ଉପାୟ ହେଉଛି, କୌଣସି ଆପ୍‌କୁ ଲୋକେସନ ଟ୍ରାକ୍ କରିବାର ଅନୁମତି ଦେବା ଉଚିତ ନୁହେଁ। ଯଦି ଅନୁମତି ପ୍ରଦାନ କରୁଛନ୍ତି, ତେବେ ଆପ୍ ବ୍ୟବହାର କରିବା ସମୟରେ କେବଳ ଟ୍ରାକ୍ ଅନୁମତି ଦେବା ଉଚିତ।



# ଚାପୁଡ଼ା ମାରିବା ଚାକିରି



ଅଧିକାଂଶ ଲୋକ ଫେସବୁକ୍, ହ୍ୱାଟସ୍‌ଆପ୍‌ରେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରୁଛନ୍ତି। ସାମାଜିକ ଗଣମାଧ୍ୟମର ଏଭଳି ଆସକ୍ତି ଯୋଗୁ ଲୋକେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେଉଛନ୍ତି। ଏହି କ୍ରମରେ ଏକଦା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଉଦ୍ୟୋଗପତି ମନୀଷ ସେଠି ତାଙ୍କର ଫେସ୍‌ବୁକ୍ ଚଳାଇବା ଅଭ୍ୟାସ ଉପରେ ରୋକ୍ ଲଗାଇବାକୁ ନିଆରା ଚାକିରିର ବିଜ୍ଞାପନ ଦେଇଥିଲେ। ଘଟଣାଟି ୨୦୧୨ ମସିହାର। ସେତେବେଳେ ମନୀଷ 'ପାବଲୋକ' କମ୍ପାନିକୁ ଚଳାଉଥିଲେ। ସେ ସମୟରେ ସେ ଘଣ୍ଟା ଘଣ୍ଟା ଧରି ଫେସ୍‌ବୁକ୍‌ରେ ବ୍ୟସ୍ତ ରହୁଥିଲେ। ଏହି କାରଣରୁ ମନୀଷଙ୍କ କମ୍ପାନିର ବ୍ୟବସାୟ ମଧ୍ୟ ହ୍ରାସ ପାଇଲା। ତେଣୁ ନିଜର ଏହି ଖରାପ ଅଭ୍ୟାସକୁ ଦୂରେଇବାକୁ ସେ ଏକ ଅଜବ ବିଜ୍ଞାପନ ଦେଇଥିଲେ। ସେ ଏହି ବିଜ୍ଞାପନରେ ଲେଖିଥିଲେ ଯେ, 'ମୋତେ ଏମିତି ଏକ ପାର୍ଟନର ଦରକାର ଯିଏ ମୋ ପାଖରେ ସବୁବେଳେ ବସିବ, ସ୍କ୍ରିନ୍ ଉପରେ ନଜର ରଖିବ। ମୁଁ ଫେସ୍‌ବୁକ୍ ଖୋଲିବା ମାତ୍ରେ ସେ ମୋ ଉପରେ ଚିଲ୍ଲାଇବ ଓ ଆବଶ୍ୟକ ପଡ଼ିଲେ ଚାପୁଡ଼ା ମାରିବ। ଏହି କାର୍ଯ୍ୟ ନିମନ୍ତେ ପ୍ରତିଘଣ୍ଟା ପାଇଁ ସେ ଆଜିକା ଜମାନାରେ ଭାରତୀୟ ମୁଦ୍ରାରେ ୭୧୦ ଟଙ୍କା ଦେବାକୁ ଧାର୍ଯ୍ୟ କରିଥିଲେ। ଯୋଗ୍ୟ ପ୍ରାର୍ଥୀ ଜଣକ ମନୀଷଙ୍କ ଘର କିମ୍ବା କେଫେରେ କାମ କରିବେ। ଶେଷରେ କାରା ନାମ୍ନୀ ଜଣେ ମହିଳାଙ୍କୁ ଏହି ଚାକିରି ମିଳିଥିଲା। ଏହାପରେ 'ସ୍ଲାପ୍ ଚ୍ୟାଲେଞ୍ଜ' ଆରମ୍ଭ ହୋଇଥିଲା। ମନୀଷ ଯେତେବେଳେ ବି ଫେସ୍‌ବୁକ୍ ଖୋଲୁଥିଲେ, କାରା ତାଙ୍କୁ ଚାପୁଡ଼ା ମାରୁଥିଲେ। ତେବେ ମନୀଷ ଏକଦା ବ୍ଲଗ୍‌ରେ ଲେଖିଥିଲେ ଯେ, 'କାରା ତାଙ୍କୁ ଖାଲି ଚାପୁଡ଼ା ମାରୁଥିଲେ ତାହା ନୁହେଁ, ସେ ତାଙ୍କ କାମର ବିଶ୍ଳେଷଣ ମଧ୍ୟ କରୁଥିଲେ। ଯାହାଫଳରେ ତାଙ୍କ କମ୍ପାନିର କାର୍ଯ୍ୟଦକ୍ଷତା ୯୮%କୁ ବୃଦ୍ଧି ପାଇଥିଲା।'

# ଭାଷଣରେ ବିଶ୍ୱ ରେକର୍ଡ




ଅନେକ ଲୋକ ଖୁବ୍ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ରେକର୍ଡ କରିଥାନ୍ତି। ଏହି କ୍ରମରେ ଭାରତର ଲୋକପ୍ରିୟ ମୋଟିଭେସ୍‌ନାଲ୍ ସ୍ପିକର୍ ସୌରଭ ଜୈନ ଲଗାତାର ୩୦ ଘଣ୍ଟା ଧରି ଭାଷଣ ଦେଇ ବିଶ୍ୱ ରେକର୍ଡ କରିଛନ୍ତି। ଜୟପୁର ବିର୍ଲା ଅଡିଟୋରିୟମ୍‌ରେ ଆୟୋଜିତ ଶିକ୍ଷା ମହୋତ୍ସବ ୨୦୨୫ରେ ଯୋଗ ଦେଇ ସେ ଏହି ନିଆରା ରେକର୍ଡ କରିଛନ୍ତି। 'ଶିଖେଗା ଭାରତ ତଭି ତୋ ଆଗେ ବଢ଼େଗା ଭାରତ' ଥିମ୍ ଆଧାରିତ ଏହି ଆୟୋଜନ ବିଦ୍ୟାର୍ଥୀ, ଶିକ୍ଷକ ଓ ପ୍ରେରଣାଦାୟୀ ବକ୍ତାଙ୍କ ମଧ୍ୟରେ ଏକ ନୂତନ ଶକ୍ତି ସଞ୍ଚାର କରିଥିଲା। ତେବେ ସୌରଭଙ୍କ ଏହି ଯାତ୍ରା ଏତେ ସହଜ ନ ଥିଲା। ଆଠ ବର୍ଷର ପ୍ରସ୍ତୁତି, ୪୦,୦୦୦ ଘଣ୍ଟାର ପାଠପଢ଼ା ଓ ୧୫୦୦ ପୁସ୍ତକ ଅଧ୍ୟୟନର ଏହା ପରିଣାମ ଥିଲା। ସୌରଭ ନିଜ ଭାଷଣରେ ଆତ୍ମବିଶ୍ୱାସ, ଆତ୍ମନିର୍ଭରତା, ଆତ୍ମହତ୍ୟାରୁ ରକ୍ଷା ପାଇବାର ଉପାୟ, ଅବସାଦ, ସମୟର ସଦୁପଯୋଗ, ଦୃଢ଼ ନେତୃତ୍ୱ, ସକାରାତ୍ମକ ଚିନ୍ତାଧାରା ଭଳି ୧୦୦ଟି ପ୍ରସଙ୍ଗ ଉପରେ ଚର୍ଚ୍ଚା କରିଥିଲେ। ଏଥିସହ ସେ କହିଥିଲେ, ଆମେ କହୁଥିବା ଶବ୍ଦରେ ଅସୀମ ଶକ୍ତି ରହିଛି। ଶବ୍ଦ କୌଣସି ବ୍ୟକ୍ତିର ଜୀବନ ବଦଳାଇ ଦେଇପାରେ। ତେବେ ସେ ପ୍ରତି ୬୦ ସେକେଣ୍ଡରେ ୧୩୦ରୁ ୧୪୦ ଶବ୍ଦ କହିଥିଲେ। ସମ୍ପୂର୍ଣ୍ଣ ସଭାରେ ସେ ମୋଟ ୨.୩ ଲକ୍ଷ ଶବ୍ଦ କହିଥିଲେ। ସେ ବହୁ ବର୍ଷ ଧରି ଏହି ଐତିହାସିକ ରେକର୍ଡ ପାଇଁ ପ୍ରସ୍ତୁତି କରିଥିଲେ। ଏଥିପାଇଁ ସେ ଦୈନିକ ପାଞ୍ଚଘଣ୍ଟା ପଢୁଥିଲେ। ଫିଟ୍‌ନେସ୍, ମେଡିଟେସନ୍ ଆଦି ମାଧ୍ୟମରେ ସେ ନିଜକୁ ମାନସିକ ଓ ଶାରୀରିକ ସ୍ତରରେ ମଜଭୁତ କରିଥିଲେ। ଏହି ଆୟୋଜନରେ ୭୦୦ରୁ ଉର୍ଦ୍ଧ୍ୱ ସଂସ୍ଥାନ ଓ ୨୫୦ ଜଣିଆ ଏକ ବିଶେଷଜ୍ଞ ଟିମ୍ ସାମିଲ ଥିଲେ। ଏହା ପୂର୍ବରୁ ମଧ୍ୟ ସୌରଭ ୨୦୧୮ ମସିହାରେ ୧୬ ଘଣ୍ଟା ୧୮ ମିନିଟ୍ ଓ ୨୦୨୨ ମସିହାରେ ଲଗାତାର ୨୪ ଘଣ୍ଟା ଭାଷଣ ଦେଇ ରେକର୍ଡ କରିଥିଲେ। ଚଳିତ ବର୍ଷ ସେ ଅବିରତ ୩୦ ଘଣ୍ଟା ଭାଷଣ ଦେଇ ଆତ୍ମବିଶ୍ୱାସ, ଦୃଢ଼ମନୋବଳ ଓ ଏକାଗ୍ରତା ଥିଲେ ସବୁ କିଛି ସମ୍ଭବ ହୋଇପାରିବ ବୋଲି ପ୍ରମାଣ କରିଛନ୍ତି।

# ଗ୍ରୀନ୍ ଲେଡି

ପ୍ରତ୍ୟେକ ଲୋକଙ୍କର ଏକ ପ୍ରିୟ ରଙ୍ଗ ଥାଏ। ସେହି ରଙ୍ଗ ଅନୁସାରେ, ସେମାନେ ପୋଷାକ ପିନ୍ଧିବା, ଘର ସଜାଇବାକୁ ପସନ୍ଦ କରନ୍ତି। ନ୍ୟୁୟର୍କ ବ୍ରୁକ୍‌ଲିନ୍‌ର ଏଲିଜାବେଥ୍ ସ୍ୱିଟ୍‌ହାର୍ଟଙ୍କର ସବୁଜ ରଙ୍ଗକୁ ନେଇ ଏକ ଅହେତୁକ ଦୁର୍ବଳତା ରହିଛି। ତାଙ୍କ ପୋଷାକଠାରୁ ଆରମ୍ଭ କରି ନେଇ କେଶ, ଆଖପାଖରେ ଥିବା ସମସ୍ତ ଜିନିଷକୁ ସେ ସବୁଜ ରଙ୍ଗରେ ରଙ୍ଗାୟିତ କରିଛନ୍ତି। ଏଥିପାଇଁ ତାଙ୍କୁ ବ୍ରୁକ୍‌ଲିନ୍‌ର ଗ୍ରୀନ୍ ଲେଡି ବୋଲି କୁହାଯାଉଛି। ୧୯୪୧ ମସିହାରେ କାନାଡ଼ା ନୋବା ସ୍କୋଟିୟାରେ ଜନ୍ମିତ ଏଲିଜାବେଥ୍ ପିଲାବେଳୁ ରଙ୍ଗ ଦୁନିଆ ସହ ସଂଶ୍ଳିଷ୍ଟ। ଏଲିଜାବେଥ୍‌ଙ୍କ ମତରେ, ସବୁଜ ରଙ୍ଗ ସବୁବେଳେ ତାଙ୍କର ପସନ୍ଦିତ ରଙ୍ଗ ଥିଲା। ଏହା ପ୍ରକୃତିକୁ ପ୍ରତିନିଧିତ୍ୱ କରେ ବୋଲି ସେ କୁହନ୍ତି। ୧୯୬୪ ସେ ତାଙ୍କ ସ୍ୱପ୍ନ ପୂରଣ ପାଇଁ ନ୍ୟୁୟର୍କ ପଳାଇଥିଲେ। ଧୀରେଧୀରେ ସେ ଫେସନ୍ ଇଣ୍ଡଷ୍ଟ୍ରୀର ଜଣେ ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ। ସେ ଅନେକ ସେଲିବ୍ରିଟିଙ୍କ ଫେସନ୍ ଡିଜାଇନର୍ ପାଲଟିଗଲେ। ୧୯୮୭ ମସିହାରେ ସେ ନିଜର ଏକ ଷ୍ଟୁଡିଓ ଖୋଲିଲେ। ଏଠାରେ ୧୫ ବର୍ଷ ଧରି କାମ କରିଥିଲେ। ଏହାପରେ ସେ ତାଙ୍କ ଜୀବନକୁ ପୂରାପୂରି ସବୁଜମୟ କରିବା ପାଇଁ ନିଷ୍ପତ୍ତି ନେଲେ। ପୋଷାକ ସହ ଘରର ପ୍ରତ୍ୟେକ କୋଣ ଅନୁକୋଣ, ଜୋତା, ଏପରିକି କେଶର ରଙ୍ଗ ମଧ୍ୟ ସବୁଜ କରିଛନ୍ତି। ତାଙ୍କ ଘର ଗ୍ରୀନ୍ ମ୍ୟୁଜିୟମ୍ ଭଳି ଲାଗେ। ତାଙ୍କ ପାଖରେ ୩୦ରୁ ଅଧିକ ସବୁଜ ରଙ୍ଗର ଜୋତା ମଧ୍ୟ ରହିଛି। ଏଲିଜାବେଥ୍‌ଙ୍କ ଘରକୁ ଯେ କେହି ଗଲେ ଏକ ଭିନ୍ନ ଦୁନିଆର ଅନୁଭୂତି ନେଇଥାନ୍ତି। ସବୁଜ ତାଙ୍କ ପାଇଁ କେବଳ ଏକ ରଙ୍ଗ ନୁହେଁ ଜୀବନର ଆଦର୍ଶ ପାଲିଟିଛି ବୋଲି ଏଲିଜାବେଥ୍ କୁହନ୍ତି।



# 'ରାମାୟଣ ପାର୍ଟ ୨' ଆସିବାରେ ହେବ ବିଳମ୍ବ

ରଣବୀର କପୁର ଏବେ ବଲିଉଡ୍‌ର ସୁପରଷ୍ଟାର୍ ଭାବେ ଜଣାଯାଉଛନ୍ତି। ତାଙ୍କ ହାତରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟ ରହିଛି। ଇତିମଧ୍ୟରେ ରଣବୀର 'ରାମାୟଣ ପାର୍ଟ ୧'ର ସୁଟିଂ ସାରି ଦେଇଛନ୍ତି। ଏହାପରେ ସେ ସଞ୍ଜୟ ଲୀଲା ଭଁସାଲୀଙ୍କ 'ଲଭ୍ ଆଣ୍ଡ ୱାର୍'ର ସୁଟିଂ ଆରମ୍ଭ କରିଛନ୍ତି। 'ରାମାୟଣ'କୁ ଦୁଇଟି ପାର୍ଟରେ ନିର୍ମାଣ କରାଯାଉଛି। ପ୍ରଥମ ପାର୍ଟର ସୁଟିଂ ସରିଯାଇଛି। ଏହା ୨୦୨୬ ଦୀପାବଳି ଅବସରରେ ଆସିବ। ଏହାର ଦ୍ୱିତୀୟ ପାର୍ଟକୁ ୨୦୨୭ ଦୀପାବଳି ଅବସରରେ ରିଲିଜ୍ କରାଯିବା ପାଇଁ ପୂର୍ବରୁ ଘୋଷଣା କରାଯାଇଛି। ରଣବୀର ଏକାସାଙ୍ଗେ 'ରାମାୟଣ'ର ଦୁଇଟି ପାର୍ଟର ସୁଟିଂ ସାରିବାକୁ ଚାହୁଁଥିଲେ। କାରଣ ଏହା ତାଙ୍କ 'ଲଭ୍ ଆଣ୍ଡ ୱାର୍' ଫିଲ୍ମର ଲୁକ୍‌ଠାରୁ ଅଲଗା ଥିଲା। ସଞ୍ଜୟଙ୍କ ଏହି ଫିଲ୍ମରେ ସେ ବହୁତ ପତଳା ଦେଖାଯିବାର ଅଛି। ଏଥିପାଇଁ ସେ 'ରାମାୟଣ'ର ଦୁଇଟି ପାର୍ଟର ସୁଟିଂ ପରେ 'ଲଭ୍ ଆଣ୍ଡ ୱାର୍' କରିବାର ଥିଲା। 'ରାମାୟଣ'ର ପ୍ରିପ୍ରଡକ୍ସନ କାମ ବିଳମ୍ବ ହେବାରୁ ରଣବୀର ସଞ୍ଜୟଙ୍କ ସହ ସୁଟିଂ ଆରମ୍ଭ କରିଦେଲେ। ସଞ୍ଜୟଙ୍କ ଫିଲ୍ମଗୁଡ଼ିକର ସୁଟିଂ ଦୀର୍ଘ ଦିନ ଧରି ଚାଲେ। 'ଲଭ୍ ଆଣ୍ଡ ୱାର୍' ପାଇଁ ମଧ୍ୟ ସଞ୍ଜୟ ୨୦୦ ଦିନର ସୁଟିଂ ସିଡ୍ୟୁଲ ରଖିଛନ୍ତି। ଏବେ ରଣବୀର ଏହି ଫିଲ୍ମର ସୁଟିଂ ସାରିବା ପରେ ହିଁ 'ରାମାୟଣ ପାର୍ଟ ୨'ର ସୁଟିଂ ଆରମ୍ଭ କରିବେ। ଏଥିପାଇଁ ଏହି ଫିଲ୍ମ ଏବେ ୨୦୨୭ ଦୀପାବଳି ପରିବର୍ତ୍ତେ ଆହୁରି ବିଳମ୍ବରେ ରିଲିଜ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ଉନ୍ନତି ହେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। କଥାରେ ମଧୁରତା ରଖିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଅର୍ଥ ସଞ୍ଚୟ କରିବେ। ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଶ୍ରୀମନ୍ଦିରରେ ଘୋଡ଼ଲାଗି ନୀତି

# ମହାପ୍ରଭୁ ପିନ୍ଧିଲେ ଶୀତବସ୍ତ୍ର



ପୁରୀ,୨୬।୧୧ (ସମିସ): ବୁଧବାର ଶ୍ରୀମନ୍ଦିରରେ ଓଢ଼ଣ ଷଷ୍ଠୀ ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କ ଘୋଡ଼ଲାଗି କରାଯାଇଛି। ସକାଳ ଧୂପ ବଢ଼ିବା ପରେ ଠାକୁରଙ୍କ ମଇଲମ କରାଯାଇଥିଲା। ପୂର୍ବ ରାତିରେ ଭୋଗମଣ୍ଡପ ଘରେ ଅଧିବାସ ହୋଇଥିବା ଘୋଡ଼ଗୁଡ଼ିକୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରାଯାଇ ରତ୍ନସିଂହାସନକୁ ନିଆଯାଇଥିଲା। ପୁଷ୍ପାଳକ ସେବକମାନେ ତିନିଠାକୁରଙ୍କୁ ପାଗ ଓ ଘୋଡ଼ଲାଗି କରିଥିଲେ। ମହାପ୍ରଭୁଙ୍କ ଏହି ଘୋଡ଼ରେ ସୂତାବସ୍ତ୍ର, ଖଣ୍ଡୁଆପାଟ, ଭେଲ୍‌ଭେଟ୍ କପଡ଼ାର ବସ୍ତ୍ର, ଟୋପର, ମଫଲର ପ୍ରଭୃତି ଲାଗି କରାଯାଇଥିଲା। ଘୋଡ଼ଲାଗି ସରିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ମଧ୍ୟ ଲାଗି କରାଯାଇଥିଲା। ପରେ ବନ୍ଦାପନା ସରି ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ମାର୍ଗଶୀର ଶୁକ୍ଳ ଷଷ୍ଠୀରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ବିଗ୍ରହମାନେ ଘୋଡ଼ ପରିଧାନ କରିଥା'ନ୍ତି। ସପ୍ତାହର ୭ ଦିନରେ ୭ ରଙ୍ଗର ଘୋଡ଼ବସ୍ତ୍ର ଲାଗି ହୋଇଥା'ନ୍ତି। ରବିବାର ଲାଲ୍, ସୋମବାର କଳାଛିଟା ମିଶା ଶୁକ୍ଳ, ମଙ୍ଗଳବାର ବାରପଟିଆ (୫ ରଙ୍ଗ ମିଶା), ବୁଧବାର ନୀଳ, ଗୁରୁବାର ବସନ୍ତ (ହଳଦିଆ), ଶୁକ୍ରବାର ଶୁକ୍ଳ (ଧଳା) ଓ ଶନିବାର କଳା ରଙ୍ଗର ଘୋଡ଼ଲାଗି ହୋଇଥା'ନ୍ତି।

ଉଲ୍ଲେଖଯୋଗ୍ୟ, ଶ୍ରୀଜଗନ୍ନାଥ ମହାପ୍ରଭୁ ପରମପାବନ ପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ କରିଛନ୍ତି। ଶ୍ରୀମନ୍ଦିରରେ ଭାଇଭଉଣୀଙ୍କ ସହ ଅବସ୍ଥାନ କରି ମାନବୀୟ ଲୀଳା କରୁଛନ୍ତି। ଏହି କ୍ରମରେ ଖରାଦିନେ ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ଚନ୍ଦନ ଯାତ୍ରା କରିଥା'ନ୍ତି। ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ସହ ମିଶି ଜଳକ୍ରୀଡ଼ା କରନ୍ତି। ସେହିପରି ଶୀତଦିନେ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ସାଧାରଣ ମଣିଷଟିଏ ଭଳି ଶୀତବସ୍ତ୍ର ପରିଧାନ କରିଥା'ନ୍ତି। ମାର୍ଗଶିର ମାସରେ ଅଧିକ ଶୀତ ହୋଇଥାଏ। ତେଣୁ ଶୀତରୁ ରକ୍ଷା ପାଇବା ପାଇଁ ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ଶୀତବସ୍ତ୍ର ପରିଧାନ କରିଥା'ନ୍ତି। ଏହାକୁ ଶ୍ରୀମନ୍ଦିର ଭାଷାରେ ଘୋଡ଼ଲାଗି ବୋଲି କୁହାଯାଇଥାଏ।

# ୪୧ ମାଓବାଦୀଙ୍କ ଆତ୍ମସମର୍ପଣ

**ବନ୍ଧୁକ ଛାଡ଼ି ଧରିଲେ ସମ୍ବିଧାନ**

ମାଲକାନଗିରି, ୨୬ ।୧୧(ସମିସ): ସମ୍ବିଧାନ ଦିବସରେ ମାଓବାଦୀଙ୍କ ହାତରେ ସମ୍ବିଧାନ ବହି ଧରାଇଲା ପୁଲିସ। ମାଲକାନଗିରି-ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲ୍ଲାରେ ଆଜି ୪୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଦକ୍ଷିଣ ବସ୍ତର ସବ୍-ଜୋନାଲ କମିଟିର ୩୯ ଜଣ ମାଓବାଦୀ ରହିଥିବା ବେଳେ ତେଲେଙ୍ଗାନା ରାଜ୍ୟ କମିଟି ଏବଂ ଧମତାରି ଗାରିଆବନ୍ଦ ନୂଆପଡ଼ା ଡିଭିଜନ୍‌ର ମାଓବାଦୀମାନେ ମଧ୍ୟ ରହିଛନ୍ତି। ଏମାନଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ୧କୋଟି ୧୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏଥିରେ ୧୨ ଜଣ ମହିଳା କ୍ୟାଡର୍ ଏବଂ ୨୯ ଜଣ ପୁରୁଷ କ୍ୟାଡର୍‌ଙ୍କୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟସ୍ରୋତକୁ ଫେରିଥିବା ମାଓବାଦୀ କ୍ୟାଡର୍‌ମାନେ ଭାରତୀୟ ସମ୍ବିଧାନରେ ବିଶ୍ୱାସ ପ୍ରକାଶ କରିଛନ୍ତି। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ସମ୍ମାନଜନକ ଏବଂ ସୁରକ୍ଷିତ ଜୀବନଯାପନ କରିବାକୁ ସଂକଳ୍ପ ନେଇଛନ୍ତି।

**ପବନରେ ଜହର**

# ଦିଲ୍ଲୀକୁ ଟପିଲା ଅନୁଗୋଳ ଏକ୍ୟୁଆଇ

**■ ଅସ୍ୱାସ୍ଥ୍ୟକର ବାୟୁ ଶ୍ରେଣୀରେ ଅନୁଗୁଳ**
**■ କଟକ-ଭୁବନେଶ୍ୱର ସ୍ଥିତି ଭୟଙ୍କର**

ଭୁବନେଶ୍ୱର,୨୬ ।୧୧(ସମିସ): ସାରା ଦେଶରେ ବର୍ତ୍ତମାନ ଦିଲ୍ଲୀ ବାୟୁ ପ୍ରଦୂଷଣକୁ ନେଇ ଚିନ୍ତାଜନକ ହୋଇଛି। ମାତ୍ର ଓଡ଼ିଶାରେ ମଧ୍ୟ ବାୟୁର ଗୁଣବତ୍ତାମାନ କ୍ରମାଗତ ହ୍ରାସ ପାଇ ଦିଲ୍ଲୀ ପ୍ରଦୂଷଣକୁ ବି ଅତିକ୍ରମ କରିଛି। ଯଦିଓ ରାଜ୍ୟ ଓ ଜାତୀୟସ୍ତରରେ ଓଡ଼ିଶାର ବାୟୁ ପ୍ରଦୂଷଣକୁ ନେଇ ବିଶେଷ ଚର୍ଚ୍ଚା ହେଉ ନାହିଁ; ହେଲେ ଓଡ଼ିଶାର ଅନେକ ସ୍ଥାନରେ ଲୋକେ ପ୍ରଦୂଷଣ ଭୟରେ ଘରୁ ବାହାରିବାକୁ ମଧ୍ୟ ଭୟ କରୁଛନ୍ତି। ବିଶେଷ କରି ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଣା ହେଉଥିବା ଅନୁଗୁଳରେ ସ୍ଥିତି ସବୁଠୁ ଜଟିଳ ହୋଇପଡ଼ିଛି। କାରଣ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ବୁଲେଟିନ୍ ଅନୁଯାୟୀ ବୁଧବାର ଅନୁଗୁଳରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆଇ) ଦେଶର ୩ ନଂ ସ୍ଥାନରେ ରହିଛି। ଦିଲ୍ଲୀରେ ଏକ୍ୟୁଆଇ ୩୨୭ ଥିବା ବେଳେ ଅନୁଗୁଳରେ ଏକ୍ୟୁଆଇ ୩୩୭ ରେକର୍ଡ କରିଛି।

ଶୀତ ଋତୁ ଆରମ୍ଭ ହେଲେ ରାଜ୍ୟର ଏକାଧିକ ସହରରେ ବାୟୁ ପ୍ରଦୂଷଣ ହେବାରେ ଲାଗେ। ଦେଶରେ ସବୁଠାରୁ ପ୍ରଦୂଷିତ ସହର ଭାବେ ଦିଲ୍ଲୀକୁ ଗଣାଯାଉଥିଲେ ମଧ୍ୟ ଓଡ଼ିଶା ଏହି ତାଲିକାରେ ଯୋଡ଼ି ହେବା ପରିବେଶବିତମାନଙ୍କ ପାଇଁ ଚିନ୍ତା ବଢ଼ାଇଛି। କେବଳ ଅନୁଗୁଳ ନୁହେଁ ଦ୍ୱୈତ ସହର କଟକ ଓ ଭୁବନେଶ୍ୱରରେ ମଧ୍ୟ ପ୍ରଦୂଷଣ ବଳୟ ସୃଷ୍ଟି ହୋଇଛି। ବୁଧବାର ଏହି ଦୁଇ ସହରରେ ଏକ୍ୟୁଆଇ ୩୦୮ରେ ପହଞ୍ଚିଛି। ଯାହାକି ଅତି ଅସ୍ୱାସ୍ଥ୍ୟକର ଶ୍ରେଣୀରେ ଆସୁଛି। ପ୍ରଦୂଷଣ ଅସହ୍ୟ ହେବାରୁ ଦେଶର ରାଜଧାନୀ ଦିଲ୍ଲୀରେ ୱାର୍କ ଫ୍ରମ୍ ହୋମ୍ ଚାଲିଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରଦୂଷଣ ସ୍ଥିତି ଉଦବେଗଜନକ ରହିଥିଲେ ମଧ୍ୟ ସଚେତନତା ଅଭାବରୁ ଲୋକମାନେ ନିଃଶ୍ୱାସ ପ୍ରଶ୍ୱାସରେ ଅସ୍ୱାସ୍ଥ୍ୟକର ବାୟୁ ଗ୍ରହଣ କରୁଛନ୍ତି। ଏହି ପ୍ରଦୂଷିତ ବାୟୁର ସଂସ୍ପର୍ଶରେ ଅଧିକ ସମୟ ଆସିଲେ ଏହା ଶ୍ୱାସକ୍ରିୟା ଜନିତ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି ସିପିସିବି ଚେତାଇ ଦେଇଛି। ଅନୁଗୁଳ ପରେ ଭୁବନେଶ୍ୱର ଓ କଟକର ଏକ୍ୟୁଆଇ ସବୁଠୁ ଅଧିକ ରହୁଛି। ତେଣୁ ରାଜ୍ୟର ଏହି ଦୁଇ ପ୍ରମୁଖ ସହର ମଧ୍ୟ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଯୋଡ଼ି ହୋଇଯାଇଛି। ପ୍ରଦୂଷଣ ବଢ଼ିବା ଯୋଗୁଁ ରାଜଧାନୀରେ ଦିନ ବେଳା କୁହୁଡ଼ି ଭଳି ସ୍ଥିତି ଦେଖିବାକୁ ମିଳୁଛି। ଆକାଶ ଧୂଆଁଳିଆ ରହିବା ସହ ଦୃଶ୍ୟମାନ ଦୂରତା କମିଯାଉଛି।

ଅନ୍ୟପଟେ ଚଳିତ ବର୍ଷ ଅନୁଗୁଳ ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର-୨୦୨୫ ମିଳିଛି। ବାୟୁ ପ୍ରଦୂଷଣ ରୋକିବାରେ ଅନୁଗୁଳ ଦେଶରେ ତୃତୀୟ ଓ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ହେଲେ ବାସ୍ତବ ସ୍ଥିତିରେ ଅନୁଗୁଳ ବାୟୁ ପ୍ରଦୂଷଣ ସାରା ରାଜ୍ୟ ପାଇଁ ଆହ୍ୱାନ ହୋଇଛି। କେଉଁ ମାନଦଣ୍ଡକୁ ଆଧାର କରି ଅନୁଗୁଳକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅନୁସାରେ, ବାୟୁ ମଣ୍ଡଳରେ ଧୂଳିକଣା ବାର୍ଷିକ ପ୍ରତି ୧ ଘନ ମିଟର ବାୟୁରେ ହାରାହାରି ୬୦ ମିଲିଗ୍ରାମ ରହିବା କଥା। କିନ୍ତୁ ଗତ କିଛି ବର୍ଷ ହେଲା ଏହା ହାରାହାରି ୮୫ ମିଲିଗ୍ରାମ ରହୁଛି। ଯାହା ଫଳରେ ପ୍ରଦୂଷଣ ବୃଦ୍ଧି ପାଉଛି।

# ୬ ପ୍ରତିଭାଦୀପ୍ତଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ

ଭୁବନେଶ୍ୱର,୨୬।୧୧(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ୨୦୨୩ ବର୍ଷ, ୨୦୨୪ବର୍ଷ ଓ ୨୦୨୫ ବର୍ଷ ପାଇଁ ନୃତ୍ୟ, କଣ୍ଠ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ, ନାଟ୍ୟକଳା ଓ ଲୋକକଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଓ ସଂସ୍କୃତି କ୍ଷେତ୍ରରେ ଥିବା ବିଶେଷ ଅବଦାନକୁ ଆଧାରକରି ଓଡ଼ିଶା ସଂଗୀତ ନାଟକ ଏକାଡେମୀର ମର୍ଯ୍ୟାଦାଜନକ ସର୍ବୋଚ୍ଚ ସମ୍ମାନ "କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ', 'ଏକାଡେମୀ ପୁରସ୍କାର', 'ଉପାୟନ' ଏବଂ 'କବିଚନ୍ଦ୍ର କାଳିଚରଣ ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ୨୦୨୩ ବର୍ଷ ପାଇଁ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ପ୍ରଣବ କିଶୋର ପଟ୍ଟନାୟକ ଓ ମୋଗଲ ତାମସା ବିଶାରଦ ବାଦଲ ସିକଦାରଙ୍କୁ ମିଳିଛି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ। ସେହିପରି ୨୦୨୪ ବର୍ଷ ପାଇଁ ଖ୍ୟାତନାମା ବଂଶୀବାଦକ ମୋହିନୀ ମୋହନ ପଟ୍ଟନାୟକ, ସୁଧାକର ସାହୁ(ଓଡ଼ିଶୀ ନୃତ୍ୟ) ଏବଂ ୨୦୨୫ ବର୍ଷ ପାଇଁ ଓଡ଼ିଶୀ କଣ୍ଠ ସଙ୍ଗୀତ କ୍ଷେତ୍ରରେ ଘନଶ୍ୟାମ ପଣ୍ଡା ଓ ଶବ୍ଦ ନୃତ୍ୟ ନିମନ୍ତେ ଭାଗବତ ପଧାନଙ୍କୁ ପ୍ରଦାନ କରାଯାଇଛି ।

ଅନ୍ୟପକ୍ଷରେ ୨୦୨୩ ବର୍ଷ ପାଇଁ ସମିତା ରାଣୀ ମହାନ୍ତି, ପ୍ରେମାଞ୍ଜନ ପରିଡ଼ା, ଅନୁଜ କୁମାର ପଟ୍ଟନାୟକଙ୍କୁ ଅଭିନୟ ପାଇଁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ପୁନଶ୍ଚ ନାଟ୍ୟରଚନା, ନିର୍ଦ୍ଦେଶନା, ମଞ୍ଚକଳା, ଶବ୍ଦ, ଆଲୋକ, ଭକ୍ତି ସଙ୍ଗୀତ, ସୁଗମ ସଙ୍ଗୀତ, ସଙ୍ଗିତ ନିର୍ଦ୍ଦେଶକ, ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ ପାଇଁ 'ସୁନନ୍ଦା ପଟ୍ଟନାୟକ ସମ୍ମାନ', ଆନଦ୍ଧ ବାଦ୍ୟ, ତବଲା,ମର୍ଦ୍ଦଳ, ଯନ୍ତ୍ରସଙ୍ଗୀତ, ପାଲା ଦାସକାଠିଆ, ଓଡ଼ିଶୀ ନୃତ୍ୟ, କଳାକ୍ଷେତ୍ରରେ ପାଣ୍ଡିତ୍ୟ ନିମନ୍ତେ ୩୦ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଏହାସହ ନୃତ୍ୟ, ସଙ୍ଗୀତ, ନାଟ୍ୟକଳା, ଲୋକକଳା ନିମନ୍ତେ ୭ଜଣଙ୍କୁ 'ଉପାୟନ' ଏବଂ ସଙ୍ଗୀତ, ନୃତ୍ୟ, ନାଟକ, ଲୋକକଳା କ୍ଷେତ୍ରରେ ବିଶିଷ୍ଟ ଅବଦାନ ନିମନ୍ତେ ୯ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ' କବିଚନ୍ଦ୍ର କାଳିଚରଣ ଯୁବପ୍ରତିଭା ସମ୍ମାନ-୨୦୨୩' ପ୍ରଦାନ କରାଯାଇଛି।

ସେହିପରି ୨୦୨୪ ବର୍ଷ ପାଇଁ ୨୯ ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ନୃତ୍ୟ, ସଙ୍ଗୀତ, ନାଟ୍ୟକଳା, ଲୋକକଳା ନିମନ୍ତେ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଉପାୟନ' ଏବଂ ୭ଜଣଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ-୨୦୨୪' ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୫ବର୍ଷ ପାଇଁ କଳାକ୍ଷେତ୍ରରେ ୨୬ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଏକାଡେମୀ ପୁରସ୍କାର' ସହ ୫ଜଣଙ୍କୁ 'ଉପାୟନ' ପ୍ରଦାନ କରାଯାଇଛି। ଏହାସହ ଜଣଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ-୨୦୨୫' ସମ୍ମାନରେ ସମ୍ମାନିତ କରାଯାଇଛି।



ବୁଧବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ସେ ଦୀର୍ଘଦିନ ହେଲା ଅଟକି ରହିଥିବା ସାହିତ୍ୟ ଏକାଡ଼େମୀ ପୁରସ୍କାର ଶୀଘ୍ର ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ,ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ, ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

**■ ୨୦୨୩ ବର୍ଷ ପାଇଁ ପ୍ରଣବ ପଟ୍ଟନାୟକ ଓ ବାଦଲ ସିକଦାର**
**■ ୨୦୨୪ ପାଇଁ ମୋହିନୀମୋହନ ପଟ୍ଟନାୟକ, ସୁଧାକର ସାହୁ**
**■ ୨୦୨୫ ବର୍ଷ ପାଇଁ ଘନଶ୍ୟାମ ପଣ୍ଡା ଓ ଭାଗବତ ପ୍ରଧାନ**

ସୂଚନାଯୋଗ୍ୟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ସମ୍ମାନିତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫ଲକ୍ଷ ଟଙ୍କା, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ସମ୍ମାନରେ ସମ୍ମାନିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୨.୫ଲକ୍ଷ ଟଙ୍କା, ଏକାଡେମୀ ପୁରସ୍କାରରେ ସମ୍ମାନିତ ବ୍ୟକ୍ତିବିଶେଷଙ୍କୁ ୨ଲକ୍ଷ ଟଙ୍କା, ଉପାୟନରେ ସମ୍ମାନିତ ବ୍ୟକ୍ତିଙ୍କ ପାଇଁ ୧ଲକ୍ଷ ଲେଖାଏଁ ଟଙ୍କା ଏବଂ କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୧୩୪ଜଣ ପ୍ରତିଭାଙ୍କୁ ସର୍ବମୋଟ ୨.୫କୋଟିରୁ ଉର୍ଦ୍ଧ୍ୱ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

**କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ମୃତ୍ୟୁ ଘଟଣା**

# ଅର୍ପିତା ଓ ୨ ମ୍ୟାନେଜରଙ୍କ ନାଁରେ ଏତଲା

କଟକ, ୨୬ ।୧୧(ସମିସ): ଓଡ଼ିଆ ସଙ୍ଗୀତ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଆକସ୍ମିକ ଓ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ପ୍ରଥମେ ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ଆଜି ମଧୁପାଟଣା ଥାନାରେ ଏତଲା ଦିଆଯାଇଛି। ସିନେ ନିର୍ଦ୍ଦେଶକ ଜିତୁ ରାଉତ ପ୍ରମୁଖ ୩ ସହଯୋଗୀଙ୍କ ଭୂମିକାକୁ ତଦନ୍ତ କରି ସତ ସାମ୍ନାକୁ ଆଣିବାକୁ ଅଭିଯୋଗ କରିଛନ୍ତି। କଣ୍ଠଶଳ୍ପୀ ଅର୍ପିତା ଚୌଧୁରୀ, ହ୍ୟାମନ୍‌ଙ୍କ ୨ ମ୍ୟାନେଜର ପ୍ରଶାନ୍ତ ଓ ଦିନେଶଙ୍କ ନାଁ ଏତଲାରେ ଉଲ୍ଲେଖ କରାଯାଇଛି। ପୁଲିସ ଏତଲାକୁ ପଞ୍ଜିକୃତ କରି ତଦନ୍ତ ଆରମ୍ଭ କରିଛି। କଣ୍ଠଶିଳ୍ପୀ ଅର୍ପିତା, ପ୍ରଶାନ୍ତ ଓ ଦୀନେଶଙ୍କୁ ଖୁବଶୀଘ୍ର ଥାନାକୁ ଡକାଯାଇ ଜେରା କରାଯିବ ବୋଲି ପୁଲିସ କହିଛି। ଅନ୍ୟପଟେ ମୃତ୍ୟୁ ସହିତ ଜଡ଼ିତ ସମସ୍ତ ବ୍ୟକ୍ତି, ପରିବାର ସଦସ୍ୟ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଲୋକଙ୍କୁ ପଚରାଉଚରା କରାଯିବ। ହ୍ୟୁମାନ୍‌ଙ୍କ ମୋବାଇଲ୍ ଫୋନ୍ ସମେତ ସମସ୍ତ ଡିଜିଟାଲ୍ ପ୍ରମାଣ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ମୋବାଇଲ୍ ରେକର୍ଡ, ବ୍ୟାଙ୍କ୍ ଆକାଉଣ୍ଟକୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜଣାପଡ଼ିଛି।

ନଭେମ୍ବର ୧୭ ତାରିଖରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ହ୍ୟୁମାନ୍‌ଙ୍କ ମୃତ୍ୟୁ ଘଟିଥିଲା। ନଭେମ୍ବର ୧୪ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।



ଡାକ୍ତରମାନେ ତାଙ୍କର ମଲ୍ଟିଅର୍ଗାନ୍ ଡିସ୍‌ଫଙ୍କସନ୍ ସିଣ୍ଡ୍ରୋମ୍, କ୍ରୋନିକ୍ ଲିଭର୍ ଫେଲିଓର୍ ଏବଂ ଦ୍ୱିପାକ୍ଷିକ ନିମୋନିଆ ଭଳି ଗୁରୁତର ରୋଗ ଚିହ୍ନଟ କରିଥିଲେ। ଏହାପର ଠାରୁ ହ୍ୟୁମାନ୍‌ଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ହ୍ୟୁମାନ୍‌ଙ୍କ ମା' ଅଭିଯୋଗ ଆଣିଥିଲେ ଯେ, କଣ୍ଠଶିଳ୍ପୀ ଅର୍ପିତା ଏବଂ ମ୍ୟାନେଜର ଦିନେଶ ଓ ପ୍ରଶାନ୍ତ ହିଁ ତାଙ୍କ ପୁଅର ମୃତ୍ୟୁ ପାଇଁ ଦାୟୀ। ଲକ୍ଷାଧିକ ଟଙ୍କା ହଡ଼ପ, ମାନସିକ ନିର୍ଯ୍ୟାତନା, ଠିକ୍ ସମୟରେ ହ୍ୟୁମାନ୍‌ର ଚିକିତ୍ସା ନକରିବା ଭଳି ସଂଗୀନ ଅଭିଯୋଗ ହୋଇଥିଲା। ବିଶେଷକରି କଣ୍ଠଶିଳ୍ପୀ ଅର୍ପିତା ଦୀର୍ଘ ବର୍ଷ ହେବ ହ୍ୟୁମାନ୍‌ଙ୍କ ସହିତ ସମ୍ପର୍କରେ ରହିଥିଲେ। ହ୍ୟୁମାନଙ୍କ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶକ ଜିତୁ ଦାବି କରିଛନ୍ତି। ତାଙ୍କ ସହ ଅନ୍ୟ କଳାକାରମାନେ ମଧ୍ୟ ଥାନାରେ ସମାନ ଅଭିଯୋଗ କରିଥିବା ଜଣାପଡ଼ିଛି। ନିର୍ଦ୍ଦେଶକ ଶ୍ରୀ ରାଉତଙ୍କ କହିବା ଅନୁସାରେ, ହ୍ୟୁମାନ ରୋଜଗାର କରିଥିବା ବିପୁଳ ଟଙ୍କା ହେରଫେର ହୋଇଛି। ମ୍ୟାନେଜର ଓ ଟିମ୍ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରି ହ୍ୟୁମାନ୍‌ଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇଥିବା କହିଛନ୍ତି। ୨ ପରିଚାଳକ ଦିନେଶ ଓ ପ୍ରଶାନ୍ତ ତାଙ୍କୁ ନିର୍ଯାତନା ଦେଉଥିଲେ ଏବଂ ତାଙ୍କ କଳାକାର ଜୀବନକୁ ନଷ୍ଟ କରିଦେବାକୁ ଚେଷ୍ଟା କରୁଥିଲେ। ସେ ଅସୁସ୍ଥ ଥିବା ସତ୍ତ୍ୱେ ଅଧିକ ଟଙ୍କା ପାଇଁ ତାଙ୍କୁ ଷ୍ଟେଜ୍ ସୋ' କରିବାକୁ ବାଧ କରାଯାଉଥିଲା। ତାଙ୍କର ୨ ପରିଚାଳକ ହ୍ୟୁମାନ୍ ସାଗରଙ୍କ ଅଗୋଚରରେ ସମସ୍ତ ଆର୍ଥିକ କାରବାର, ଷ୍ଟୁଡିଓ ରେକର୍ଡିଂ ଓ ମଞ୍ଚ ପ୍ରୋଗ୍ରାମ୍ ରଖୁଥିବା ଥାନାରେ ଅଭିଯୋଗ ହୋଇଛି।

# ଧରଣୀଧର ପାତ୍ର ବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ

ଭୁବନେଶ୍ୱର, ୨୬ ।୧୧(ସମିସ):ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ) ବା ବୋର୍ଡର ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଧରଣୀଧର ପାତ୍ର ନିଯୁକ୍ତ ହୋଇଛନ୍ତି। ବାଲେଶ୍ୱରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଏଡିଇଓ) ଭାବେସେକାର୍ଯ୍ୟରତଥିବାବେଳେବିଦ୍ୟାଳୟଓଗଣଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁରୂପ ଭାବେ ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେରଙ୍କୁ ଜଗତସିଂହପୁର ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଭାବେ ନିଯୁକ୍ତ କରାଯାଇଥିବା ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବୋର୍ଡର ପରୀକ୍ଷା ନିୟନ୍ତ୍ରକ ପଦ ଦୀର୍ଘ ଦିନ ଧରି ଫାଙ୍କା ପଡ଼ିଥିଲା। ଏଷ୍ଟାବ୍ଲିସମେଣ୍ଟ ଅଫିସର୍ ଏହାର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ପରେ ପରୀକ୍ଷା ନିୟନ୍ତ୍ରକଙ୍କ ଗୌଣ ଭୂମିକା ପଦାକୁ ଆସିବା ସହ ତତ୍କାଳୀନ ସମ୍ପାଦକ ସର୍ବେସର୍ବା ହୋଇଥିବା ଜଣାପଡ଼ିଥିଲା। ଏବେ ଏହି ପଦରେ ନୂତନ ନିଯୁକ୍ତି ଦିଆଯାଇଥିବା ବେଳେ ମାଟ୍ରିକ୍ ପରୀକ୍ଷାର ସୁପରିଚାଳନା କରିବା ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

**ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା**

# ଆଜିଠୁ ୩ ଦିନିଆ ରିମାଣ୍ଡରେ ୪ ଦଲାଲ

ଭୁବନେଶ୍ୱର, ୨୬ ।୧୧(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ତଦନ୍ତ ଜାରି ରହିଥିବାବେଳେ ଆସନ୍ତାକାଲି (ଗୁରୁବାର)ଠାରୁ ଆରମ୍ଭ ହେବ ରିମାଣ୍ଡ ପ୍ରକ୍ରିୟା। ପ୍ରଥମ ପର୍ଯ୍ୟାୟରେ ୪ ଦଲାଲ ଲୋକନାଥ ସାହୁ, ତଫିମ ଅହମ୍ମଦ ଖାନ, ବିଶ୍ୱଜିତ ହରିଚନ୍ଦନ ଓ ଏସ୍‌ଏସ୍‌ବି ଯବାନ ବିଶ୍ୱରଞ୍ଜନ ସେନାପତିଙ୍କୁ ରିମାଣ୍ଡରେ ନେଇ ସିବିଆଇ ମାରାଥନ୍ ଜେରା କରିବ। ଏମାନଙ୍କୁ ୪ ଦିନିଆ ରିମାଣ୍ଡରେ ନେବାକୁ ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଆବେଦନ କରାଯାଇଥିବାବେଳେ ୩ ଦିନିଆ ରିମାଣ୍ଡରେ ନେବାକୁ ଅଦାଲତ ଅନୁମତି ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏହି ୪ ଦଲାଲଙ୍କୁ ପଚରାଉଚୁରା କରି କିଛି ତଥ୍ୟ ହାସଲ କରିବାକୁ ସିବିଆଇ ଯୋଜନା କରିଛି। କିପରି ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରୁଥିଲେ, କାହାକୁ ରିପୋର୍ଟିଂ କରୁଥିଲେ ଓ କାହାର ଭାଗ କେତେ ଥିଲା, ସେ ସମ୍ପର୍କରେ ତଥ୍ୟ ଓଗାଳିବ। ଜେରା ସମୟରେ ଅଭିଯୁକ୍ତଙ୍କ ଓକିଲ ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣା ପଡ଼ିଛି। ସେମାନଙ୍କ ତଥ୍ୟ ଆଧାରରେ ଅନ୍ୟ ଦଲାଲଙ୍କୁ ରିମାଣ୍ଡରେ ଆଣି ଜେରା କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଜଣା ପଡ଼ିଛି। ସମସ୍ତ ତଥ୍ୟପ୍ରମାଣ ଯୋଗାଡ଼ କରିବା ପରେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକ୍‌ର ମାଲିକ ସୁରେଶ ନାୟକଙ୍କୁ ରିମାଣ୍ଡରେ ଅଣିବ। ଏଥିସହ ବସ୍ ଯୋଗାଇଥିବା ଟ୍ରାଭେଲ୍ସ ମ୍ୟାନେଜର୍ ଓ ମାଲିକଙ୍କୁ ଜେରା କରିବାକୁ ମଧ୍ୟ ସିବିଆଇ ଯୋଜନା କରୁଛି।

ଅପରପକ୍ଷରେ ଏହି ୪ ଦଲାଲ୍‌ଙ୍କ ସଂସ୍ପର୍ଶରେ ଥିବା ପରୀକ୍ଷାର୍ଥୀଙ୍କଠାରୁ ଅଧିକ ତଥ୍ୟ ସଂଗ୍ରହ ପାଇଁ ସିବିଆଇ ଅଧିକ ପରୀକ୍ଷାର୍ଥୀଙ୍କୁ ଜେରା କରିବା ପାଇଁ ଯୋଜନା କରିଛି। ଏହିକ୍ରମରେ ୧୫ରୁ ଅଧିକ ପରୀକ୍ଷାର୍ଥୀଙ୍କୁ ହାଜର ହେବାକୁ ସିବିଆଇ ନୋଟିସ କରିଛି।

**ଫାଇଲ ତଳେ ଯୋଜନା**

# ଅସ୍ତିତ୍ୱ ଖୋଜୁଛି ଓଡ଼ିଶା କୋଷ୍ଟ କେନାଲ

ବାଲେଶ୍ୱର(ଉତ୍ତର), ୨୬।୧୧ (ବିଶ୍ୱମ୍ବର ଦାସ):

ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଏକ ବିସ୍ତୃତ ଅଞ୍ଚଳର ଅର୍ଥନୈତିକ ବିକାଶ ଓ ପରିବେଶ ସନ୍ତୁଳନ ସହ ଓତପ୍ରୋତ ଭାବେ ଜଡ଼ିତ ଓଡ଼ିଶା କୋଷ୍ଟ କେନାଲ ନିଜ ଅସ୍ତିତ୍ୱ ପାଇଁ ଲଢ଼େଇ କରୁଛି। ପାଞ୍ଚ ଦଶନ୍ଧି ଧରି କ୍ରମାଗତ ଅବହେଳା କାରଣରୁ ଏକଦା ଲକ୍ଷଲକ୍ଷ ଲୋକଙ୍କର ଜୀବନରେଖା ସାଜିଥିବା ଏହି କୋଷ୍ଟ କେନାଲ ଆଜି ସଂକୁଚିତ, ଶୁଷ୍କ, ଶ୍ରୀହୀନ ଏବଂ ଲୁପ୍ତପ୍ରାୟ। ଏହାର ଅର୍ଥନୈତିକ ବିକାଶ ଏବଂ ପରିବେଶ ସନ୍ତୁଳନ କ୍ଷମତାକୁ ଆଖି ଆଗରେ ରଖି ଭାରତ ସରକାର ୨୦୦୪ ମସିହାରୁ ଅଦ୍ୟାବଧି ବିଭିନ୍ନ ସମୟରେ ସଂସଦରେ ଏନେଇ ଆଲୋଚନା କରି ଇଷ୍ଟକୋଷ୍ଟ କେନାଲ ସହ ମହାନଦୀ-ବ୍ରାହ୍ମଣୀ ନଦୀର ସଂଯୋଗୀକରଣ ମାଧ୍ୟମରେ ଜାତୀୟ ଜଳପଥ-୫ ଯୋଜନା ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି। ହେଲେ ଏପର୍ଯ୍ୟନ୍ତ ଏହା ଉପରେ କୌଣସି କାର୍ଯ୍ୟ ଆରମ୍ଭ ନହେବା ଆଶ୍ଚର୍ଯ୍ୟଜନକ ଓ ଦୁଃଖଦାୟକ।

ଅତୀତରେ ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ପାଲଟିଥିବା ଏହି କେନାଲ ଏବେ ମୃତପ୍ରାୟ ଅବସ୍ଥାକୁ ଚାଲିଆସିଛି। ଏହି ଐତିହାସିକ କେନାଲର ପୁନରୁଦ୍ଧାର କେବଳ ପ୍ରସ୍ତାବରେ ଅଟକିଛି। ଏହା କେବେ ବାସ୍ତବ ରୂପ ନେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



**୧ଶହ କିମିରୁ ଅଧିକ ଦୀର୍ଘ ଏହି କେନାଲ ବିଲାତି ଦଳରେ ଭର୍ତ୍ତି**

**ନ'ଅଙ୍କ ଦୁର୍ଭିକ୍ଷ ପରେ ଫୁଡ୍ ଫର୍ ୱର୍କ ଜରିଆରେ ହୋଇଥିଲା ଖନନ**

**ଓଡ଼ିଶା-ବଙ୍ଗ ନୌବାଣିଜ୍ୟର ଥିଲା ପ୍ରମୁଖ ଜଳପଥ**

ସୂଚନାଯୋଗ୍ୟ, ୧୮୬୭ ମସିହାରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପରେ ଲୋକଙ୍କୁ କାମ ବଦଳରେ ଖାଦ୍ୟ ଯୋଗାଇବା ଯୋଜନା କରି ତତ୍କାଳୀନ ଇଂରେଜ ସରକାର ଏହି କୋଷ୍ଟ କେନାଲ୍ ଖନନ ଆରମ୍ଭ କରିଥିଲେ। ଏହି କେନାଲ ପଶ୍ଚିମବଙ୍ଗର ନାରାୟଣ ନଦୀରୁ ବାହାରି ଓଡ଼ିଶାର ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ମନ୍ତେଇ ନଦୀର ଚାରବାଟିଆ ଯାଏଁ ରହିଛି। ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ଏହା ୧୨୪ କିମି ଓ ପଶ୍ଚିମବଙ୍ଗରେ ୯୦ କିମି ଅଞ୍ଚଳ ଦେଇ ଯାଇଛି। ଓଡ଼ିଶା ଭିତରକୁ ଏହି କୋଷ୍ଟ କେନାଲ୍ ଭୋଗରାଇ ବ୍ଲକ୍ ଅଧୀନ ଅନଳିଆ ପଞ୍ଚାୟତର ନସରାବାଦ ଗାଁ ନିକଟରେ ପ୍ରବେଶ କରିଛି। ପୂର୍ବରୁ ଏହି କୋଷ୍ଟ କେନାଲ୍ ଓଡ଼ିଶା-ପଶ୍ଚିମବଙ୍ଗ ମଧ୍ୟରେ ନୌବାଣିଜ୍ୟ ପରମ୍ପରାର ଏକ ପରିଚିତ ନାମ ଥିଲା। ତତ୍କାଳୀନ ନୌ-ପରିବହନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଟୋଲ୍ ଆଦାୟ କରାଯାଉଥିଲା।

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ୧୮୯୧ ମସିହାରେ ଏହି କୋଷ୍ଟ କେନାଲ୍‌ରେ ୭ ଦିନ ଯାତ୍ରା କରି ଓଡ଼ିଶା ଆସିଥିଲେ। କୋଷ୍ଟ କେନାଲ୍ ଯୋଗୁଁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ପାଖାପାଖି ୨୪ ହଜାର ହେକ୍ଟର ଜମିରୁ ଉଦ୍‌ବୃତ୍ତ ବର୍ଷା ଓ ବନ୍ୟାଜଳ ସୁରୁଖୁରୁରେ ନିଷ୍କାସିତ ହେଉଥିଲା। ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ନଦୀର ବନ୍ୟା ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଏହି କେନାଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିସହ କେନାଲର ଉଭୟ ପାର୍ଶ୍ୱରେ ଥିବା ଜମି ଜଳସେଚିତ ହୋଇପାରୁଥିଲା। ହଜାରହଜାର ଲୋକେ ମାଛ ମାରି ଜୀବିକା ନିର୍ବାହ କରୁଥିଲେ। ତେବେ ଏହି କେନାଲ୍‌ରେ ଏବେ ନୀଳ ଜଳରାଶି ବଦଳରେ କେବଳ ସବୁଜ ଦଳ ଭର୍ତ୍ତି ହୋଇଛି। କେନାଲର ଶଯ୍ୟା ସମ୍ପୂର୍ଣ୍ଣ ପୋତି ହୋଇଗଲାଣି। ଏହାର ପୁନରୁଦ୍ଧାର ପାଇଁ ୨୦୧୯ ମସିହାରେ ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ହୋଇଥିବା ବେଳେ ଏହା ବାସ୍ତବ ରୂପ ନେଇ ପାରିଲାନି।

୨୦୨୫ ଫେବ୍ରୁଆରିରେ କେନ୍ଦ୍ର ଜଳ ପ୍ରାଧିକରଣର ୩ ଜଣିଆ ଟିମ୍ ବାଲେଶ୍ୱର ଜିଲ୍ଲା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଫଳରେ କେନାଲ୍‌ର ପୁନରୁଦ୍ଧାର ପାଇଁ ଆଶା ସଞ୍ଚାର ହୋଇଥିଲା। ମାତ୍ର ୮ ମାସ ହେଲା ଏଥିରେ କୌଣସି ଅଗ୍ରଗତି ହୋଇପାରିନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟରେ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ଏଭଳି ମହତ୍ୱକାଂକ୍ଷୀ ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଇବାକୁ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହୋଇଛି।

**ଟ୍ରକ୍ ଧକ୍କାରେ ସ୍କୁଟିଚାଳକ ମୃତ**

# ଧକ୍କା ଦେଇ ୫୦୦ ମିଟର ଘୋଷାଡ଼ିନେଲା

ବୀରମହାରାଜପୁର/ତରଭା,୨୬।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସୋନପୁର ମୁଖ୍ୟ ରାସ୍ତା ଭୁଦୋବର ଢ଼ାବା ନିକଟରେ ଏକ ଟ୍ରକ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ବୀରମହାରାଜପୁର ଥାନା ଅନ୍ତର୍ଗତ କୁମୋରକେଲି ଗ୍ରାମର ଶରଦ ମହାପାତ୍ର (୬୫)। ସକାଳ ପ୍ରାୟ ୭ଟାରେ ଶରଦ ତାଙ୍କ ଘର କୁମୋର୍କେଲି ଗାଁରୁ ସୁବର୍ଣ୍ଣପୁର ଅଭିମୁଖେ ତାଙ୍କ ସ୍କୁଟିରେ ଯାଉଥିଲେ। ଏହି ସମୟରେ ସୋନପୁର ପଟୁ ଆସୁଥିବା ଟ୍ରକ୍(ଓଡି ୧୫ ଏ ବି ୪୪୨୬) ଶରଦଙ୍କ ସ୍କୁଟିକୁ ଭୁଦୋବର ବୁଲାନି ରାସ୍ତା ଢ଼ାବା ନିକଟରେ ଧକ୍କା ଦେଇଥିଲା। ସ୍କୁଟି ଚାଳକ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯିବା ସହ ଟ୍ରକ୍ ଚକା ତଳେ ଚାପି ହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ଶରଦଙ୍କ ମୃତ୍ୟୁ ହୋଇଥିଲା। ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବୀରମହାରାଜପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଲୋକମାନେ ଟ୍ରକ୍ ମାଲିକ ଆସି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଫଳରେ ବୀରମହାରାଜପୁରରୁ ସୋନପୁରକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବୀରମହାରାଜପୁର ଥାନା ଅଧିକାରୀଙ୍କ ସମେତ ଏସ୍‌ଡିପିଓ ହେମନ୍ତ ରାଓ, ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ତହସିଲଦାର ସୂଚୀସ୍ମିତା ପାଣିଗ୍ରାହି, ଅତିରିକ୍ତ ତହସିଦାର ସ୍ୱାଗତ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟୋକ୍ତ ଲୋକଙ୍କୁ ବୁଝାଇଥିଲେ। ଗାଡ଼ି ମାଲିକ ପ୍ରଥମେ କ୍ଷତି ପୂରଣ ଦେବାକୁ ମନା କରିଥିଲେ, ପରେ ୫୦ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ଉପସ୍ଥିତ ଅଧିକାରୀଙ୍କ ବୁଝାସୁଝା ପରେ ଲୋକମାନେ ରାସ୍ତା ଅବରୋଧରୁ ଓହରିଥିଲେ। ବୀରମହାରାଜପୁର ଅଗ୍ନିଶମ ବାହିନୀ ପହଞ୍ଚି ଶବକୁ ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ସରଦଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

ସକାଳ THE SAKALA



## କୁଚିଣ୍ଡାରେ ଏକତା ପଦଯାତ୍ରା




କୁଚିଣ୍ଡା,୨୬ ।୧୧(ସମିସ):ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ କୁଚିଣ୍ଡାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ନେତୃତ୍ୱରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ।ବୁଧବାର ସକାଳେ ଆୟୋଜିତ ଏକତା ପଦଯାତ୍ରା ମନ୍ତ୍ରୀ ଶ୍ରୀ ନାୟକଙ୍କ ନେତୃତ୍ୱରେ କୁଚିଣ୍ଡା କଲେଜ ପଡିଆ ଠାରୁ ଆରମ୍ଭ ହୋଇ ଘୋଷା ଛକ,ପଦ୍ମଲୋଚନ ବିଲିଡ଼ିଂ,କାନରା ବ୍ୟାଙ୍କ, ସମଲେଶ୍ୱରୀ ମନ୍ଦିର, ମନ୍ଦିର ଛକ , ପୁରୁଣା ବସ୍‌ଷ୍ଟାଣ୍ଡ , ରାଜୀବ ଗାନ୍ଧୀ ଛକ ଦେଇ ମୁକୁନ୍ଦୀ ପଡିଆରେ ପହଞ୍ଚିଥିଲା । ସେଠାରେ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ ଶ୍ରୀ ନାୟକ ଉପସ୍ଥିତ ଥିବା ବେଳେ ସମ୍ମାନିୟ ଅତିଥି ଭାବରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆଇଜି ହିମାଂଶୁଲାଲ,ଏସ୍‌ପି ମୁକେଶ ଭାମୂ, ବାମରା ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ, କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ ସ , ପିଏ ଆଇଟିଡିଏ ହେମାସାଗର ଭୋଇ, ବିଡ଼ିଓ ଜୟନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଶ୍ରୀ ନାୟକ ଯେତେବେଳେ ସ୍ୱାଧୀନ ହେଲା ସେତେବେଳେ ଭାରତରେ ପ୍ରାୟ ୫୦୦ ଗଡ଼ଜାତ ଅଞ୍ଚଳ ରହିଥିଲା , ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ସମସ୍ତ ଗଡ଼ଜାତ ଅଞ୍ଚଳକୁ ଭାରତ ସହିତ ମିଶାଇ ପାରିଥିଲେ । ଆଜି ଆମେ ଯେଉଁ ଅଖଣ୍ଡ ଏବଂ ଶସକ୍ତ ଭାରତ ଦେଖୁଛୁ ତାହା ତାଙ୍କର ଦିନ ରାତ୍ରି କରିଥିବା ପରିଶ୍ରମର ଫଳ ବୋଲି କହି ସର୍ଦ୍ଦାର ପଟେଲଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଗଠନରେ ପ୍ରମୁଖ ଭୂମିକା ନେବାକୁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । ଅନ୍ୟଅତିଥିମାନେ ସର୍ଦ୍ଦାର ପଟେଲଙ୍କ ବ୍ୟକ୍ତିତ୍ୱ ଓ ତାଙ୍କର ଜୀବନୀ ବାବଦରେ ଆଲୋଚନା କରି ତାଙ୍କୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରିବାକୁ କହିଥିଲେ ।

## ବିପଜ୍ଜନକ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

କୁଚିଣ୍ଡା,୨୬ ।୧୧(ସମିସ): କୁଚିଣ୍ଡା ବ୍ଲକ୍ ଗୋଛରା ପଞ୍ଚାୟତର ଜନକଡିହି ଠାରେ ରାସ୍ତା କଡ଼ରେ ଅତି ବିପଦ ଜନକ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫରମର ରହିଛି । ସେଠାରୁ ସ୍ଥାନାନ୍ତରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।



ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଜନକଡିହି ଠାରେ ରାସ୍ତାକଡ଼ରେ ଦୀର୍ଘ ବର୍ଷ ହେବ ଦୁଇଟି ବିଦ୍ୟୁତ୍ ଖୁଣ୍ଟରେ ସଂଯୋଗ ହୋଇ ଏକ ଟ୍ରାନ୍ସଫରମର ରହିଛି । ଭୂମି ଠାରୁ ଏହାର ଉଚ୍ଚତା ବହୁତ କମ ହୋଇଥିବାରୁ ଗୃହପାଳିତ ପଶୁ ଏବଂଛୋଟ ଛୁଆଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏହାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ଅନେକ ଥର ଅନୁରୋଧ କରିଥିଲେ ମଧ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି ।ଏ ବାବଦରେ ମତାମତ ପାଇଁ ଟିପିଡବ୍ଲୁଏଲର ସହକାରୀ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କର ମତାମତ ମିଳିପାରି ନାହିଁ ।

## ମୁଣ୍ଡୋମହୁଲ ଗାଁରେ କୁରାଳ ପୂଜା

ବିଜେପୁର,୨୬।୧୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ସାନବାଉସନ ପଞ୍ଚାୟତ ଅଧୀନ ମୁଣ୍ଡୋମହୁଲ ଗାଁରେ ତିନି ଦିନ ଧରି କୁରାଳ ଭଗବାନଙ୍କ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗାଁ ପୋଖରୀରୁ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା । ଏହାପରେ ରୀତିନୀତିରେ ସୂର୍ଯ୍ୟ ଦେବତା, ରୁଦ୍ରପାଲ, ରତ୍ନେଶ୍ୱରୀଙ୍କ ସମେତ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରେମଶିଳା ଓ ମନବୋଧ ରଣା ସପତ୍ନିକ ପୂଜାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ କେଶବ ମିଶ୍ର(ଲାଦୁ) ପୂଜାର୍ଚ୍ଚନା କରିଛନ୍ତି । ନେପାଲ ରଣା, ଗଣେଶ ରଣା, ଗୁଣମଣି ରଣା, ଚିନ୍ତାମଣି, ଆନନ୍ଦ ରଣା, ଲଳିତ ରଣା, ଯୁବରାଜ ରଣା, ଭବେଶ ରଣା, ନରେଶ ରଣା, ଗୋପାଳ ରଣା, ଦିଲ୍ଲୀପ ରଣାଙ୍କ ସମେତ ପୂଜା କମିଟିର ସ୍ଥାନୀୟ କୁରାଳ ଭାଇ ମାନେ ପୂଜା କାର୍ଯ୍ୟକୁ ପରିଚାଳନା କରୁଛନ୍ତି । ସୂଚନା ଯୋଗ୍ୟ ଯେ ବ୍ରହ୍ମା ସୃଷ୍ଟି ତିଆରି କରିବା ପରେ ଖାଦ୍ୟ ସମସ୍ୟା ଦେଖାଦେବାରୁ ଭଗବାନ ବିଷ୍ଣୁରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ଜନ୍ମ ଦେଇ ମାଟିହାଣ୍ଡି ତିଆରି କରି ଖାଦ୍ୟ ରନ୍ଧନ ବ୍ୟବସ୍ଥା କରିଥିବା କିମ୍ବଦନ୍ତୀ ଆଧାରରେ ଏହି ପୂଜା ଭକ୍ତି ସହକାରେ କୁମ୍ଭାର ସମ୍ପ୍ରଦାୟ ଲୋକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ ।

## କୁଚିଣ୍ଡା ମହାବିଦ୍ୟାଳୟ | ଛାତ୍ରୀ ଅସଦାଚରଣ ଘଟଣା ଚପାଇ ଦେବାକୁ ଉଦ୍ୟମ

କୁଚିଣ୍ଡା,୨୬ ।୧୧(ସମିସ):କୁଚିଣ୍ଡା ଉପଖଣ୍ଡର ସର୍ବପୁରାତନ କୁଚିଣ୍ଡା ମହାବିଦ୍ୟାଳୟରେ ଛାତ୍ରଙ୍କ ଅପେକ୍ଷା ଅଧିକ ଛାତ୍ରୀ ପଢୁଛନ୍ତି ।ଦୂରଦୂରାନ୍ତରୁ ଅଭିଭାବକମାନେ ତାଙ୍କର ଝିଅଙ୍କୁ ସୁରକ୍ଷିତ ଅବସ୍ଥାରେ ଛାତ୍ରୀ ନିବାସରେ ଛାଡି ନିର୍ଭୟରେ ରହିଥାନ୍ତି । ଛାତ୍ରୀନିବାସ କିମ୍ବା ମହାବିଦ୍ୟାଳୟରେ କେବେ ବି ଅପ୍ରୀତିକର ଘଟଣା ଘଟି ନଥିଲା । କିନ୍ତୁ ଆଜକୁ ପ୍ରାୟ ମାସେ ହେବ ଉକ୍ତ ମହାବିଦ୍ୟାଳୟର ଜଣେ ପ୍ରାଧ୍ୟାପକ ଅଧ୍ୟୟନରତ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗର ୫ ଜଣ ଛାତ୍ରୀଙ୍କ ଆପତ୍ତିଜନକ ସ୍ଥାନମାନଙ୍କରେ ସର୍ବଦା ହାତ ମାରୁଛନ୍ତି । ଅସହ୍ୟ ହେବାରୁ ଛାତ୍ରୀମାନେ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପଣ୍ଡାଙ୍କୁ ମୌଖିକ ଜଣାଇଥିଲେ । ହେଲେ ଅଧ୍ୟକ୍ଷ ଶ୍ରୀପଣ୍ଡା ଉକ୍ତ ଛାତ୍ରୀଙ୍କୁ ଲିଖିତ ଭାବେ ଦିଅ ବୋଲି କହିବାରୁ ଛାତ୍ରୀମାନେ ଲିଖିତ ଭାବରେ ଦେଇ ନଥିଲେ । ଘଟଣା ସଂପର୍କରେ ଜାଣି ଜଣେ ସାମ୍ବାଦିକ ଏ ବାବଦରେ ଅଧ୍ୟକ୍ଷ ଶ୍ରୀ ପଣ୍ଡା ପଚାରି ଥିଲେ । ଅଧ୍ୟକ୍ଷ ମୁଁ ସମସ୍ତ ଅଧ୍ୟାପକଙ୍କୁ ଡାକି ଏବାବଦରେ ତାଗିଦ୍ କରିବି ବୋଲି କହିଥିଲେ । ହେଲେ ଏଯାଏଁ ତାହା କରାଗଲା ନାହିଁ । ଅଧ୍ୟକ୍ଷ ପ୍ରାଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେବା ପରିତାପର ବିଷୟ । କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅଧ୍ୟକ୍ଷ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି ।ଏପରି କୁକର୍ମ କରୁଥିବା ପ୍ରାଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଫଳରେ ଅଭିଭାବକଙ୍କ ମହଲରେ ନିରାଶ୍ୟ ଦେଖା ଦେଇଛି । ଏପରି ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ଛାଡିବା କେତେ ସୁରକ୍ଷିତ ତାହା ଏଠାରୁ ସ୍ପଷ୍ଟ ଜଣାପଡୁଛି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକ ମହଲରେ ଦାବି ହେଉଛି ।

## ସରକାରୀ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷଙ୍କୁ ଉପେକ୍ଷା
## ବିଡିଓଙ୍କ ଦାୟିତ୍ୱହୀନତାକୁ ତୀବ୍ର ନିନ୍ଦା

କୁଚିଣ୍ଡା, ୨୬ ।୧୧(ସମିସ ):କୁଚିଣ୍ଡା ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ପ୍ରାଣୀ ଓ ମତ୍ସ୍ୟ ବିଭାଗର କାର୍ଯ୍ୟକ୍ରମ ସମାରୋହରେ ବ୍ଲକ୍ ଅଧ୍ୟକ୍ଷଙ୍କ ନାମ ନିମନ୍ତ୍ରଣପତ୍ରରେ ନ ରହିବା ଏକ ଦୁର୍ଭାଗ୍ୟଜନକ,ଅଭାବନୀୟ ଓ ନିୟମ ବହିର୍ଭୁତ ଘଟଣା ବୋଲି ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ଏକ ବିବୃତ୍ତିରେ କହିଛନ୍ତି । କୁଚିଣ୍ଡା ଅଞ୍ଚଳର ବରିଷ୍ଠ ନାଗରିକ ଓ ଜଣେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବରେ ପ୍ରେସ ବିବୃତ୍ତିରେ ମତ ପ୍ରକାଶ କରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଯେ କେହି ଥାଆନ୍ତୁ ନା କାହିଁକି ସେ ପଞ୍ଚାୟତ ସମିତି କାର୍ଯ୍ୟନିର୍ବାହୀ ମୁଖ୍ୟ ଏବଂ ବିଡ଼ିଓ ହେଉଛି କାର୍ଯ୍ୟନିର୍ବାହୀ ଅଧିକାରୀ । ତେଣୁ ପଞ୍ଚାୟତ ସମିତିରେ ଯେ କୌଣସି ସରକାରୀ କାର୍ଯ୍ୟକ୍ରମ ହେଲେ ବିଡିଓ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଅବଗତ କରିବା କଥା ବୋଧ ହୁଏ ବିଡିଓ ଏହା କରିନାହାନ୍ତି କିମ୍ବା ତାଙ୍କର ନାମକୁ ନିମନ୍ତ୍ରିତ ଅତିଥି ଭାବରେ ଦେବାକୁ ଚାହିଁ ନାହାନ୍ତି । ପଞ୍ଚାୟତ ସମିତିର ମୁଖ୍ୟଙ୍କ ପ୍ରତି ଅବମାନନା କରି ନିୟମ ବହିର୍ଭୁତ କାର୍ଯ୍ୟ କରିଛନ୍ତି । ସେହି କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଉପସ୍ଥିତିରେ ଏପରି ଭାବରେ ପଞ୍ଚାୟତରାଜ ଅନୁଷ୍ଠାନର ମୁଖ୍ୟଙ୍କ ପଦମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଥିବା ତାଙ୍କ ପ୍ରତି ମଧ୍ୟ ଏକ ଅପମାନଜନକ ଘଟଣା । ପଞ୍ଚାୟତରାଜ ମନ୍ତ୍ରୀ କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ଏବଂ ସାମଗ୍ରିକ ଭାବରେ ପଞ୍ଚାୟତରାଜ ଅନୁଷ୍ଠାନମାନଙ୍କର ମଧ୍ୟ ସେ ଗୁରୁ ଦାୟିତ୍ୱରେ ଗ୍ରହଣ କରିଛନ୍ତି । ଏପରି ଘଟଣାରେ ମନ୍ତ୍ରୀ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ? ନଚେତ୍ ଏହା ସଂକୀର୍ଣ୍ଣହୀନ ମର୍ଯ୍ୟାଦାର ପରିଚୟ ହେବ । ଅନ୍ୟପକ୍ଷରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ପଞ୍ଚାୟତ ସମିତି ମୁଖ୍ୟଙ୍କ ପ୍ରତି ଯେପରି ଭାବରେ ଅବମାନନା କରାଗଲା, ତାର ନୀରବ ପ୍ରତିବାଦ କଲେ । ସେଥିପାଇଁ ଶ୍ରୀ ମହାନ୍ତି ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ମତ ପ୍ରକାଶ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଥିଲେ ।



## ବିଜେପୁର ମହୋତ୍ସବ ପାଇଁ ପ୍ରସ୍ତୁତି

ବିଜେପୁର,୨୬।୧୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ମହୋତ୍ସବ ପାଇଁ ବ୍ଲକ୍ କଳାକାର ସଂଘ ଓ ବ୍ଲକ୍ ସାମ୍ବାଦିକ ସଂଘର ମିଳିତ ସହଯୋଗରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ପୁରାତନ କୋଠାରେ ଆୟୋଜିତ ବୈଠକରେ ନାଟ୍ୟକାର ମୋହନ ସିଂଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସଂଘର ପ୍ରାକ୍ତନ ସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ, ବ୍ଲକ୍ କଳାକାର ସଂଘ ଉପସଭାପତି ଦେବେନ୍ଦ୍ର ମଟାରୀ, ସାମ୍ବାଦିକ ପାଣ୍ଡବ ପଧାନ, ନୀଳମଣି ମେହେର, ଭରତ ସାହୁ, ଜିତେନ୍ଦ୍ରୀୟ ମେହେର, ଜଗନ୍ନାଥ କୁମ୍ଭାର, ଅମୂଲ୍ୟ ସୁନା, ଅମୃତ ବିଶି, ଦୁର୍ବାଦଳ ମେହେର, ଶେଷଦେବ ପୁଟେଲ, ବିଶ୍ୱେଶ୍ୱର ପୁଟେଲ, ବାବୁଲାଲ ସାବତ, ଦିବ୍ୟଜ୍ଞାନ ମଟାରୀ, ଦୁର୍ଯ୍ୟୋଧନ ନାଏକ, ନରେନ୍ଦ୍ର ପଟେଲ, ରାଧାକାନ୍ତ କୁମ୍ଭାର, ରବି ମେହେରଙ୍କ ସମେତ ବିଭିନ୍ନ ଗାଁର କଳାକାର ଯୋଗ ଦେଇଥିଲେ । ଆଗାମୀ ଜାନୁଆରୀ ଶେଷ ସପ୍ତାହରେ ବିଜେପୁର ମହୋତ୍ସବ ଦୁଇ ଦିନ ଧରି ଆୟୋଜନ କରିବାକୁ ସ୍ଥିରୀକୃତ ହୋଇଛି । ଲୋକଗୀତ, ଲୋକନୃତ୍ୟ ସହ ପଶ୍ଚିମ ଓଡ଼ିଶାରେ ଲୁକ୍କାୟିତ ହୋଇ ଯାଉଥିବା ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରିବାକୁ ପ୍ରସ୍ତାବ ହୋଇଛି । କଳାକାର ରାଜେଶ୍ୱର ବେହେରାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ମହୋତ୍ସବର ରୂପରେଖ ଉପରେ ଆଲୋଚନା ହୋଇଥିଲା ।

## ଆନ୍ତର୍ଜାତିକ ଅନୁପମ ପ୍ରତିଭା ଅନ୍ୱେଷଣ ଦିବସ



ବରଗଡ଼,୨୬।୧୧(ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ସମାଜତତ୍ତ୍ୱ ବିଭାଗ ପକ୍ଷରୁ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ 'ଅନୁପମ ପ୍ରତିଭା ଅନ୍ୱେଷଣ ଦିବସ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ନକୁଳ ସେଠ ଏଥିରେ ଅଧ୍ୟକ୍ଷତା କରିଥିଲେ । ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ରାଜଶ୍ରୀ ଭଞ୍ଜ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଝାରସୁଗୁଡ଼ା ଜିଲ୍ଲା ଶିଶୁ କଲ୍ୟାଣ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ବିବେକାନନ୍ଦ ମିଶ୍ର, ପରିଚାଳନା କମିଟି ସଭାପତି ଡ.ଦିଲ୍ଲୀପ ପଣ୍ଡା, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ପଧାନ, ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଦୁଆନ, ଆଇନଜୀବୀ ବିମଳ ଦାଶ, ଜିଲ୍ଲା ଅଭିଭାବକ ସଂଘ ସଭାପତି ପ୍ରଫେସର ସିକନ୍ଦର, ସଂସ୍କୃତ ପ୍ରଫେସର ସୁଷମା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ବାଲ୍ୟ ବିବାହ ଉପରେ ଏକକ ନାଟିକା 'ମୁନିର ବାହାଘର' କଲେଜର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀ ମାନେ ପରିବେଷଣ କରିଥିଲେ । ଦିବ୍ୟାଙ୍ଗ ଶିଶୁ ମାନେ ଚିତ୍ତାକର୍ଷକ ସମ୍ବଲପୁରୀ ନୃତ୍ୟ, ସଂଗୀତ, ପ୍ରଦର୍ଶନ କରିଥିଲେ । ଶେଷରେ କଲେଜର ଅଧ୍ୟାପିକା ସୁଷମା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆପ୍‌ର ସ୍ଥାପନା ଦିବସରେ କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ

ବରଗଡ଼,୨୬।୧୧(ସମିସ): ସମ୍ବିଧାନ ଦିବସ ଓ ଆମ୍ ଆଦମୀ ପାର୍ଟିର ସ୍ଥାପନା ଦିବସ ଅବସରରେ ବରଗଡ଼ରେ ରାଲି, ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର କାର୍ଯ୍ୟକ୍ରମ କରାଯାଇଛି । ଆପ୍‌ର ୧୪ତମ ସ୍ଥାପନା ଦିବସ ହୋଇଥିବା ବେଳେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାରର ବିଫଳତାକୁ ନେଇ ଆପ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ନିର୍ବାଚନ ସମୟରେ ବିଜେପି ଓଡ଼ିଶାବାସୀଙ୍କୁ ପ୍ରତ୍ୟେକ ପରିବାରକୁ ମାସିକ ୩୦୦ ୟୁନିଟ ମାଗଣା ବିଜୁଳି, ବୟସ୍କଙ୍କୁ ୩୦୦୦ ଟଙ୍କା ଭତ୍ତା, ୨ଟି କିସ୍ତିରେ ମହିଳାଙ୍କୁ ୫୦ ହଜାର ଟଙ୍କା, ପ୍ରତ୍ୟେକ ପଞ୍ଚାୟତରେ ୧୦୦ ଜଣକୁ ଚାକିରି, ୪୮ ଘଣ୍ଟାରେ ଚିଟଫଣ୍ଡ ଟଙ୍କା ଫେରସ୍ତ ଆଦି ପ୍ରତିଶ୍ରୁତି ଦେଇଥିଲା । ସେଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ଆପ୍ ଦାବି କରିଛି । ସେହିପରି ବିଜୁଳି ନାମରେ ଟାଟା ପାୱାର ଘନ ଘନ ପାୱାର କଟ୍, ଏରିଅର ଟଙ୍କା ଆଦାୟ, ସ୍ମାର୍ଟ ମିଟର ଲଗେଇ ଅଧିକ ବିଲ ଆଦାୟ କରୁଛି ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ ଅଭିଯୋଗ କରିଛନ୍ତି । ପୁଣି ହସ୍ପିଟାଲରେ ତୁରନ୍ତ ଡାକ୍ତର, ଷ୍ଟାଫ ଓ ଔଷଧ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଥିବା ବେଳେ ବରଗଡ଼ ଜିଲ୍ଲାର ୫୦୦୦ ଚାଷୀଙ୍କ ପଞ୍ଜୀକରଣ ଶୀଘ୍ର କରିବା, ବରଗଡ଼ର ବନ୍ଦ ଥିବା ୧୭୩ଟି ସରକାରୀ ସ୍କୁଲକୁ ଖୋଲିବା, ମହିଳା ମାନଙ୍କ ସୁରକ୍ଷାକୁ ସୁଦୃଢ଼ କରିବା, ଭୂମିହୀନଙ୍କ ପାଇଁ ଜାଗା, ବିକାଶ ନାଁରେ କେବଳ ଗରିବ, ମଧ୍ୟବିତ୍ତଙ୍କ ଘର ଦ୍ୱାର ଭାଙ୍ଗିବା ବନ୍ଦ ହେଉ ବୋଲି ଆପ୍ ପକ୍ଷରୁ କୁହାଯାଇଛି । ବରଗଡ଼ ଜିଲ୍ଲାରେ ବାଲି ମାଫିଆ, ମାଟି, ନିଶା ମାଫିଆ ସକ୍ରିୟ ଥିବା ବେଳେ ଚୋରି, ହତ୍ୟା ଯୋଗୁଁ ସାଧାରଣ ଲୋକ ଅସୁରକ୍ଷିତ ଅନୁଭବ କରୁଛନ୍ତି । ତେଣୁ ଏସବୁ ଉପରେ ଅଙ୍କୁଶ ଲଗାଇବାକୁ ଆପ୍ ଦାବି କରିଛି । ଜିଲ୍ଲା ସଭାପତି ଯଦୁ ମଣି ପ୍ରଧାନ, ସମ୍ପାଦକ ସ୍ୱରୂପ ଭୋଇ, ପଦ୍ମପୁର ବିଧାନସଭା ପ୍ରାର୍ଥୀ ବାଲ୍ମୀକି ନାଏକ, ଅତାବିରା ବିଧାନସଭା ପ୍ରାର୍ଥୀ ଜୟକ୍ରିଷ୍ଣା ଛୁରିଆ, ନାରୀ ନେତ୍ରୀ ମରୀୟମ ବାର୍ଲା, ମିଲୁ ନାଗ, ସେତ ପଟେଲ, ମୁକେଶ ନାଏକ, ଭାସ୍କର ପଟେଲ, ପଦ୍ମଲୋଚନରଣା, ଡୁଲାମଣି ନାଏକ, ରୁପେନ୍ଦ୍ର ସାହୁ, ଶେଷବ ସାହୁ, ଅର୍ଜ୍ଜୁନ ସାହୁ, ଚୂଡ଼ାମଣି ସାହୁ, କ୍ଷୀରସାଗର ପଟେଲ, ଲୋଚନ ପ୍ରସାଦ କୈବର୍ତ୍ତ, କୋକିଳ ଭୋଇ, କହ୍ନୟା ନାଏକ, ବାଦଲ ବରିହା, ହେମଲାଲ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।




# ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ ପାଳିତ





### ● କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ନାକଟିଦେଉଳ,୨୬ ।୧୧(ସମିସ): ନାକଟିଦେଉଳ ବ୍ଲକ୍ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି ।ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷା ସୁଶ୍ରୀତା ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟବକ୍ତା ଭାବରେ ରାଜନୀତି ବିଜ୍ଞାନ ଅଧ୍ୟାପକ କୌଶିକ ପ୍ରଧାନ ଯୋଗଦେଇ ଭାରତୀୟସମ୍ବିଧାନ ଓ ଗଣତନ୍ତ୍ରକୁ ମଜଭୂତ କରିବା ସହ ଏକତା ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତେ ସମ୍ବିଧାନର ନୀତି ଓ ଆଦର୍ଶର ଅନୁପାଳନ କରିବାକୁ ଆହ୍ୱାନ ଦେଇଛନ୍ତି । ସମ୍ମାନିତ ଅତିଥି ଭାବେ ଇଂରାଜୀ ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନ ଓ ଗ୍ରନ୍ଥାଗାରିକ ଦିଲୀପ କୁମାର ପ୍ରଧାନ ସମ୍ବିଧାନର ମୌଳିକ ଅଧିକାର ହେଉଛି ନାଗରିକ ମାନଙ୍କର ଢ଼ାଲ ଓ ସମ୍ବିଧାନ ନାଗରିକଙ୍କୁ ଦେଶର ନାଗରିକଙ୍କୁ ମୁକ୍ତ ନାଗରିକ ଭାବେ ଅନୁଭବ କରାଇଥାଏ । ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ତଥା କର୍ମଚାରୀ ବୃନ୍ଦ ସମ୍ବିଧାନକୁ ସମ୍ମାନ ଜଣାଇବା, କର୍ତ୍ତବ୍ୟ ପାଳନ କରିବା ଓ ସାମ୍ବିଧାନୀକ ନୀତି ନିୟମ ମାନି ଚଳିବା ପାଇଁ ଶପଥ ପାଠ କରିଥିଲେ । ଇତିହାସ ଅଧ୍ୟାପିକା ସ୍ମିତା ପ୍ରଧାନ ସାମ୍ବିଧାନିକ ପ୍ରଣୟନ ସଭାର ଭୂମିକା ଓ ଭାରତୀୟ ସମ୍ବିଧାନର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

### ● କୁଚିଣ୍ଡା ମହାବିଦ୍ୟାଳୟ

କୁଚିଣ୍ଡା:କୁଚିଣ୍ଡା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ପକ୍ଷରୁ ସମ୍ବିଧାନ ଦିବସ ପାଳନ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ସୁଧାଂଶୁ କୁମାର ମହାପାତ୍ର ପରିଚାଳନା କରି ସମ୍ବିଧାନର ମହତ୍ୱ ଓ ସମସ୍ତ ନାଗରିକଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ଭିକାରୀ ଓରାମ ସମ୍ବିଧାନର ପୃଷ୍ଠଭୂମି ବିଷୟରେ ଏବଂ ଅଧ୍ୟାପକ ମନୋଜ ଜେନା ସମ୍ବିଧାନ ପ୍ରଣୟନର ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବେ +୩ ବିଭାଗ ଏନଏସଏସ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା ଓ +୨ ବିଭାଗ ପ୍ରୋଗ୍ରାମ ଅଫିସର ଖୁର୍ସିଦ ହାରା ବେଗମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ରାଷ୍ଟ୍ର ନିର୍ମାଣରେ ଯୁବ ସମାଜର ଭୂମିକା ବିଷୟରେ ଉଦ୍‌ବୋଧନ ଦେଇଥିଲେ । ରାଜନୀତି ବିଜ୍ଞାନ +୩ ତୃତୀୟ ବର୍ଷ ଛାତ୍ରୀ ଖୁସନୁମା ସୁଲତାନା ଓଡ଼ିଆ ଓ ଇଂରାଜୀ ଭାଷାରେ ସମ୍ବିଧାନ ପାଠ କରିଥିବା ବେଳେ ଦ୍ୱିତୀୟ ବର୍ଷ ଛାତ୍ରୀ ଘୋଶିଆ ଫାତିମା ହିନ୍ଦୀ ଭାଷାରେ ପାଠ କରିଥିଲେ ।ଏହା ସମେତ ସମସ୍ତ ସମ୍ମାନିତ ଅତିଥି,ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ସମେତ ଛାତ୍ରଛାତ୍ରୀ ସମ୍ବିଧାନ ପାଠ କରିଥିଲେ । ଏହା ପରେ ରାଜନୀତି ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ସନ୍ୟାସୀ ମେହେରଙ୍କ ନିର୍ଦ୍ଦେଶିତ ନାଟକ "ସମ୍ବିଧାନ" ପାରିବେଷିତ ହୋଇଥିଲା ।ଶେଷରେ ଅଧ୍ୟାପକ ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



### ● ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ରେଢ଼ାଖୋଲ:ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ ଅନୁଷ୍ଠାନର ଅଧ୍ୟକ୍ଷା ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ରାଜନୀତି ବିଜ୍ଞାନ ଅଧ୍ୟାପିକା କଳ୍ପନା ସାହୁ ସଭା ପରିଚାଳନା କରିବା ସହ ସମ୍ବିଧାନ ଦିବସ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଅଧ୍ୟକ୍ଷା ଶ୍ରୀମତୀ ବିଶ୍ୱାଳ ସମ୍ବିଧାନ ଦିବସ ଉପରେ ଆଲୋକପାତ କରିଥିଲେ । ସଭାରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଶପଥ ପାଠ କରିଥିଲେ । ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ ସ୍ଥାନରେ ପଦ୍ମିନୀ ପ୍ରଧାନ,ଦ୍ୱିତୀୟ ବିନିତା ଭୋଇ, ତୃତୀୟ ସ୍ଥାନ ଆୟୁଷୀ ନାଏକ ଅଧିକାର କରିଥିଲେ । ଶେଷରେ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ● ଭୀମଭୋଇ କଲେଜ

ରେଢାଖୋଲ: ସମ୍ବଲପୁର ଜିଲ୍ଲା ରେଢ଼ାଖୋଲସ୍ଥିତ ଭୀମଭୋଇ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି ।ଆୟୋଜିତ ସଭାରେ ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢୀ ଅଧ୍ୟକ୍ଷତା କରି ଅମ୍ବେଦକରଙ୍କ ଅବଦାନ ଓ ଭାରତୀୟ ସମ୍ବିଧାନର ଲୋକତାନ୍ତ୍ରିକ ମୂଲ୍ୟବୋଧକୁ ଉଦ୍ଧାର କରିଥିଲେ । ସେ ସମ୍ବିଧାନୀୟ ଅଧିକାର, କର୍ତ୍ତବ୍ୟ ଓ ପ୍ରସ୍ତାବନାର ଆଦର୍ଶ ବିଷୟରେ ସଚେତନ ହୋଇ ନାଗରିକତାର ମୂଲ୍ୟବୋଧକୁ ଅନୁପାଳନ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ମମତା ମହାପାତ୍ର, ଡ.ମନୋରଂଜନ ମହନ୍ତ, ଅଧ୍ୟାପକ ସୁଶାନ୍ତ ନନ୍ଦ,ଡ. ବିରଞ୍ଚି ଖଡିଆ, ସନ୍ଧ୍ୟାରାଣୀ ଦୀପ ପ୍ରମୁଖ ସମ୍ବିଧାନ ଦିବସର ପ୍ରାସଙ୍ଗିକତା ଓ ଏହାର ଇତିହାସ ସ୍ମୃତି ଚାରଣ କରିବା ସହିତ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଭଳି ସାମ୍ବିଧାନିକ ମୂଲ୍ୟବୋଧ ବିଷୟରେ ଉଦ୍‌ବୋଧନ ପ୍ରଦାନ କରିଥିଲେ ।ସମ୍ବିଧାନ ପ୍ରାଣେତାଙ୍କ ପ୍ରତି ଆମର କୃତଜ୍ଞତା ପ୍ରକଟ କରିବା ଏବଂ ଆମ ଜୀବନରେ ତାର ରୂପାୟନ ପାଇଁ ଅଙ୍ଗୀକାର ବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ । ସଭାର ଅନ୍ତିମ ଚରଣରେ ସମବେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଥିଲା । ଡ. ଦିବ୍ୟଲୋଚନ ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଅଧ୍ୟାପିକା ସମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।



## ବାଲ୍ୟ ବିବାହକୁ ବଜରଙ୍ଗ ଦଳର ବିରୋଧ

ବରଗଡ଼,୨୬।୧୧(ସମିସ): ବଜରଙ୍ଗ ଦଳର ଉଦ୍ୟମକ୍ରମେ ବରଗଡ଼ରେ ବୁଧବାର ବାଲ୍ୟ ବିବାହକୁ ରୋକାଯାଇ ପାରିଛି । ବରଗଡ଼ ୱାର୍ଡ ନମ୍ବର ୧୫ ଗୋବିନ୍ଦପାଲିରେ ଜଣେ ୧୩ ବର୍ଷୀୟ ନାବାଳିକାକୁ ମହାରାଷ୍ଟ୍ରର ୨୯ ବର୍ଷୀୟ ବ୍ୟକ୍ତି ସହ ବିବାହ ଯୋଜନା ଚାଲିଥିଲା । ନାବାଳିକା ବିବାହକୁ ବିରୋଧ କରି ବଜରଙ୍ଗ ଦଳର ବହୁ କର୍ମକର୍ତ୍ତା ଟାଉନ ଥାନାରେ ପହଞ୍ଚି ଘଟଣା ବିଷୟରେ ଜଣାଇଥିଲେ । ଏହାପରେ ବରଗଡ଼ ବଜରଙ୍ଗ ଦଳ, ଚାଇଲ୍ଡ ହେଲ୍ପଲାଇନ, ବରଗଡ଼ ଅର୍ବନ ସିଡିପିଓ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଏନେଇ ଟାଉନ ଥାନା ପୁଲିସକୁ ଅଭିଯୋଗ କରଯାଇଥିଲା । ପୁଲିସ ଗୋବିନ୍ଦପାଲିରୁ ଉଭୟ ନାବାଳିକା ଓ ଅନ୍ୟ ରାଜ୍ୟର ବ୍ୟକ୍ତିକୁ ଏବଂ ପରିବାର ଲୋକଙ୍କୁ ଥାନାକୁ ଆଣି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ସ୍ତ୍ରୀ ମୁଣ୍ଡକୁ ପିଟି ହତ୍ୟା



**ଜମନକିରା, ୨୬ ।୧୧(ସମିସ):**ସମ୍ବଲପୁର ଜିଲ୍ଲା ଜମନକିରା ଥାନା ପାଲୋଖମନ୍ ଗାଁରେଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ମଙ୍ଗଳବାର ରାତିରେ ଏକ ଲୁହା ନଳାରେ ସ୍ତ୍ରୀ ମୁଣ୍ଡକୁ ପିଟି ହତ୍ୟା କରିଛି ।ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ସ୍ତ୍ରୀ ମମତା ମାଝି (୫୦)ଘର ଭିତରେ ମୋବାଇଲରେ କାହା ସହ କଥାବାର୍ତ୍ତା କରୁଥିଲେ ।ସ୍ୱାମୀ ଶ୍ରୀକର ମମତାକୁ ରନ୍ଧାବଢ଼ା କରିବାକୁ କହିଥିଲା । କିନ୍ତୁ ସ୍ତ୍ରୀ ମମତା କିଛି ଶୁଣି ନ ଥିଲା । ଫଳରେ ସ୍ୱାମୀ ଶ୍ରୀକର୍ ଘର ଭିତରକୁ ପଶି ଚୂଲି ପାଖରେ ଥିବା ଏକ ନିଆଁ ଫୁଙ୍କା ନଳାକୁ ଧରି ସ୍ତ୍ରୀ ମମତା ମୁଣ୍ଡକୁ ଜୋର୍‌ରେ ପିଟି ଦେବାରୁ ଘଟଣା ସ୍ଥଳରେ ହିଁ ମମତା ଟଳି ପଡ଼ିଥିଲା । କିଛି ସମୟ ପରେ ତାର ପ୍ରାଣବାୟୁ ଚାଲିଯାଇ ଥିଲା । ଗତ ରାତିରେ ଘଟଣା ଘଟି ଥିଲେ ହେଁ ପଡ଼ିଶା ଲୋକେ କେହି ଜାଣି ପାରି ନ ଥିଲେ । ବୁଧବାର ସକାଳେ ମମତାର ଦେଖା ନମିଳିବାରୁ ସ୍ୱାମୀ ଶ୍ରୀକରକୁ କିଛି ଗାଁ ଲୋକ ପଚାରି ଥିଲେ । ରାତିରେ ସ୍ତ୍ରୀକୁ ମାରି ଦେଇଥିବା କହିବାରୁ ଘଟଣା ବିଷୟରେ ଜଣା ପଡ଼ିଥିଲା । ଖବର ପାଇ ଜମନକିରା ଆଇଆଇସି ପଦ୍ମାଳୟା ସାହୁଙ୍କ ନେତୃତ୍ୱରେ ପୁଲିସ୍ ଏସ୍‌ଆଇ ମନୋରଞ୍ଜନ ଦାଶ, ଏଏସ୍‌ଆଇ ନିରଞ୍ଜନ ପ୍ରଧାନ, କନେଷ୍ଟବଳ ଟିକେଶ୍ୱରି ନାଏକ, ଜୟରାମ ସିଂ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିଥିଲେ । ଘଟଣାର ତଦନ୍ତ ପରେ ପୁଲିସ ହତ୍ୟା ମାମଲା ରୁଜୁ କରିଛି ।

## କମ୍ପାନୀ ପ୍ରଦୂଷଣକୁ ନେଇ ରୋହିତଙ୍କ ଉଦ୍‌ବେଗ

# ବଡ଼ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ କେବେ?

**ସମ୍ବଲପୁର, ୨୬।୧୧(ସମିସ)**

ସମ୍ବଲପୁର ଓ ଝାରସୁଗୁଡ଼ା ଅଞ୍ଚଳରେ କାରାଖାନା ଲାଗି ପ୍ରଦୂଷଣ ବଢ଼ିବାରେ ଲାଗିଛି ।ମନ ଇଛା ଆସ୍ ପକାଯାଉଛି । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପାଉଛି । ହେଲେ ପ୍ରଚାର ପ୍ରସାର ପାଇଁ କେବଳ ଛୋଟ ଛୋଟ କମ୍ପାନୀ ଉପରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ତେଣୁ ଛୋଟ କମ୍ପାନୀଗୁଡିକୁ ଟାର୍ଗେଟ ନ କରି ଅଞ୍ଚଳରେ ଅବସ୍ଥିତ ବଡ଼ କମ୍ପାନୀ ଉପରେ ମଧ୍ୟ ଝାରସୁଗୁଡ଼ା ଜିଲ୍ଲାପାଳ ଯାଞ୍ଚ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସମ୍ବଲପୁର ଜିଲ୍ଲା ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଅନେକ କଳକାରଖାନା ରହିଛି ଏବଂ ସବୁ କଳକାରଖାନା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସବୁ ଆଇନ ଏବଂ ଗାଇଡଲାଇନ୍ ଗୁଡ଼ିକୁ ଜଳାଞ୍ଜଳି ଦେଇ ଅବାଧରେ ବହୁ ମାତ୍ରାରେ ଜଳ, ସ୍ଥଳ ଏବଂ ଆକାଶରେ ନିଜର ପ୍ରଦୂଷଣ କରିବାରେ ବ୍ୟସ୍ତ ରହୁଛନ୍ତି। କିଛି ଦିନ ପୂର୍ବରୁ ବିଭିନ୍ନ ଗଣ ମାଧ୍ୟମରେ ମଧ୍ୟ ପ୍ରକାଶିତ ହୋଇଥିଲା। ବିନା କୌଣସି ଟ୍ରିଟମେଣ୍ଟ କରି ନିଜର ବର୍ଯ୍ୟ ଜଳ ବଡ଼ ବଡ଼ କମ୍ପାନୀ ମାନେ ସିଧସଳଖ ନିକଟସ୍ଥ ଭେଡେନ ନଦୀ, ଇବ ନଦୀ ହେଉ ଅବା ମହାନଦୀ ତଥା ହୀରାକୁଦ ଜଳଭଣ୍ଡାରକୁ ଛାଡୁଛନ୍ତି। ଏହା ସହ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ମଧ୍ୟ କିଛି ମାସ ପୂର୍ବରୁ ସାଙ୍ଘାତିକ ରିପୋର୍ଟ ଦେଇଛନ୍ତି ଯେ ସମ୍ବଲପୁର ଅଞ୍ଚଳର ଭୂତଳ ଜଳ ମଧ୍ୟ ଧୀରେ ଧୀରେ ବିଷରେ ପରିଣତ ହେଉଛି। ଏହି ରିପୋର୍ଟ ଆଧାରରେ ସମ୍ବଲପୁର ବିଜେଡି ଅଭିଯୋଗ କରିଥିଲେ ମଧ୍ୟ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହା ସହ ବାରମ୍ବାର ଆଗରୁ ବିଭିନ୍ନ ମହଲରୁ ଅଭିଯୋଗ ସତ୍ତ୍ୱେ, ବାରମ୍ବାର ବିଭିନ୍ନ ଖବର କାଗଜରେ ପ୍ରକାଶିତ ହେବା ପରେ ମଧ୍ୟ ଏହି ସବୁ କମ୍ପାନୀମାନଙ୍କ ଉପରେ କିଛି କାର୍ଯ୍ୟାନୁଷ୍ଠାନ ନ ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଯେଉଁ କମ୍ପାନୀମାନଙ୍କ ଦ୍ୱାରା ମାତ୍ରାଧିକ ପ୍ରଦୂଷଣ ହେଉଛି ସେମାନଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ କେବେ ନେବେ ଜିଲ୍ଲାପାଳ ଜନସାଧାରଣଙ୍କୁ ଅବଗତ କଲେ ଭଲ ହୁଅନ୍ତା, ଖାଲି ଲୋକ ଦେଖାଣିଆ ନିଜ ଛବିକୁ ଭଲ କରିବା ପାଇଁ ଛୋଟ ଛୋଟ କମ୍ପାନୀମାନଙ୍କୁ ଟାର୍ଗେଟ କରି ନିଜର ଫଟୋ ଉଠାଇବା ବଦଳରେ ଯେଉଁମାନଙ୍କ ଦ୍ୱାରା ମାତ୍ରାଧିକ ପ୍ରଦୂଷଣ ହେଉଛି ତାଙ୍କ କମ୍ପାନୀ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ।ଏହା ଉପରେ ସରକାର ଗଭୀରତାର ସହ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ବୃହତ୍ ଜନଅନ୍ଦୋଳନର ସରକାରଙ୍କୁ ସାମ୍ନା କରିବାକୁ ପଡ଼ିବ ବୋଲି ଇଂ ପୂଜାରୀ ଚେତାବନୀ ଦେଇଛନ୍ତି।

**ପ୍ରସାର ପାଇଁ କେବଳ ଛୋଟ କମ୍ପାନୀର ଯାଞ୍ଚ ହେଉଛି**

# ଚାଷୀଙ୍କ ମୁହଁରେ ହସ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର, ୨୬।୧୧(ସମିସ):**ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଏଫସିଆଇ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଉଷୁନା ଧାନ କିଣିବା ସହ ଚାଉଳର ଶୀଘ୍ର ଉଠାଣ ପାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସାକ୍ଷାତ୍ କରି ଅନୁରୋଧ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ, ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ସ୍ୱାର୍ଥକୁ ରକ୍ଷା କରି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୭ ଲକ୍ଷ ମେଟ୍ରିକ୍ ଟନ୍ କରାଯାଇଛି। ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୧୧ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ବିଜେପି ସରକାର ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା, ପିଏମ କିଷାନ, ସିଏମ କିଷାନରେ ଆର୍ଥିକ ସହାୟତା ପ୍ରଦାନ ରାଜ୍ୟର ଚାଷୀଙ୍କ ଆୟକୁ ବୃଦ୍ଧି କରିଛି। ଏହା ସହ ଧାନ କିଣା ଲକ୍ଷ୍ୟରେ ୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ତଥା ମୋଟ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ନିଷ୍ପତ୍ତି ଓଡ଼ିଶାର ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ।

## ■ ବାମରା ମକର ମହୋତ୍ସବ କମିଟି ଗଠିତ

# ପ୍ରଫୁଲ୍ଲ ଅଧ୍ୟକ୍ଷ, ଜ୍ୟୋତି ସାଧାରଣ ସମ୍ପାଦକ

**ସମ୍ବଲପୁର/କୁଚିଣ୍ଡା, ୨୬।୧୧ (ସମିସ):** ସମ୍ବଲପୁର ଜିଲ୍ଲା ବାମରାର ପ୍ରସିଦ୍ଧ ମକର ମହୋତ୍ସବ ୨୦୨୬ ପାଇଁ ନୂତନ କମିଟି ସୋମବାର ଗଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ପ୍ରଫୁଲ୍ଲ କୁମାର ନାୟକ ଅଧ୍ୟକ୍ଷ ଓ ଜ୍ୟୋତିକୁମାର ଲାଠ ସାଧାରଣ ସମ୍ପାଦକ ମନୋନୀତ ହୋଇଛନ୍ତି।

ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପ୍ରାରମ୍ଭରେ ପୂର୍ବ ବର୍ଷର ମକର ମେଳା ବିଷୟରେ ଆଲୋଚନା ହୋଇଥିଲା। ଏହାପରେ ମକର ମହୋତ୍ସବ ୨୦୨୬ ସକାଶେ ନୂତନ କମିଟି ଗଠନ କରାଯାଇଥିଲା। କମିଟିର ଅଧ୍ୟକ୍ଷ ଭାବେ ପ୍ରଫୁଲ୍ଲ କୁମାର ନାୟକ ମନୋନୀତ ହୋଇଥିବାବେଳେ ଉପାଧ୍ୟକ୍ଷ ଇନ୍ଦ୍ରଦେବ ଚୌଧୁରୀ ଓ ମହେନ୍ଦ୍ର ଚୌଧୁରୀ, ସାଧାରଣ ସମ୍ପାଦକ ଜ୍ୟୋତି କୁମାର ଲାଠ, ସମ୍ପାଦକ ସଞ୍ଜୟ କୁମାର ଜୈନ, କୁମାର ଚନ୍ଦ୍ର ପଟେଲ, ଅଲେଖ ବିଶ୍ୱାଳ, ବୁଟୁ ମହାରଣା, ସଞ୍ଜୟ ମେହେର, ବିଚିତ୍ର ବିଶ୍ୱାଳ ଓ ମଙ୍ଗଳି ନାୟକ, କୋଷାଧ୍ୟକ୍ଷ ଓମ ଖଣ୍ଡେଲୱାଲ, ସହକୋଷାଧ୍ୟକ୍ଷ ସୁଧୀର ରାୟଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ଦୁର୍ଗା ପ୍ରସାଦ ମିଶ୍ର, ସୁନିଲ ସେଠ, କୈଳାଶ ରାଜ, ପ୍ରଶାନ୍ତ ଶତପଥୀ, ଦିଲୀପ ତ୍ରିପାଠୀ, ବିଷ୍ଣୁ ଶର୍ମା, ଅରବିନ୍ଦ ସାହୁ, ସଚ୍ଚିଦା ସାହୁ, ମନୋଜ ଦାସ ରହିଛନ୍ତି। ଚଳିତବର୍ଷ ବାମରା ମକର ମହୋତ୍ସବକୁ ଆହୁରି ଭବ୍ୟ ଓ ଆକର୍ଷଣୀୟ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

# କତରବଗାରେ ଦୁର୍ଘଟଣା, ମହିଳା ମୃତ

**ସମ୍ବଲପୁର, ୨୬।୧୧(ସମିସ):** ଛତିଶଗଡ଼ ରାୟଗଡ଼ରୁ କୁଚିଣ୍ଡାକୁ ବରଯାତ୍ରୀ ଆସିଥିବା ଏକ ବୋଲେରୋ ଗାଡ଼ି ଦୁର୍ଘଟଣାର ଶିକାର ହୋଇଛି। ଗାଡ଼ିରେ ଯାଉଥିବା ମହିଳାଙ୍କ ମୃତ୍ୟୁ ହୋଇଛି। ମହିଳାଙ୍କ ନାଁ ମିଲି ଗୌଡ଼ ବୋଲି ପୁଲିସ୍ ପକ୍ଷରୁ ସୂଚନା ମିଳିଛି । ଏହାସହ ଅନ୍ୟ ୩ ଜଣ ଗୁରୁତର ଅଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଓ ୨ ଜଣ ପୁରୁଷ ଅଛନ୍ତି। ସେମାନଙ୍କୁ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଛତିଶଗଡ଼ ରାୟଗଡ଼ ଜିଲ୍ଲାରୁ ସମ୍ବଲପୁର କୁଚିଣ୍ଡାକୁ ବରଯାତ୍ରୀ ଆସିଥିଲେ । ବାହାଘର ସାରି କୁଚିଣ୍ଡାରୁ ଫେରୁଥିବା ସମୟରେ କତରବଗା ନିକଟ କ୍ରସର ନିକଟରେ ଦୁର୍ଘଟଣା ହୋଇଥିଲା। ଭାରସାମ୍ୟ ହରାଇ ବୋଲେରୋଟି ଏକ ଗଛକୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରୁ ତୁରନ୍ତ ୩ ଜଣଙ୍କୁ ଉଦ୍ଧାର କରାଯାଇଥିଲା। କିନ୍ତୁ ଦୀର୍ଘ ସମୟ ଧରି ମହିଳାଙ୍କୁ ଉଦ୍ଧାର କରାଯାଇପାରି ନଥିଲା। ମହିଳା ଜଣଙ୍କ ଇଞ୍ଜିନ ଭିତରକୁ ପଶି ଯାଇଥିଲେ। ତେଣୁ ତାଙ୍କୁ ସେଠାରୁ ବାହାର କରିବାକୁ ସମୟ ଲାଗିଥିଲା। ସେହି ମହିଳାଙ୍କ ମୃତ୍ୟୁ ହୋଇଥିବା ପୁଲିସ୍ କହିଛି । କିନ୍ତୁ ଅନ୍ୟ ଆହତଙ୍କ ପରିଚୟ ମିଳିପାରି ନାହିଁ।

# ବିଜେଡି ପକ୍ଷରୁ ଅସହାୟ ଝିଅଙ୍କୁ ସାହାଯ୍ୟ



**ସମ୍ବଲପୁର, ୨୬।୧୧(ସମିସ)** ଶ୍ରୀଗୁରୁ ତେଗବାହାଦୁର ସାହେବ ଜୀଙ୍କ ସହିଦୀ ଦିବସରେ ସେବା କାର୍ଯ୍ୟକରି ବିଜୁ ଜନତା ଦଳ ତରଫରୁ ଦିବସ ପାଳନ କରିଛି। ମଙ୍ଗଳବାର ସମ୍ବଲପୁର ମହାନଗର ୱାର୍ଡ ନ ୩୨ ହୀରାକୁଦ କଲୋନୀରେ ଅସହାୟ ଝିଅର ବାହାଘରରେ ସହଯୋଗର ହାତ ବଢ଼ାଇଲେ ସମାଜସେବୀ ତଥା ବିଜେଡ଼ି ନେତା ହରଦୀପ ସିଂହ ଭୂର୍ଜୀ। ଅସହାୟ ଝିଅର ବିବାହୋତ୍ସବରେ ଘରୋଇ ସରଞ୍ଜାମ ଘର କରଣା ସାମଗ୍ରୀ ପ୍ରଦାନ କରାଯାଇଛି। ବିଜେଡି ସୋସିଆଲ ମିଡିଆ ଜୋନ କୋଡ଼ିନେଟର ସୁବାସ ଜେନା, ବରିଷ୍ଠ ବିଜେଡ଼ି ନେତା ସତ୍ୟେନ୍ଦ୍ର ଦାଶ, ସବିନୟ ପୂଜାରୀ, ଯୁଲ୍‌ଫିକାର ଭୁଟୋ, ଦୁଲାଲ ରାୟ, ପ୍ରହ୍ଲାଦ ଗୁରୁ, ଶୁକେଶ ସିଂ, ମହିଳା ନେତ୍ରୀ ଲିଲିମା ମଲ୍ଲିକ, ଶବନା ବେଗମ, ଅଫସନା ବେଗମ, ମାନସୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଏଲଆର୍‌ଆଇ ଯାତ୍ରା

**ସମ୍ବଲପୁର, ୨୬।୧୧(ସମିସ):**ଜିଲ୍ଲା ଜଳ ବିଭାଜିକା ଉନ୍ନୟନ ସମ୍ବଲପୁରର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଏଲ ଆର୍‌ଆଇ ଯାତ୍ରା ଓ ଏଲଆରଆଇ ମହୋତ୍ସବ ଯୁଯୁମୁରା ବ୍ଲକ ବିରସିଂହଗଡ଼ ଖେଳପଡ଼ିଆ ଠାରେ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଯୁଯୁମୁରା ବ୍ଲକ ଅଧ୍ୟକ୍ଷା ମମତା ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି, ବିରସିଂହଗଡ଼ ସରପଞ୍ଚ ରିଙ୍କି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନୂଆ ପ୍ରକଳ୍ପ ଆରମ୍ଭ କରିବା ପାଇଁ ଭୂମିପୂଜନ, ବୃକ୍ଷରୋପଣ, ସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡିକର ଲୋକାର୍ପଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅତିଥିମାନେ ପତାକା ଦେଖାଇ ଏଲଆର୍‌ଆଇ ସଚେତନତା ରଥର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ରଥ ପ୍ରତି ଗ୍ରାମ ପଞ୍ଚାୟତକୁ ଯାଇ ଜଳବିଭାଜିକା ତଥା ଏଲଆରଆଇ କାର୍ଯ୍ୟକ୍ରମ ବାବଦରେ ଲୋକଙ୍କୁ ସଚେତନ କରାଇବ। ଉକ୍ତ ସଭାରେ ଜଳ ବିଭାଜିକାର ଲକ୍ଷ, ଉଦ୍ଦେଶ୍ୟ ଏବଂ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନତାଙ୍କୁ ସଚେତନ କରାଯାଇଥିଲା ।ଏଲ୍‌ଆର୍‌ଆଇ ମାଧ୍ୟମରେ ଚାଷ କରିଥିବା ଉପକୃତ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ସ୍ତରୀୟ କରାଯାଇଥିବା କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ପୁରସ୍କୃତ କରାଯାଇଥିଲା ।ଶେଷରେ ଜଳବିଭାଜିକା ଉନ୍ନୟନ ପରିବାର ପକ୍ଷରୁ ମନୋଜ ରଞ୍ଜନ କୁମାର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ମହୋତ୍ସବ



**ସମ୍ବଲପୁର, ୨୬।୧୧(ସମିସ):** ବୃନ୍ଦହିଲ ହନୁମାନ ମନ୍ଦିରରେ ପ୍ରଭୁ ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ମହୋତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳ ୯ଟାରେ ପ୍ରଭୁ ଶ୍ରୀ ରାମଙ୍କ ବରଯାତ୍ରୀ ରାମଙ୍କ ପିତା ମାତାଙ୍କ ଘରୁ ବାହାରି ମନ୍ଦିରରେ ପହଞ୍ଚିଥିଲା। ତାପରେ ବୈଦିକ ରୀତିରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସୋନପୁରର ବନ୍ଦିତା ନାୟକ ରାମାଚରିତ୍ର ମାନସ ପାଠ କରିବା ସହ ତାଙ୍କ ମଧୁର ଭକ୍ତି ଗୀତରେ ଭକ୍ତ ମାନେ ଝୁମି ଉଠିଥିଲେ। ଦିନ ୧.୦୦ ରେ ପ୍ରସାଦ ଏବଂ ସନ୍ଧ୍ୟା ୬.୦୦ରେ ନଗର ପରିକ୍ରମାର ବାହାରିଥିଲା ।ଶୋଭାଯାତ୍ରାରେ ବିଭିନ୍ନ ବାଜା, ଘଣ୍ଟବାଦ୍ୟ, କଳାହାଣ୍ଡିର ଘୁମୁରା ନାଚ ଏବଂ କୁନିକୁନି ଛୁଆମାନେ ରାମ ଲକ୍ଷ୍ମଣ, ଭାରତ, ଶତ୍ରୁଘ୍ନ ଓ ହନୁମାନ ବେଶ ହୋଇ ବାହାରିଥିଲେ। ଶ୍ରୀ ରାମଙ୍କ ମାତା ପିତା ରୂପରେ ବୃନ୍ଦହିଲର ସ୍ମିତା ବାବୁ ପାଣିଗ୍ରାହୀ ଓ ସୌମ୍ୟ ପ୍ରକାଶ ପାଣିଗ୍ରାହୀ ଏବଂ ମାତା ସୀତାଙ୍କ ମାତା ପିତା ରୂପରେ ଧନୁପାଲି ହନୁମାନ ନଗରର ଲିପ୍ସା ମିଶ୍ର ଓ ମହାବୀର ମିଶ୍ର କାର୍ଯ୍ୟକରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ବିବାହ ପରିଚାଳନା ପଣ୍ଡିତ ବ୍ୟାସଦେବ ପଣ୍ଡା କରିଥିଲେ। ମନ୍ଦିର କମିଟିର ସଭାପତି ଦୁର୍ଗା ମାଧବ ମିଶ୍ର, ସମ୍ପାଦକ ରାଜୀବ କୁମାର ଶତପଥୀ, ସହ ସମ୍ପାଦକ ସଞ୍ଜୀବ ପାଢ଼ୀ, କ୍ଷିରୋଦ ବେହେରା, ମୁରାରି ଶତପଥୀ, ଆଲୋକ ସାହୁ, ଅନୁପମ, ବସନ୍ତ ମହାରଣା, ଉମା ସାହୁ, ସଞ୍ଜୀବ ପରିଡ଼ା, ଶକ୍ତି ଶତପଥୀ ଓ ମନ୍ଦିରର ମହିଳା ସତସଙ୍ଗ କାର୍ଯ୍ୟ ତୁଲାଇ ଥିଲେ।

# କଫ ସିରପ୍ ଜବତ, ମହିଳା ସହ ୨ ଗିରଫ

**ସମ୍ବଲପୁର, ୨୬।୧୧(ସମିସ):**ସମ୍ବଲପୁର ଅବକାରୀ ବିଭାଗ ଦୁଇଟି ପୃଥକ ମାମଲାରେ ୨୧୭ଟି ବେଆଇନ କଫ ସିରପ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଧନୁପାଲି ଥାନା ଚାରଭାଟି ଅଞ୍ଚଳରେ ବେଆଇନ ଭାବେ କଫସିରପ କାରବାର ହେଉଥିବା ଖବର ପାଇଥିଲା। ପରେ ଚଢଉ କରି ୧୪୮ ବୋତଲ କଫସିରପ, ଗୋଟାଏ ସ୍କୁଟି ଓ ଦୁଇ ଜଣକୁ ଗିରଫ କରିଛି। ସେମାନେ ହେଲେ ଚାରଭାଟିର ଶ୍ୟାମ ଓରାମ(୩୨) ଓ ସନ୍ତୋଷ ଓରାମ(୨୪)। ସେହିପରି ବୁର୍ଲା ହାଇସ୍କୁଲ ପଡ଼ା ନିକଟରୁ କଫ ସିରପ୍ କାରବାରରେ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଉଛନ୍ତି ପ୍ରମିଳା ଷଣ୍ଢ(୩୫)। ତାଙ୍କ ନିକଟରୁ ୬୯ ବୋତଲ କଫ ସିରପ୍ ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ହ୍ୟୁମାନଙ୍କ ସ୍ମୃତିରେ ମହମବତି ଶୋଭାଯାତ୍ରା

**ସମ୍ବଲପୁର, ୨୬।୧୧(ସମିସ):**ହ୍ୟୁମାନ ସାଗରଙ୍କ ଆତ୍ମାର ସତଗତି କାମନା କରି ହୀରାକୁଦ ୟୁଥ କ୍ଲବ ପକ୍ଷରୁ ମହମବତି ଶୋଭାଯାତ୍ରା ଆୟୋଜିତ ହୋଇଥିଲେ ।ହୀରାକୁଦ କଳାକାର ପରିଷଦ, ସେବା ହିଁ କର୍ମ, ଲାୟନ୍ସ କ୍ଲବ ରୋୟାଲ, ପ୍ରମୁଖ ସହଯୋଗ କରିଥିଲେ ।ଆତ୍ମାର ସଦଗତି ନିମନ୍ତେ ଶାନ୍ତି ପ୍ରାର୍ଥନା କରି ପଦଯାତ୍ରା ହୋଇଥିଲା ।ସମାଜସେବୀ କାର୍ତ୍ତିକ କଲେତ, ନିସାନ ବାଦ୍ୟକାର ରାଧେ, ଯୁବ ସଭାପତି ମଞ୍ଜୁ ଓରାମ, ସମ୍ପାଦକ ଜିତେନ୍ ଗର୍ଦ୍ଦିୟ, ମାନସୀ କୁଶଳ, ରୋହିତ ତାଣ୍ଡି, ଉତ୍ତମ ବାଗ, ମହେଶ ଗର୍ଡ଼ିୟ, ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ଜ୍ୟୋତିଷ, ମାନସ ମୁଲି, ସୂର୍ଯ୍ୟ କଲେତ, ଦିପକ୍ ନାଗ, ପାୟଲ କରାଲି, ହିରା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

**ସମ୍ବିଧାନ ଦିବସ ପାଳିତ**

# ସମସ୍ତ ଭାରତୀୟ ଥରେ ସମ୍ବିଧାନ ପଢ଼ିବା ଆବଶ୍ୟକ









## ଜିଏମୟୁ

**ସମ୍ବଲପୁର, ୨୬।୧୧(ସମିସ)**

ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ ରାଜନୀତି ବିଜ୍ଞାନ ବିଭାଗ ଓ ଏଲେକ୍ଟୋରାଲ୍ ଲିଟରେସି କ୍ଲବ୍ ଦ୍ୱାରା ମିଳିତ ଭାବେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଉପକୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବାର ଆସୋସିଏସନ ସଭାପତି ପ୍ରଦୀପ ବହିଦାର ଏବଂ ମୁଖ୍ୟବ୍ୟକ୍ତା ଭାବେ ପ୍ରଫେସର ଆରକେ ଶତପଥୀ ପୂର୍ବତନ ପ୍ରଫେସର, ନେହୁ, ଶିଲଙ୍ଗ ଯୋଗ ଦେଇଥିଲେ। ପ୍ରଫେସର ଆରକେ ଶତପଥୀ ଭାରତୀୟ ସମ୍ବିଧାନର ଉତ୍ପତ୍ତି, ସଂଘୀୟ ଗଠନ, ଗଣତନ୍ତ୍ରର ସାପେକ୍ଷତା ଓ ବେସିକ୍ ଷ୍ଟ୍ରକ୍‌ଚର ଡକ୍ଟ୍ରିନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ ।ପ୍ରଫେସର ଶତପଥୀ ନବ ପିଢ଼ୀକୁ ସମ୍ବିଧାନୀୟ ମୂଲ୍ୟବୋଧ ଅନୁସରଣ କରି ଦେଶ ଗଢ଼ିବା କାମରେ ସଚେତନ ଏବଂ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ପ୍ରଦୀପ ବହିଦାର କହିଥିଲେ, ଭାରତରେ ଥିବା ସବୁ ବ୍ୟକ୍ତିମାନଙ୍କୁ ସମ୍ବିଧାନ ପଢ଼ିଭା ଓ ଜାଣିବାର ଦରକାର। କାର୍ଯ୍ୟକ୍ରମରେ ସମ୍ବିଧାନ ଦିବସକୁ ଅଧିକ ଅର୍ଥବାହୀ କରିବା ପାଇଁ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ଏକ, ରଚନା ପ୍ରତିଯୋଗିତା ଓ ତର୍କବିତର୍କ (ଡିବେଟ୍) ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଜିତିଥିବା ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନ ପତ୍ର, ଟ୍ରଫି ଓ ପୁରସ୍କାର ଦିଆଯାଇଥିଲା। ଆସିଷ୍ଟାଣ୍ଟ ପ୍ରଫେସର ସିଂହ ଶୁଭଲକ୍ଷ୍ମୀ ବୈଦାର କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ ।ବିଶ୍ୱବିଦ୍ୟାଳୟ ଡେପୁଟି ରଜିଷ୍ଟ୍ରାର ଓ ଅର୍ଥନୀତି ବିଭାଗ ମୁଖ୍ୟ ଡ. ଉମା ଚରଣ ପତି ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲା ବେଳେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କେଶବ ଚନ୍ଦ୍ର ରଥ ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ବିଭାଗର ଶିକ୍ଷକ ଡ.ବନିତା ମହାନନ୍ଦିଆ, ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ପ୍ରଳୟ କୁମାର ଓଝା ଓ ବିଭାଗର ଗବେଷକ ଓ ଛାତ୍ରଛାତ୍ରୀ ସାହାଯ୍ୟ କରିଥିଲେ। ରାଜନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ପ୍ରୀତି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁର ରେଳମଣ୍ଡଳ

**ସମ୍ବଲପୁର, ୨୬।୧୧(ସମିସ):**ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ବୁଧବାର ସମ୍ବିଧାନ ଦିବସ ପାଳନ କରାଯାଇଛି ।ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀଙ୍କ ନେତୃତ୍ୱରେ ଅଧିକାରୀ ଏବଂ କର୍ମଚାରୀମାନେ 'ଭାରତୀୟ ସମ୍ବିଧାନର ପ୍ରସ୍ତାବନା'ର ସାମୂହିକ ପାଠ କରିଥିଲେ। ସମ୍ବଲପୁରର ଡିଆରଏମ ଅଫିସ କମ୍ପ୍ଲେକ୍ସର ପ୍ରଗତି ଧାରା ଠାରେ ଆୟୋଜିତ ହୋଇଥିଲା ।ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ।ମଣ୍ଡଳ କାର୍ମିକ ଅଧିକାରୀ ପୋନା ଭେଙ୍କଟେଶ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସମ୍ବିଧାନରେ ନିର୍ଣ୍ଣିତ ମୂଲ୍ୟବୋଧ ଏବଂ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱକୁ ସ୍ମରଣ କରାଇଥିଲା।

## ସିଆରପିଏଫ୍ ଗ୍ରୁପ୍ ସେଣ୍ଟର

**ସମ୍ବଲପୁର, ୨୬।୧୧(ସମିସ):** ଗୋଶାଳା ନିକଟସ୍ଥ ସିଆରପିଏଫ୍ ଗ୍ରୁପ ସେଣ୍ଟରରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା ।ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ଦିବସ ପାଳିତ ହୋଇଥିଲା। ଶ୍ରୀ ସିଂହ ଭାରତର ସମ୍ବିଧାନକୁ ବିଶ୍ୱର ସବୁଠାରୁ ବ୍ୟାପକ ସମ୍ବିଧାନ ଭାବରେ ବର୍ଣ୍ଣନା କରିଥିଲେ। ଭୀମରାଓ ଆମ୍ବେଦକରଙ୍କ ମହାନ ଅବଦାନକୁ ଭାବପ୍ରବଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଶେଷରେ ଉପସ୍ଥିତ ସମସ୍ତ ଅଧିକାରୀ ଏବଂ ସୈନିକ ସମ୍ବିଧାନର ସପ୍ତମ ପ୍ରସ୍ତାବନା ପାଠ କରିଥିଲେ।

## ଲ'କଲେଜ

**ସମ୍ବଲପୁର, ୨୬।୧୧(ସମିସ):**ସମ୍ବିଧାନ ଅନୁଯାୟୀ ଦେଶର ଶାସନ ପ୍ରକ୍ରିୟାକୁ ପରିଚାଳନା କରିବା ହେଉଛି ଭାରତୀୟ ଗଣତନ୍ତ୍ରର ମୂଳ ଲକ୍ଷ୍ୟ। ଏକ ବଳିଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକ ଅଧିକାରକୁ ସର୍ବାଧିକ ପ୍ରାଧାନ୍ୟ ଦିଆ ଯିବା ଉଚିତ୍। ସମସ୍ତଙ୍କ ଭାଗିଦାରୀରେ ହିଁ ଏକ ନୂତନ ରାଷ୍ଟ୍ରର ଭବିଷ୍ୟତ ନିର୍ମାଣ ହୋଇପାରିବ ବୋଲି ସମ୍ବିଧାନ ଦିବସ ଉପଲକ୍ଷେ ସ୍ଥାନୀୟ ଲଜପତ ରାୟ ଆଇନ ମହାବିଦ୍ୟାଳୟର ପକ୍ଷରୁ ଆୟୋଜିତ ଜାତୀୟ ସମ୍ମାନରେ ମତପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ସାମ୍ବିଧାନିକ ମୂଲ୍ୟବୋଧର ଆକାଂକ୍ଷା ଏବଂ ସମସାମୟିକ ରାଜନୈତିକ ପରିସ୍ଥିତି ଶୀର୍ଷକ ଜାତୀୟ ସମ୍ମାନର ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟ ଅତିଥି, ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଶ୍ରୀବନ୍ତ ଦାଶ, ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ପ୍ରଫେସର ବିଜୟ ମହାପାତ୍ର, ପଣ୍ଡିତ ରବି ଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟର ପ୍ରଫେସର ବେଣୁଧର ରାଉତିଆ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଥମ ବୈଷୟିକ ଅଧିବେଶନରେ ଡିଜିଟାଲ ଯୁଗ ସହ ତାଳ ଦେଇ ଦେଇ ଏକ ସୁନ୍ଦର୍ ସମାଜ ଗଠନ କରିବାରେ ଆଇନଜୀବିଙ୍କ ଭୂମିକା ପ୍ରଫେସର ଦୀପକ କୁମାର ବେହେରା ଆଲୋକପାତ କରିଥିଲେ ।ଏଥିରେ ଡ.ନବି ଖାଁ ଓ ଡ.ଦେବଦତ୍ତ ପୃଷ୍ଟିଙ୍କୁ ମିଶାଇ ମୋଟ ୧୦ଟି ସନ୍ଦର୍ଭ



ପାଠ କରାଯାଇଥିଲା। ସେହିପରି ଡ.ଶ୍ରୀକାନ୍ତ ମିଶ୍ର ଓ ରାଜକୁମାର ଅଗ୍ରୱାଲଙ୍କ ପରିଚାଳନାରେ ଅନୁଷ୍ଠିତ ଦ୍ୱୀତିୟ ଅଧିବେଶନରେ ମୋଟ ୩୦ଟି ସନ୍ଦର୍ଭ ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ଲକ୍ଷ୍ମୀକାନ୍ତ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନାରାୟଣ ସ୍ୱାଇଁ, ଅନୁରାଧା ମିର୍ଦ୍ଧା, ନଟବର ମହାରଣା ସହଯୋଗ କରିଥିବା ବେଳେ ଅନୁଷ୍କା ପତି, ବାଲଗୋପଲ୍ ନନ୍ଦ, ଆମର ଶର୍ମା, ଦେବାଶିଷ ନନ୍ଦୀଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ମହିଳା ମହାବିଦ୍ୟାଳୟ

**ସମ୍ବଲପୁର, ୨୬।୧୧(ସମିସ):**ଜାତୀୟ ସମ୍ବିଧାନ ଦିବସ ଉପଲକ୍ଷେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମାନ ଅନୁଷ୍ଠିତ ହେବା ସହିତ ସମ୍ବିଧାନ ଶପଥ ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ପ୍ରଥମେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଙ୍କୁ ସମ୍ବିଧାନ ସଂଯୁକ୍ତ ପ୍ରସ୍ତାବନାର ଶପଥ ପାଠ କରାଇଥିଲେ ।ଏହି ଉପଲକ୍ଷେ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଆୟୋଜିତ ସମ୍ମାନରେ ସମ୍ବିଧାନ ବିଶେଷଜ୍ଞ ତଥା ଆଇନଜ୍ଞ ଡ.ପ୍ରମୋଦ କୁମାର ରଥ ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ ।ଅଧ୍ୟକ୍ଷା ପ୍ରଫେସର ମେହେର ପୃଥିବୀର ସର୍ବବୃହତ ଗଣତନ୍ତ୍ର ଭାରତର ସ୍ଥିତି ଏବଂ ସ୍ଥାୟିତ୍ୱ ପାଇଁ ସମ୍ବିଧାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଆଲୋଚିକା ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରଫେସର ଭାରତୀ ମିଶ୍ର ସମ୍ବିଧାନର ସୃଷ୍ଟି ଓ ଐତିହ୍ୟ ଉପରେ ଆଲୋକପାତ କରି କେଶବାନନ୍ଦ ଭାରତୀ ତଥା ଅନ୍ୟ କ୍ଷେତ୍ରରେ ସର୍ବୋଚ୍ଚ ଅଦାଲତର ରାୟର ଉଦାହରଣ ପ୍ରଦାନ କରିଥିଲେ। ପ୍ରଫେସର ପ୍ରଶାନ୍ତ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗ ମୁଖ୍ୟା ପ୍ରଫେସର ଶୈଳଜା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସମ୍ମାନର ସଂଯୋଜନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରଗତି ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ। ତେଣୁ ପୁରୁଷ, ମହିଳା ନିର୍ବିଶେଷରେ ଏହା ସମସ୍ତଙ୍କୁ ଦିଆଯିବା ଉଚିତ।

-ଶ୍ରୀ ନାରାୟଣ ଗୁରୁ

## ପ୍ରତିଶ୍ରୁତି – ପ୍ରତାରଣା

ଧାନ ସଂଗ୍ରହକୁ ନେଇ ଚାଷୀ, ମିଲର ଓ ସରକାରଙ୍କ ମଧ୍ୟରେ ଚାଲିଥିବା ଟଣାଓଟରାରୁ ପରିଲକ୍ଷିତ ଅବ୍ୟବସ୍ଥା ବାରି ହୋଇପଡୁଛି। ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଥିବା ଚାଷୀଙ୍କ ସଂଖ୍ୟା ୧୯ ଲକ୍ଷକୁ ବୃଦ୍ଧି ପାଇଛି। ସେହି ଅନୁପାତରେ ସରକାର ମଧ୍ୟ ଧାନ ସଂଗ୍ରହ ଲକ୍ଷ୍ୟ ବଢ଼ାଇଛନ୍ତି। କିନ୍ତୁ ଅସଲରେ ଧାନର ସୁରକ୍ଷିତ ଭଣ୍ଡାରଣର ଅଭାବ ପରିସ୍ଥିତିକୁ ଜଟିଳ କରିଛି। ସରକାର ଏହି ଦାୟିତ୍ୱ ମିଲରଙ୍କୁ ଦେଇ ନିଶ୍ଚିନ୍ତ ହୋଇ ପଡ଼ିଥିବା ବେଳେ ସେମାନେ ଏବେ ହାତ ଟେକି ଦେଇଛନ୍ତି। ଡିସେମ୍ବର ୨୫ ରୁ ଖରିଫ ବିପଣନ ଋତୁ ଆରମ୍ଭ ହେବ ବୋଲି ସରକାରୀ ସ୍ତରରେ ଘୋଷଣା କରାଯାଇଥିବା ବେଳେ ସମ୍ବଲପୁର ଓ ବରଗଡ଼ ଚାଷୀଙ୍କ ଚାପର ବଶବର୍ତ୍ତୀ ହୋଇ ସେଠାରେ ଆସନ୍ତା ୨୮ ରୁ ଧାନ ସଂଗ୍ରହ ହେଉଥିବାର ସୂଚନା ମିଳିଛି। ଅଥଚ ମିଲର ସଂଘ ଧାନ ସଂଗ୍ରହ ପ୍ରକ୍ରିୟାରୁ ଦୂରେଇ ରହିବ ବୋଲି ସ୍ପଷ୍ଟ କରିଦେଇଛି। ସେମାନଙ୍କ ଦାବି ମଧ୍ୟ ଅଯୌକ୍ତିକ ନୁହେଁ।

ଏବେ ମୁଖ୍ୟ ସମସ୍ୟା ହେଉଛି ଭାରତ ଖାଦ୍ୟ ନିଗମ ରାଜ୍ୟରୁ ଚାଉଳ ଉଠାଇ ନଥିବାରୁ ମିଲରଙ୍କୁ ବଳକା ଚାଉଳ ବୋଝ ହୋଇପଡ଼ିଛି। ଏହି ସମସ୍ୟା ଆଜିର ନୁହେଁ। କେନ୍ଦ୍ରର ଅସହଯୋଗ ଯୋଗୁଁ ପୂର୍ବ ସରକାର ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ସରକାରଙ୍କୁ କଠୋର ସମାଲୋଚନା କରୁଥିବା ତତ୍କାଳୀନ ବିରୋଧୀ ଦଳ ଏବେ କ୍ଷମତାରେ। ଏବେ ତ ଡବଲ ଇଞ୍ଜିନ ସରକାର। ଅସୁବିଧା କେଉଁଠି? କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଖାଦ୍ୟ ନିଗମର ସେଭଳି ସକ୍ରିୟତା ଅନୁଭୂତ ହେଉନଥିବାରୁ ସମସ୍ୟା ଯେଉଁଠି ଥିଲା ସେହିଠି ଅଟକି ରହିଛି। ପରିସ୍ଥିତି ଏପରି ହୋଇଛି ଯେ ଏପର୍ଯ୍ୟନ୍ତ ଗତ ଖରିଫ ଋତୁରେ ସଂଗୃହୀତ ଧାନର ମିଲିଂ ସରିନି। ଅଥଚ ରବି ଋତୁ ଧାନ ଆସି ମିଲରେ ଗଦା ହୋଇପଡ଼ିଛି। ଧାନ ମିଲିଂ ହୋଇଗଲେ ଚାଉଳ ଅଧିକ ଦିନ ମହଜୁଦ କରିବା ସମ୍ଭବ ନୁହେଁ। ନଷ୍ଟ ହୋଇଯିବାର ସ୍ଥିତିକୁ ଦୃଷ୍ଟିରେ ରଖି ମିଲର ଉଦ୍ଦେଶ୍ୟମୂଳକ ଭାବେ ଏଦିଗରେ ବିଳମ୍ବିତ ପ୍ରକ୍ରିୟାକୁ ଆଦରି ନେଇଛନ୍ତି। ତେବେ ଏବର ସମସ୍ୟା ହେଲା, ମିଲର କେଉଁଠି କେତେ ବା ଧାନ ଭଣ୍ଡାରଣ କରି ରଖିବ? ଅନ୍ୟପକ୍ଷରେ ଗଚ୍ଛିତ ଧାନର ରକ୍ଷଣାବେକ୍ଷଣା ପାଇଁ ସରକାର କ୍ୱିଣ୍ଟାଲ ପିଛା ୭.୨୦ ଟଙ୍କା ଦେବାର ପ୍ରାବଧାନ ଥିଲେ ମଧ୍ୟ ଗତ ଦୁଇବର୍ଷ ଧରି ସେମାନଙ୍କୁ ଏବାବଦ ଅର୍ଥ ମିଳିନି। ସେହିଭଳି କଷ୍ଟମ ମିଲିଂ ଦର ବୃଦ୍ଧି ପ୍ରତିଶ୍ରୁତି ଋତୁ ପରେ ଋତୁ ଅତିକ୍ରମ କରୁଥିଲେ ମଧ୍ୟ ତାହା ମିଳୁ ନାହିଁ। ଚାଷୀଙ୍କ ପକ୍ଷରୁ ଧାନ ସଂଗ୍ରହ ବେଳେ କଟନୀ ଛଟନୀ ଅଭିଯୋଗ କିଛି ନୂଆ ନୁହେଁ। ସରକାର ଓ ମିଲରଙ୍କ ଏହି ସଳାସୁତୁରାକୁ ଓଲଟାଇ ଦେଇଛନ୍ତି ସମବାୟ ମନ୍ତ୍ରୀ। ବିଚିତ୍ର କଥା, କଟନୀ ଛଟନୀ କରି କ'ଣ ଚାଷୀ ନିଜ ଗୋଡ଼ରେ କୁରାଢ଼ୀ ଚୋଟ ମାରୁଛି?

ଏହି ବିବାଦର ମୂଳ ମଞ୍ଜି ହେଉଛି ଖାଦ୍ୟ ନିଗମର ଅସହଯୋଗିତା। କେନ୍ଦ୍ର ସରକାରଙ୍କ ବିନା ଇଙ୍ଗିତରେ କ'ଣ ଏହା ଚାଲିଛି? କେନ୍ଦ୍ର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଚାଉଳ ଉଠୁନି। ଖାଦ୍ୟ ନିଗମକୁ ଉଦ୍ଦେଶ୍ୟମୂଳକ ଭାବେ ଦୁର୍ବଳ କରି ସଂପୂର୍ଣ୍ଣ ରୂପେ ବାଦ କରିଦେବାର ଉପକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟାହତ ହୋଇଥିବା କୃଷି ବିଲରୁ ସ୍ପଷ୍ଟ ଯେ ସଂଗ୍ରହ ଓ ବିପଣନ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଇଥା'ନ୍ତା। ତାହା ହିଁ ଆଗକୁ ହେବ।

## ଟ୍ରମ୍ପଙ୍କ ପ୍ରଭାବ ହ୍ରାସ

ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଙ୍କ ମଧ୍ୟରେ ମତ ବିନିମୟ, ପାରସ୍ପରିକ ବୁଝାମଣା ଓ ଆର୍ଥିକ ସହଯୋଗିତାର ସର୍ବବୃହତ୍ ମଞ୍ଚ ଜି – ୨୦ । ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଶିଖର ସମ୍ମିଳନୀକୁ ପରବର୍ତ୍ତୀ ଅଧ୍ୟକ୍ଷ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାସନ୍ଦ ଓ ଅନୁପସ୍ଥିତି ସେପରି ପ୍ରଭାବିତ କରିପାରିନାହିଁ। ସମ୍ମିଳନୀରେ ଯୋଗଦେଇଥିବା ବିଶ୍ୱ ପ୍ରମୁଖ ନେତୃତ୍ୱଙ୍କ ଟ୍ରମ୍ପଙ୍କ ପ୍ରତି ମନୋଭାବରେ ପରିଲକ୍ଷିତ ବିଦ୍ୱେଷ ବାରି ହୋଇପଡ଼ିଥିଲା। ସତେଯେମିତି କିଛି ଘଟିନି। ପ୍ରତିକ୍ରିୟାଶୂନ୍ୟ ପରିବେଶରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କ ଅଧ୍ୟକ୍ଷତାରେ ନିବାଧା ଓ ନିର୍ବିଘ୍ନରେ ସମ୍ମିଳନୀ ଉଦ୍‌ଘାଟନ ଓ ଉଦ୍‌ଯାପନ ହୋଇଥିଲା। ଏପରିକି ଜାରି ହୋଇଥିବା ଘୋଷଣାନାମାକୁ ନିରଙ୍କୁଶ ସମର୍ଥନ ମିଳିଥିଲା।

ସମ୍ମିଳନୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଜି – ୨୦ ର ପରବର୍ତ୍ତୀ ଅଧ୍ୟକ୍ଷ ଆମେରିକାକୁ ଆନୁଷ୍ଠାନିକ ଗାଭେଲ୍ ପ୍ରଦାନ କରାଯାଇନାହିଁ। ଅନୁପସ୍ଥିତ ରାଷ୍ଟ୍ରପତି ଟ୍ରମ୍ପ ସମ୍ମିଳନୀର ଗୁରୁତ୍ୱ ଦୃଷ୍ଟିରୁ ଜଣେ ପ୍ରତିନିଧିସ୍ତରୀୟ ନେତାଙ୍କୁ ଯୋଗଦେବା ପାଇଁ ପଠାଇବାର ସର୍ବନିମ୍ନ ସୌଜନ୍ୟ ମଧ୍ୟ ରକ୍ଷା କରି ନାହାନ୍ତି। ତେଣୁ ଆମେରିକା ଦୂତାବାସର ଜଣେ କନିଷ୍ଠ ଅଧିକାରୀଙ୍କୁ ଗାଭେଲ୍ ହସ୍ତାନ୍ତର କରିବାକୁ ରୋକଠୋକ ମନା କରିଦେଇଥିଲେ ରାମାଫୋସା। ଦକ୍ଷିଣ ଆଫ୍ରିକା ବୈଦେଶିକ ମନ୍ତ୍ରୀ ଏକ ସ୍ପଷ୍ଟୀକରଣରେ କହିଛନ୍ତି ଯେ ଗାଭେଲ ହସ୍ତାନ୍ତର ପାଇଁ ଆଉ ଔପଚାରିକ କାର୍ଯ୍ୟକ୍ରମ ହେବ ନାହିଁ। ଆମେରିକା ଚାହିଁଲେ ବିଦେଶ ମନ୍ତ୍ରାଳୟରୁ ଗାଭେଲ ସହ ଜି-୨୦ କାଗଜପତ୍ର ନେଇପାରିବ। ଏଭଳି ଏକ ସର୍ବବୃହତ ଆନ୍ତର୍ଜାତିକ ଫୋରମରେ ଔପଚାରିକ ଦାୟିତ୍ୱ ହସ୍ତାନ୍ତରକୁ ନେଇ ଯାହା ଘଟିଗଲା ତାହାର ଔଚିତ୍ୟ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇପାରେ। ହ୍ୱାଇଟ ହାଉସ ଉପସଚିବ ଆନ୍ନା କେଲି କହିଛନ୍ତି ଯେ ଜି-୨୦ ଗାଭେଲ୍ ହସ୍ତାନ୍ତର ନକରି ଦକ୍ଷିଣ ଆଫ୍ରିକା ଭୁଲ କରିଛି। ଏଥିରୁ ସ୍ପଷ୍ଟ ଯେ ଆମେରିକା ଏହି ଘଟଣାରେ କ୍ଷୁବ୍ଧ। କିଏ ଭୁଲ, କିଏ ଠିକ୍ ତାହା ତ ଭିନ୍ନ କଥା। ତେବେ ଟ୍ରମ୍ପଙ୍କୁ ନେଇ ଅସନ୍ତୁଷ୍ଟ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ପ୍ରତିକ୍ରିୟା ଉପସ୍ଥିତ ନେତୃବର୍ଗଙ୍କ ମଧ୍ୟରେ ନୂଆ ଚମକ ସୃଷ୍ଟି କରିଥିଲା। ଆମେରିକାକୁ ବାଦ ଦେଇ ଅବଶିଷ୍ଟ ବିଶ୍ୱ ସଂପର୍କରେ ଚିନ୍ତା କରିବାର ସମୟ ଏବେ ଉପସ୍ଥିତ। ବିଶ୍ୱ ଅର୍ଥନୀତି ଏବେ କଡ଼ ଲେଉଟାଉ ଥିବାବେଳେ ଆମର ଦୃଷ୍ଟିଭଙ୍ଗୀ ବଦଳିବା ଉଚିତ ବୋଲି ତାଙ୍କର ଅନମନୀୟ ଉଚ୍ଚାରଣ ପ୍ରତି ବହୁ ରାଷ୍ଟ୍ରନେତାଙ୍କ ସମର୍ଥନ ଥିବା ଭଳି ମନେ ହୋଇଥିଲା। ସମ୍ମିଳନୀ ପ୍ରେକ୍ଷାପଟରେ ଭାରତ, ଅଷ୍ଟ୍ରେଲିଆ ଓ କାନାଡ଼ା ମଧ୍ୟରେ ବୈଷୟିକ ସହଯୋଗର କ୍ଷେତ୍ର ପ୍ରସ୍ତୁତି ଏବଂ ଭାରତ–କାନାଡ଼ା ମଧ୍ୟରେ ୭୦ ବିଲିୟନ ଡଲାର ବାଣିଜ୍ୟର ଭିତ୍ତିଭୂମି ପ୍ରତିଷ୍ଠା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ୟୁକ୍ରେନ ଓ ରୁଷ ମଧ୍ୟରେ ସନ୍ଧି ପାଇଁ ଟ୍ରମ୍ପ ଯେଉଁ ୨୮ ସୂତ୍ରୀ ଶାନ୍ତି ପ୍ରସ୍ତାବ ରଖିଛନ୍ତି ତାହାକୁ ନେଇ ମଧ୍ୟ ୟୁରୋପରେ ବିବାଦ ମୁଣ୍ଡ ଟେକିଛି। ପରୋକ୍ଷରେ ଏହା ୟୁକ୍ରେନର ଆତ୍ମସମର୍ପଣ। ଟ୍ରମ୍ପଙ୍କ ପକ୍ଷରୁ ଏଥିନେଇ ପଡୁଥିବା ଚାପ ବିରୋଧରେ ନିର୍ଦ୍ଧାରିତ ସମୟସୀମା ଶେଷ ହୋଇ ଆସୁଥିବା ବେଳେ ଟ୍ରମ୍ପ ବିରୋଧୀ ପ୍ରତିକ୍ରିୟା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି।

## ସଂରକ୍ଷିତ ଜୈବମଣ୍ଡଳ: ପ୍ରକୃତି ସଂରକ୍ଷଣର ଅଭିନବ ପରିକଳ୍ପନା

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ସଂରକ୍ଷିତ ଜୈବମଣ୍ଡଳ ହେଉଛି ସାମାଜିକ ଓ ପରିବେଶଗତ ବ୍ୟବସ୍ଥା ମଧ୍ୟରେ ପାରସ୍ପରିକ ପ୍ରକ୍ରିୟାର ଏକ ପରିସଂସ୍ଥା, ଯେଉଁଥିରେ ଜୈବମଣ୍ଡଳ ଓ ପ୍ରାକୃତିକ ସମ୍ପଦର ଯଥୋଚିତ ପରିଚାଳନା ପାଇଁ ସ୍ଥାନୀୟ ସମ୍ପ୍ରଦାୟର ଅଂଶଗ୍ରହଣର ବ୍ୟବସ୍ଥା ରହିଛି। ଏହା ତିନୋଟି ଜୋନ୍ ବା ଅଞ୍ଚଳକୁ ନେଇ ଗଠିତ। ଯଥା କୋର୍, ବଫର ଓ ଟ୍ରାଞ୍ଜିସନ୍। କୋର୍ ଅଞ୍ଚଳ (କେନ୍ଦ୍ରାଞ୍ଚଳ) ବନ୍ୟ ପ୍ରାଣୀ ଓ ଜୈବବିବିଧତା, ଭୂଦୃଶ୍ୟ ଓ ପରିସଂସ୍ଥାର ସଂରକ୍ଷଣ ପାଇଁ କଡ଼ାକଡ଼ି ଭାବରେ ସୁରକ୍ଷିତ, ଗବେଷଣା କାର୍ଯ୍ୟକଳାପ ବ୍ୟତୀତ କୌଣସି ମାନବ ହସ୍ତକ୍ଷେପକୁ ଅନୁମତି ଦିଆଯାଏ ନାହିଁ। କୋର୍ ଅଞ୍ଚଳର ଚତୁଃପାର୍ଶ୍ୱ କିମ୍ବା ସଂଲଗ୍ନ ଅଞ୍ଚଳ ହେଉଛି ପେରିଫେରି ବା ବାହ୍ୟାଞ୍ଚଳ ଜୈବବିବିଧତା ସଂରକ୍ଷଣ, ସୁଦୃଢ଼ ପରିବେଶ ଅନୁକୂଳ ସୁସଙ୍ଗତ କାର୍ଯ୍ୟକଳାପ, ବୈଜ୍ଞାନିକ ଗବେଷଣା, ତଦାରଖ, ତାଲିମ ଓ ଶିକ୍ଷା ପାଇଁ ବ୍ୟବହୃତ ହୁଏ। ପେରିଫେରିର ବାହ୍ୟ ଅଞ୍ଚଳକୁ ଟ୍ରାଞ୍ଜିସନ୍ ବା ଉପବାହ୍ୟାଞ୍ଚଳ କୁହାଯାଏ, ଯେଉଁଠାରେ ସ୍ଥାନୀୟ ସମ୍ପ୍ରଦାୟ ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ସାମାଜିକ-ସାଂସ୍କୃତିକ ଓ ପରିବେଶ ଅନୁକୂଳ କାର୍ଯ୍ୟକ୍ରମ କରିପାରିବେ, ଯାହା ସେମାନଙ୍କ ସ୍ଥାୟୀ ଆର୍ଥିକ ଓ ସାମାଜିକ ଜୀବନ ଅତିବାହିତ କରିବାକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ। କିନ୍ତୁ ବାଣିଜ୍ୟିକ ଉଦ୍ଦେଶ୍ୟ ସାଧନ ପାଇଁ ନୁହେଁ। ଏଠାରେ ପାରମ୍ପରିକ ପ୍ରାକୃତିକ ସମ୍ପଦ-ଭିତ୍ତିକ ଆର୍ଥିକ କାର୍ଯ୍ୟକଳାପ ଓ କୁଟୀର ଶିଳ୍ପର ପରିସର ଯଥେଷ୍ଟ ରହିଛି। ପେରିଫେରି ଓ ଟ୍ରାଞ୍ଜିସନ୍ କ୍ଷେତ୍ର ଉଭୟରେ ପ୍ରତିବନ୍ଧିତ ପର୍ଯ୍ୟଟନକୁ ଅନୁମତି ଦିଆଯାଇପାରେ। ସଂରକ୍ଷିତ ଜୈବମଣ୍ଡଳର ମୂଳ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକୁ ଟ୍ରାଞ୍ଜିସନ୍ ଜୋନ୍‌ରେ ସେମାନଙ୍କର ଜୀବିକା ଅର୍ଜନ କରିବାକୁ ସକ୍ଷମ କରିବା ପାଇଁ ସୁଯୋଗ ସୃଷ୍ଟି କରିବା, ଯାହା ଦ୍ୱାରା ସେମାନଙ୍କୁ ବନ୍ୟପ୍ରାଣୀଙ୍କ ସହିତ ନିଜ ଜୀବନକୁ ବିପଦରେ ପକାଇ କୋର୍ ଅଞ୍ଚଳରେ ପ୍ରବେଶ କରିବାକୁ ପଡ଼ିବ ନାହିଁ। ଏହି ଜୋନରେ ବିକଳ୍ପ ଜୀବିକା, ପରିବେଶ-ବିକାଶ କାର୍ଯ୍ୟକଳାପ ଏବଂ ସ୍ଥାୟୀ ସମ୍ବଳ ପରିଚାଳନାକୁ ପ୍ରୋତ୍ସାହିତ କରି ଏହି ଯୋଜନା ମୁଖ୍ୟ ବନ୍ୟପ୍ରାଣୀ ଘନ କୋର ଜୋନ ଉପରେ ମାନବୀୟ ଚାପ ହ୍ରାସ କରିବାରେ ସାହାଯ୍ୟ କରେ।

ବନ୍ୟଜୀବ ସଂରକ୍ଷଣ ଓ ପରିସଂସ୍ଥୀୟ ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରକୃତିର ସୁରକ୍ଷା ଅତ୍ୟନ୍ତ ଜରୁରୀ। ଜାତୀୟ ବନ୍ୟଜୀବ ଉଦ୍ୟାନ, ବନ୍ୟଜୀବ ଅଭୟାରଣ୍ୟ ଓ ଜୈବମଣ୍ଡଳ ସଂରକ୍ଷଣ ଭଳି ସଂରକ୍ଷିତ କ୍ଷେତ୍ରଗୁଡ଼ିକୁ ସେମାନଙ୍କର ପ୍ରାକୃତିକ ପରିସଂସ୍ଥାରେ ଜୈବବିବିଧତାକୁ ସୁରକ୍ଷା ଦେବା ପାଇଁ ସାରା ବିଶ୍ୱରେ ସୃଷ୍ଟି କରାଯାଇଛି। ତଥାପି, ଅନେକ ସମୟରେ ଏହି ଯୋଜନାଗୁଡ଼ିକର ପରିସର ଅସ୍ପଷ୍ଟ। ଏହି ତିନୋଟି ବନ୍ୟଜୀବ ସଂରକ୍ଷଣ ଯୋଜନାର ମୂଳ ଲକ୍ଷ୍ୟ ହେଉଛି ବନ୍ୟଜୀବ ଓ ପ୍ରକୃତି ସଂରକ୍ଷଣ କରିବା। ତେବେ ପ୍ରତ୍ୟେକଟିର ନୀତି, ନିୟମ ଓ କାର୍ଯ୍ୟକଳାପରେ ଭିନ୍ନତା ରହିଛି। ଜାତୀୟ ଉଦ୍ୟାନରେ କଠୋର ନିୟମ ରହିଥିବା ବେଳେ ଅଭୟାରଣ୍ୟରେ ଏହି ନିୟମ କୋହଳ। ଯଥା ପାରମ୍ପରିକ କୃଷି, ଜୈବିକ କୃଷି, ବନ୍ୟଜାତ କାଠ, ପତ୍ର, ପୁଷ୍ପ, ଫଳ, ମୂଳ, ମହୁ ଇତ୍ୟାଦି ସଂଗ୍ରହ କରିବା ସମେତ ସୀମିତ ମାନବ କାର୍ଯ୍ୟକଳାପକୁ ଅନୁମତି ଦିଆଯାଏ। ସଂରକ୍ଷିତ ଜୈବମଣ୍ଡଳରେ ଆଉ ପାଦେ ଆଗକୁ ଯାଇ ସ୍ଥାନୀୟ ସମ୍ପ୍ରଦାୟଙ୍କ ଅଂଶଗ୍ରହଣ ମାଧ୍ୟମରେ ପ୍ରକୃତି ସଂରକ୍ଷଣ ସହିତ ସ୍ଥାୟୀ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ଦେବା।

ସେପ୍ଟେମ୍ବର ୨୦୨୫ ସୁଦ୍ଧା ବିଶ୍ୱର ସମସ୍ତ ଅଞ୍ଚଳରେ ଅବସ୍ଥିତ ୧୪୨ଟି ଦେଶରେ (୨୫ ଟି ଆନ୍ତଃସୀମା ସ୍ଥାନ ସହିତ) ୭୮୪ ଟି ସଂରକ୍ଷିତ ଜୈବମଣ୍ଡଳ ନେଟୱାର୍କରେ ଅନ୍ତର୍ଭୁକ୍ତ ଅଛି। ଭାରତରେ ମୋଟ ୧୮ ଟି ଏଭଳି ଅଞ୍ଚଳ ରହିଛି। ନୀଳଗିରି ସଂରକ୍ଷିତ ଜୈବମଣ୍ଡଳ(ନୀଳଗିରିର ନୀଳ ପର୍ବତମାଳା- ତାମିଲନାଡୁ, କର୍ଣ୍ଣାଟକ ଓ କେରଳରେ ବିସ୍ତାରିତ) ହେଉଛି ଭାରତର ପ୍ରଥମ ସଂରକ୍ଷିତ ଜୈବମଣ୍ଡଳ, ଯାହା ୧୯୮୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଅନ୍ୟ ସଂରକ୍ଷିତ ଜୈବମଣ୍ଡଳଗୁଡ଼ିକ ହେଉଛି ନନ୍ଦା ଦେବୀ(ଉତ୍ତରାଖଣ୍ଡ, ୧୯୮୮ ମସିହାରେ ପ୍ରତିଷ୍ଠିତ), ନୋକ୍ରେକ (ମେଘାଳୟ, ୧୯୮୮ରେ ପ୍ରତିଷ୍ଠିତ), ମନ୍ନାର ଉପସାଗର (ତାମିଲନାଡୁ, ୧୯୮୯ ରେ ପ୍ରତିଷ୍ଠିତ), ସୁନ୍ଦରବନ (ପଶ୍ଚିମବଙ୍ଗ, ୧୯୮୯ ରେ ପ୍ରତିଷ୍ଠିତ), ମାନସ (ଆସାମ, ୧୯୮୯ ରେ ପ୍ରତିଷ୍ଠିତ), ଗ୍ରେଟ ନିକୋବର (ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ୧୯୮୯ରେ ପ୍ରତିଷ୍ଠିତ), ଶିମିଳିପାଳ (ଓଡ଼ିଶା, ୧୯୯୪ ରେ ପ୍ରତିଷ୍ଠିତ), ଦିବ୍ରୁ ସାଇଖୋୱା (ଆସାମ, ୧୯୯୭ରେ ପ୍ରତିଷ୍ଠିତ), ଦିହାଙ୍ଗ-ଦିବାଙ୍ଗ (ଅରୁଣାଞ୍ଚଳ ପ୍ରଦେଶ, ୧୯୯୮ରେ ପ୍ରତିଷ୍ଠିତ), ପଚମାଢ଼ି (ମଧ୍ୟପ୍ରଦେଶ, ୧୯୯୯ରେ ପ୍ରତିଷ୍ଠିତ), ଖଙ୍ଗଚେଣ୍ଡଜୋଙ୍ଗା (ସିକିମ, ୨୦୦୦ରେ ପ୍ରତିଷ୍ଠିତ), ଅଗସ୍ତ୍ୟମାଳା (କେରଳ ଓ ତାମିଲନାଡୁ, ୨୦୦୧ରେ ପ୍ରତିଷ୍ଠିତ), ଆଚନକମାର-ଅମରକଣ୍ଟକ (ମଧ୍ୟପ୍ରଦେଶ ଓ ଛତିଶଗଡ଼, ୨୦୦୫ରେ ପ୍ରତିଷ୍ଠିତ), ଗ୍ରେଟ୍ ରନ ଅଫ୍ କଚ୍ଛ (ଗୁଜରାଟ, ୨୦୦୮ ର ପ୍ରତିଷ୍ଠିତ), କୋଲ୍ଡ ଡେଜର୍ଟ (ହିମାଚଳ ପ୍ରଦେଶ, ୨୦୦୯ରେ ପ୍ରତିଷ୍ଠିତ), ଶେଷାଚଲମ (ଆନ୍ଧ୍ରପ୍ରଦେଶ, ୨୦୧୦ରେ ପ୍ରତିଷ୍ଠିତ) ଏବଂ ପାନ୍ନା (ମଧ୍ୟପ୍ରଦେଶ, ୨୦୧୧ରେ ପ୍ରତିଷ୍ଠିତ)। ଏହି ସଂରକ୍ଷିତ ଜୈବମଣ୍ଡଳଗୁଡ଼ିକ ପର୍ବତ ଓ ଜଙ୍ଗଲଠାରୁ ଉପକୂଳ ଓ ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ବିବିଧ ଭୂଦୃଶ୍ୟରେ ବିସ୍ତାରିତ, ଯାହା ଭାରତର ପରିବେଶଗତ ସମୃଦ୍ଧି ଓ ସ୍ଥାନୀୟ ସମ୍ପ୍ରଦାୟକୁ ସମର୍ଥନ କରିବା ସହିତ ଜୈବ ବିବିଧତା ସଂରକ୍ଷଣ ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶନ କରେ।

ସାରା ବିଶ୍ୱରେ ୨୬ କୋଟିରୁ ଅଧିକ ଲୋକ ଜୈବମଣ୍ଡଳ ସଂରକ୍ଷିତ ଅଞ୍ଚଳରେ ବାସ କରନ୍ତି। ମୋଟାମୋଟି ଭାବରେ ଏହି ସ୍ଥାନଗୁଡ଼ିକ ୭ ନିୟୁତ ବର୍ଗ କିଲୋମିଟରରୁ ଅଧିକ ଅଞ୍ଚଳକୁ ସୁରକ୍ଷା ଦିଏ, ଯାହା ଅଷ୍ଟ୍ରେଲିଆର ଆକାର ସହିତ ପ୍ରାୟ ସମାନ। ଭାରତର ୧୮ ଟି ସଂରକ୍ଷିତ ଜୈବମଣ୍ଡଳ ଅଞ୍ଚଳ ପ୍ରାୟ ୯୧, ୪୨୫ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ, ଯେଉଁଥିରୁ ୧୩ ଟି ୟୁନେସ୍କୋର ୱାର୍ଲ୍ଡ ନେଟୱାର୍କ ଅଫ୍ ବାୟୋସ୍ଫିୟର ରିଜର୍ଭ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଭାରତରେ ଅନେକ ଜାତୀୟ ଯୋଜନା ସଂରକ୍ଷିତ ଜୈବମଣ୍ଡଳ ଉଦ୍ଦେଶ୍ୟ ସହିତ ସମନ୍ୱୟରେ କାର୍ଯ୍ୟ କରେ, ଯାହା ଆବାସସ୍ଥାନ ସଂରକ୍ଷଣ, ସ୍ଥାୟୀ ସମ୍ବଳ ବ୍ୟବହାର ଓ ସାମୁଦାୟିକ ବିକାଶରେ ସାମୂହିକ ଭାବରେ ଯୋଗଦାନ ଦିଏ। ଏଥିମଧ୍ୟରୁ କିଛି ହେଉଛି ପ୍ରୋଜେକ୍ଟ ଟାଇଗର ବା ବ୍ୟାଘ୍ର ପ୍ରକଳ୍ପ, ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ବା ହସ୍ତୀ ପ୍ରକଳ୍ପ। ୨୦୨୨ ମସିହାରେ ସର୍ବଶେଷ ଅଖିଳ ଭାରତୀୟ ବ୍ୟାଘ୍ର ଆକଳନ ଅନୁଯାୟୀ, ଭାରତରେ ୩, ୬୮୨ ରୁ ଅଧିକ ବାଘ ଅଛନ୍ତି, ଯାହା ବିଶ୍ୱର ୭୫%। ଦେଶରେ ସବୁଠାରୁ ଅଧିକ ସଂଖ୍ୟକ ୨୭, ୩୧୨ ବନ୍ୟ ଏସୀୟ ହାତୀ ଅଛନ୍ତି। ଏହା ବିଶ୍ୱର ବନ୍ୟ ଏସୀୟ ହାତୀ ଜନସଂଖ୍ୟାର ପ୍ରାୟ ୫୫%।

ମୁଖ୍ୟ କଥା ହେଉଛି, ଭାରତ ଏହି ମହାନ ପ୍ରାଣୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ୧୯୭୩ ମସିହାରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଟାଇଗର, ୧୯୯୨ ମସିହାରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ହେଉଛି ଏହି ମହାନ ବନ୍ୟପ୍ରାଣୀଙ୍କ ପ୍ରାକୃତିକ ବାସସ୍ଥାନରେ ଦୀର୍ଘକାଳୀନ ବଞ୍ଚିବା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ ପଦକ୍ଷେପ। ଅନ୍ୟ ଯୋଜନାଗୁଡ଼ିକ ହେଉଛି ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ ଯୋଜନା, ଜାତୀୟ ଜୈବ ବିବିଧତା କାର୍ଯ୍ୟ ଯୋଜନା, ପରିବେଶ-ସମ୍ବେଦନଶୀଳ କ୍ଷେତ୍ର ଏବଂ ବନ୍ୟଜୀବ କରିଡର, ସବୁଜ ଭାରତ ମିଶନ ଇତ୍ୟାଦି। ଜୁଲାଇ ୨୦୨୪ରେ, ୟୁନେସ୍କୋ ଦକ୍ଷିଣ ଆମେରିକାରୁ ୟୁରୋପ ଏବଂ ଏସିଆ ପର୍ଯ୍ୟନ୍ତ ୧୧ଟି ଦେଶରେ ଆଉ ୧୧ ଟି ନୂତନ ସଂରକ୍ଷିତ ଜୈବମଣ୍ଡଳକୁ ନାମିତ କରିଥିଲା। ୧୯୮୬ ରୁ ୨୦୧୧ ମଧ୍ୟରେ ଭାରତରେ ୧୮ଟି ସଂରକ୍ଷିତ ଜୈବମଣ୍ଡଳ ଅଧିସୂଚିତ କରାଯାଇଥିଲା। କିନ୍ତୁ ୨୦୧୧ ପରେ ଆଉ ଗୋଟିଏ ବି ଅଞ୍ଚଳ ତାଲିକାରେ ଯୋଡ଼ା ଯାଇନାହିଁ। ସଂରକ୍ଷିତ ଜୈବମଣ୍ଡଳ ଜାତୀୟ ସରକାରମାନଙ୍କ ଦ୍ୱାରା ମନୋନୀତ ହୋଇଥାଏ ଏବଂ ସେଗୁଡ଼ିକ ଯେଉଁ ରାଜ୍ୟମାନଙ୍କରେ ଅବସ୍ଥିତ ସେହି ରାଜ୍ୟଗୁଡ଼ିକର ସାର୍ବଭୌମ ଅଧିକାର ଅଧୀନରେ ରହିଥାଏ।

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳରେ ଜୁନ୍ ୧୯୯୪ରେ ଭାରତର ଅଷ୍ଟମ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରାଯାଇଥିଲା। ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ସ୍ୱତନ୍ତ୍ର କମିଟି ମହେନ୍ଦ୍ରଗିରିରେ ଆଉ ଏକ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରିବାକୁ ସୁପାରିସ କରିସାରିଛି। ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାର ଭାରତ ସରକାରଙ୍କୁ ଏକ ଆନୁଷ୍ଠାନିକ ପ୍ରସ୍ତାବ ପଠାଇବାକୁ ପଡ଼ିବ। ଯଦି ମହେନ୍ଦ୍ରଗିରି ପର୍ବତମାଳାକୁ ସଂରକ୍ଷିତ ଜୈବମଣ୍ଡଳ ଟ୍ୟାଗ୍ ମିଳେ ତେବେ ଏହା ରାଜ୍ୟରେ ଦ୍ୱିତୀୟ ହେବ। ୧୯୭୨ ମସିହାରେ ୟୁନେସ୍କୋ 'ବିଶ୍ୱ ଐତିହ୍ୟ ସ୍ଥଳ' ନାମକ ଆଉ ଏକ ଯୋଜନା ଆରମ୍ଭ କରିଥିଲା, ଯେଉଁଥିରେ ପ୍ରାକୃତିକ ଐତିହ୍ୟ ସ୍ଥଳ ଅନ୍ତର୍ଭୁକ୍ତ ଥାଏ। ମହେନ୍ଦ୍ରଗିରି ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟତା ହାସଲ କରିଛି। କେବଳ ଆନ୍ତରିକ ଉଦ୍ୟମ, ସୁପାରିସ ଓ ତାଲିକାରେ ସାମିଲ୍ ଘୋଷଣା ବାକି ରହିଛି।

(ସଭାପତି, ଓଡ଼ିଶା ପରିବେଶ ସମିତି)

ମୋ: ୯୭୭୭୮୦୦୪୦୮

## ସୃଜନଶୀଳ ବିନାଶ: ଅର୍ଥନୀତି, ଦର୍ଶନ ଓ ବିଜ୍ଞାନ

ପ୍ରଫେସର ଗୌରୀଶଙ୍କର ତ୍ରିପାଠୀ

୨୦୨୫ ମସିହାର ଅର୍ଥନୈତିକ ବିଜ୍ଞାନ ନୋବେଲ ପୁରସ୍କାର ଗତ ଅକ୍ଟୋବର ମାସରେ ଘୋଷଣା କରାଯାଇଛି। ପୁରସ୍କାର ବିଷୟବସ୍ତୁ ଅର୍ଥନୈତିକ ପ୍ରଗତିର ଦୁଇଟି ଅବଧିକୁ ଦୃଷ୍ଟିପାତ କରିଛି। ଏହି ଦୁଇଟି ଅବଧି ହେଲା, ପୂର୍ବ-ଶିଳ୍ପ-ବିପ୍ଳବ ସମୟରେ ଅର୍ଥନୀତିର ଏକ ସ୍ଥିର ଅବଧି ଏବଂ ପରବର୍ତ୍ତୀ ସମୟରେ ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ମାଧ୍ୟମରେ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି। ଏହି ଦୃଷ୍ଟିପାତରେ ଏକ ଆକର୍ଷଣୀୟ ଧାରଣା ହେଲା, 'ସୃଜନଶୀଳ ବିନାଶ'(କ୍ରିଏଟିଭ ଡେଷ୍ଟ୍ରକସନ)। ଏହା ଏକ ପ୍ରକ୍ରିୟା, ଯେଉଁଠାରେ ପୁରୁଣା ପ୍ରଣାଳୀ ଓ ପ୍ରଯୁକ୍ତିବିଦ୍ୟାକୁ ଭାଙ୍ଗି ନୂତନ, ଦକ୍ଷ ଓ ପରିବର୍ତ୍ତନକାରୀ ପ୍ରଣାଳୀ ପାଇଁ ସ୍ଥାନ ଦିଆଯାଇଛି। ଅର୍ଥନୀତି ବ୍ୟତୀତ ମୁଁ ବିଶ୍ୱାସ କରେ ଏହାର ଏକ ଦାର୍ଶନିକ ଅର୍ଥ ଏବଂ ଏକ ବୈଜ୍ଞାନିକ ଦିଗ ମଧ୍ୟ ରହିଛି। ଆସନ୍ତୁ ପ୍ରଥମେ ଦାର୍ଶନିକ ଦିଗ ଉପରେ ଧ୍ୟାନ ଦେବା।

ଭଗବଦ୍ ଗୀତା କୁହେ: 'ଯାହା ସୃଷ୍ଟି ହୁଏ ତାହା ନଷ୍ଟ ମଧ୍ୟ ହୁଏ। ଏହାର ବିପରୀତ ମଧ୍ୟ ନିଶ୍ଚିତ। ଅର୍ଥାତ 'ଯାହା ବିନାଶ ହୁଏ ତାହା ସୃଷ୍ଟି ମଧ୍ୟ ହୁଏ।' ଏହା ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ପରିପ୍ରେକ୍ଷୀରେ କୁହାଯାଇଛି। ଏହି ଧାରଣାଗୁଡ଼ିକ ସୃଷ୍ଟି, ବିନାଶ ଓ ପୁନଃ ସୃଷ୍ଟିକୁ ଇଙ୍ଗିତ କରେ। ଏହି ପ୍ରକ୍ରିୟା ଅନ୍ତହୀନ ବା ପୁନଃପୁନଃ ହେଉଥାଏ। ଏହା ଏହି ସତ୍ୟକୁ ମଧ୍ୟ ଇଙ୍ଗିତ କରେ ଯେ ଏହି ଜଗତରେ ସବୁକିଛି କ୍ଷଣସ୍ଥାୟୀ। ବ୍ୟାକରଣରେ ଏହି ଧାରଣା, ଯାହାକି ଦୁଇଟି ବିପରୀତ ଅର୍ଥ ଶବ୍ଦ ଥିବା ଏକ ବାକ୍ୟାଂଶ, ଅକ୍ସିମୋରନ୍ ଭାବରେ ଜଣାଯାଏ। ସହଜ ଭାବରେ, ଅକ୍ସି ଅର୍ଥ ତୀକ୍ଷ୍ଣ କିମ୍ବା ବୁଦ୍ଧିମାନ ଏବଂ ମୋରନ୍ ମୂର୍ଖତାକୁ ବୁଝାଏ। ମୂର୍ଖ ବୁଦ୍ଧିମାନ ଅଥବା ବୁଦ୍ଧିମାନ ମୂର୍ଖ।

ସୃଷ୍ଟି ସକାରାତ୍ମକତାକୁ ବୁଝାଏ ଏବଂ ବିନାଶ ନକାରାତ୍ମକତାକୁ ବୁଝାଏ। ଉଭୟ ଭିନ୍ନ ଭିନ୍ନ ସନ୍ଦର୍ଭରେ ଅର୍ଥପୂର୍ଣ୍ଣ। ସହାବସ୍ଥାନ ଅର୍ଥାତ ବିପରୀତର ମିଶ୍ରଣ ମଧ୍ୟ ଏକ ଭିନ୍ନ ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ। ଅତୀତର ବିକାଶ ପୁରୁଣା ହୋଇପାରେ। କିନ୍ତୁ ଏହା ମଧ୍ୟ ସମୟର ଚାହିଦା ଅନୁସାରେ ସୃଷ୍ଟି ହୋଇଥିଲା ଏବଂ ବର୍ତ୍ତମାନର ଆଧୁନିକ ବିକାଶ ପରି ସେମାନଙ୍କର ଉଦ୍ଦେଶ୍ୟ ପୂରଣ କରିଥିଲା। ଶିକ୍ଷା ମଧ୍ୟ ସୃଜନଶୀଳ ବିନାଶର ଏକ ମାଧ୍ୟମ। ଏହା ଅଜ୍ଞତାକୁ ନାଶ କରେ ଏବଂ ଜ୍ଞାନ ସୃଷ୍ଟି କରେ। ଚରିତ୍ର ଆମ ଭିତରେ ଥିବା ଦୁର୍ବଳତାକୁ ନଷ୍ଟ କରେ। ହୃଦୟ ଓ ମନରେ ପବିତ୍ରତା ସୃଷ୍ଟି କରେ। ଶିକ୍ଷା ଓ ଚରିତ୍ରର ସମ୍ମିଳିତ ପ୍ରକ୍ରିୟା ବିଶୃଙ୍ଖଳା ଏବଂ ଅପୂର୍ଣ୍ଣତାକୁ ହ୍ରାସ କରି ଜୀବନରେ ଶୃଙ୍ଖଳା ଓ ସିଦ୍ଧତା ସ୍ଥାପିତ କରନ୍ତି, ଯଦିଓ ସେମାନଙ୍କର ସମ୍ପୂର୍ଣ୍ଣ ବିନାଶ ସମ୍ଭବ ନୁହେଁ। ଆମେ ମଣିଷ ଏବଂ ଆମ ଭିତରେ ସବୁବେଳେ ଊଣାଅଧିକେ ମାନବୀୟ ଦୁର୍ବଳତା ରହିବ।

ବିଜ୍ଞାନରେ ମଧ୍ୟ, ଉଭୟ ସୃଷ୍ଟି ଓ ବିନାଶ ପ୍ରକ୍ରିୟା ସନ୍ତୁଳନ ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ। ଆଜିକାଲି ଆମେ ପ୍ରାୟତଃ ଅର୍ଦ୍ଧପରିବାହୀ ପଦାର୍ଥ ଏବଂ ଏହାର ବ୍ୟବହାରିକ ପ୍ରୟୋଗ ବିଷୟକୁ ଗୁରୁତ୍ୱ ଦେଉଛୁ। ଏହାର ସ୍ୱଦେଶୀ ବିକାଶ ଆମର ଅର୍ଥନୀତିକୁ ଏକ ବଡ଼ ପରିମାଣରେ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି। କାରଣ ଆମର ଦୈନନ୍ଦିନ ଉପକରଣଗୁଡ଼ିକ ଏହି ସାମଗ୍ରୀ ଏବଂ ସେମାନଙ୍କର ବିଭିନ୍ନ ସଂସ୍କରଣ ଉପରେ ନିର୍ଭର କରେ। ସରଳ ଭାବେ ଏକ ଅର୍ଦ୍ଧପରିବାହୀ ପଦାର୍ଥ ଦୁଇଟି ଶକ୍ତି-ବ୍ୟାଣ୍ଡ ମାଧ୍ୟମରେ ବୁଝାଯାଏ। ଏହି ଦୁଇଟି ଶକ୍ତି-ବ୍ୟାଣ୍ଡ ଏକ ଶକ୍ତି-ବ୍ୟବଧାନ ଦ୍ୱାରା ପୃଥକ ହୋଇଥାଏ। ତଳ ବ୍ୟାଣ୍ଡଟି ସ୍ୱାଧୀନତା ବିହୀନ ଇଲେକ୍ଟ୍ରନଗୁଡ଼ିକ ଦ୍ୱାରା ଭରି ହୋଇଥାଏ ଏବଂ ଉପର ବ୍ୟାଣ୍ଡଟି ପୁରା ଖାଲି। ଏହି ଅବସ୍ଥାରେ ଏହା ଏକ କୁପରିବାହୀ ପଦାର୍ଥ ସଦୃଶ କାମ କରେ।

ଯଦି ଏହି ଚିତ୍ରରେ ଆମେ ସୃଷ୍ଟି ଓ ବିନାଶର ପ୍ରକ୍ରିୟାଗୁଡ଼ିକୁ ଉପଯୋଗ କରୁ, ତେବେ ଏଗୁଡ଼ିକ ଅର୍ଦ୍ଧପରିବାହୀ ହୁଅନ୍ତି। ଏହି ପ୍ରକ୍ରିୟାଗୁଡ଼ିକ ବିଭିନ୍ନ ଉପାୟରେ ପ୍ରଚଳିତ ହୁଏ। ଯଥା ତାପ, ଆଲୋକ ଏବଂ ମଇଳା କିମ୍ବା ଅଶୁଦ୍ଧ ପ୍ରଭାବ।

ଯଦି ଆମେ ଏକ ଅର୍ଦ୍ଧପରିବାହୀକୁ ଗରମ କରୁ, ତେବେ ନିମ୍ନ ବ୍ୟାଣ୍ଡରେ ଥିବା ଇଲେକ୍ଟ୍ରୋନ୍ ନଷ୍ଟ ହୋଇ ଉପର ବ୍ୟାଣ୍ଡରେ ସୃଷ୍ଟି ହୁଏ। ଏହା ଏକ ସୃଜନଶୀଳ ବିନାଶ ପ୍ରକ୍ରିୟା। ତଳ ବ୍ୟାଣ୍ଡର ଏହାର ବିନାଶ ହେଲା, ଉପର ବ୍ୟାଣ୍ଡରେ ଏହାର ସୃଷ୍ଟି ହେଲା। ଯେତେବେଳେ ନିମ୍ନ ବ୍ୟାଣ୍ଡରେ ଏକ ଇଲେକ୍ଟ୍ରୋନ୍ ନଷ୍ଟ ହୋଇଯାଏ, ସେତେବେଳେ ସୃଷ୍ଟି ହେଉଥିବା ଖାଲି ଅବସ୍ଥାକୁ ଏକ ଗର୍ତ୍ତ-କଣିକା କୁହାଯାଏ। ତେଣୁ ଆମର ଦୁଇଟି ସୃଷ୍ଟି ହେଲା - ଉପର ବ୍ୟାଣ୍ଡରେ ଏକ ଇଲେକ୍ଟ୍ରୋନ୍ ଏବଂ ତଳ ବ୍ୟାଣ୍ଡରେ ଏକ ଗର୍ତ୍ତ-କଣିକା। ଉଭୟ ବର୍ତ୍ତମାନ ମୁକ୍ତ ଓ ବିଦ୍ୟୁତ୍ ପରିବହନ କରନ୍ତି। କାରଣ ଏଗୁଡ଼ିକ ବୈଦ୍ୟୁତିକ ଚାର୍ଜ ଥିବା କଣିକା। କିଛି ନିର୍ଦ୍ଦିଷ୍ଟ ଗୁଣରେ ବିପରୀତ ହେବା ସତ୍ତ୍ୱେ ପରିବହନ ପ୍ରକ୍ରିୟାରେ ଇଲେକଟ୍ରନ୍ସ ଏବଂ ଗର୍ତ୍ତ-କଣିକାଗୁଡ଼ିକ ମିଳିତ ଭାବେ ଚାର୍ଜ ପରିବହନ କରନ୍ତି। ଏହା ଏକ ସୃଷ୍ଟି-ସୃଷ୍ଟି ପ୍ରକ୍ରିୟା।

ଯେତେବେଳେ ଏକ ସନ୍ତାନ ଜନ୍ମ ହୁଏ ଜଣେ ମା' ମଧ୍ୟ ଜନ୍ମ ନିଅନ୍ତି ଏବଂ ପ୍ରେମର ପ୍ରବାହ ପ୍ରଚୁର, ପବିତ୍ର ଓ ଦିବ୍ୟ ହୋଇଯାଏ। ଜୀବନ ଫୁଲ ପରି ଫୁଟି ଚାରିଆଡ଼େ ଖୁସି ବିସ୍ତାର କରେ। ଜୀବନ କ୍ଷେତ୍ରରେ ଏହା ଏକ ସୃଷ୍ଟି-ସୃଷ୍ଟି ପ୍ରକ୍ରିୟା। ଯେମିତି ସୃଜନଶୀଳ ବିନାଶ ହୁଏ ଏକ ବିନାଶକାରୀ ସୃଷ୍ଟି ମଧ୍ୟ ହୋଇପାରେ! ଏହା ସୂଚାଇ ଦିଏ ଯେ ନୂତନ ବିକାଶ ଅଜାଣତରେ ମୂଲ୍ୟବୋଧ, ପରିବେଶ କିମ୍ବା ସାମାଜିକ ସଂହତିକୁ ନଷ୍ଟ କରିପାରେ। ତେଣୁ ସୃଷ୍ଟି ଓ ବିନାଶର ଦ୍ୱନ୍ଦ୍ୱ ଏକଦିଗୀୟ ନୁହେଁ; ଏହା ବିଚକ୍ଷଣତା ଓ ସନ୍ତୁଳନ ଦାବି କରେ।

(ପ୍ରାକ୍ତନ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)

ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

## ପ୍ରଗତିବାଦୀ ଚେତନାର ଭଗୀରଥ: ଭଗବତୀ ଚରଣ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

କାର୍ଲମାର୍କ୍ସଙ୍କ ସାମ୍ୟବାଦୀ ଚିନ୍ତନ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଅନ୍ତରକୁ ମନ୍ଥିତ କରିଦେବାର ମୂଳ କାରଣ ହେଉଛି, ସାମାଜିକ ପରିବର୍ତ୍ତନ ସକାଶେ ତାଙ୍କ ପ୍ରାଣ-ପ୍ରତିଜ୍ଞା। ଆମ ଚତୁଃପାର୍ଶ୍ୱର ବାତାବରଣରେ ପରିବ୍ୟାପ୍ତ ଅସାମଞ୍ଜସ୍ୟ ତାଙ୍କ ଅନ୍ତର୍ଚେତନାକୁ କି ତୀବ୍ର ଭାବରେ ଆଲୋଡ଼ିତ କରି ନ ଦେଇଛି! ଠିକ ଏହି ସମୟରେ ତାଙ୍କ ଆତ୍ମାରେ ଅମାପ ଶକ୍ତି ଭରି ଦେବା ପାଇଁ ଏକ ସୂକ୍ଷ୍ମ ଆଲୋକରେଖାରେ ପରିଣତ ହୋଇ ଆସିଛନ୍ତି କାର୍ଲମାର୍କ୍ସ। ସମଗ୍ର ପୃଥିବୀ ପ୍ରଦକ୍ଷିଣ କରୁଥିଲେ ସେ। ଯେଉଁଠି ଦେଖୁଥିଲେ ସାମାଜିକ ପରିବେଶ ମଧ୍ୟରେ ଅସନ୍ତୁଷ୍ଟ ଓ ଅଣନିଃଶ୍ୱାସୀ କୌଣସି ତରୁଣକୁ ତା' ଭିତରେ ନୂତନ ସ୍ୱପ୍ନ ଓ ସଂକଳ୍ପର ସତେଜ ଶକ୍ତି ରୂପରେ ସେ ପ୍ରବେଶ କରଯାଇଛନ୍ତି ଅନାୟାସରେ। ସେଥିପାଇଁ ସମଗ୍ର ପୃଥିବୀରେ ପ୍ରଜ୍ୱଳିତ ହୋଇ ଉଠିଛି ବିପ୍ଳବର ବହ୍ନି। ଓଡ଼ିଶା ମାଟିରେ ନବ ନବ ସ୍ୱପ୍ନରେ ସର୍ବଦା ଆନ୍ଦୋଳିତ ହେଉଥିବା ଭଗବତୀ ଚରଣ ପାଣିଗ୍ରାହୀଙ୍କୁ ସେହି କ୍ରାନ୍ତିକାରୀ କଳାଶକ୍ତି କିପରି ଅବା ଆଚ୍ଛନ୍ନ କରି ନଥା'ନ୍ତା!

ମାର୍କ୍ସୀୟ ଚେତନା ସହିତ ଭଗବତୀଙ୍କ ଭାଗ୍ୟ-ବନ୍ଧନ ସମଗ୍ର ଓଡ଼ିଶାର ରାଜନୈତିକ ଓ ସାହିତ୍ୟିକ ଜଗତରେ ସୃଷ୍ଟି କରିଦେଲା ଅଭିନ୍ନ ଅଭିଯାତ୍ରା। ତାହା ଥିଲା ଧନିକ ଓ ଦରିଦ୍ର ଶ୍ରେଣୀ ମଧ୍ୟରେ ସମସ୍ତ ପ୍ରକାରର ଭେଦଭାବକୁ ମୂଳୋତ୍ପାଟିତ କରିଦେବାର ତୀକ୍ଷ୍ଣ ଅସ୍ତ୍ର। ଭଗବତୀ ଚରଣ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା 'ନବଯୁଗ ସାହିତ୍ୟ ସଂସଦ'। ପ୍ରକାଶିତ ହେଲା 'ଆଧୁନିକ'ପତ୍ରିକା। ୧୯୩୫ ମସିହାର ଏହି ପରିଯୋଜନା ପ୍ରମାଣିତ କରିଦେଲା ଯେ ସାହିତ୍ୟ ହିଁ ହେବ ନବଯୁଗର ଆଧୁନିକ ବାର୍ତ୍ତାବହ। ଭଗବତୀ ଚରଣ ପାଣିଗ୍ରାହୀଙ୍କ ବକ୍ତବ୍ୟରେ, ତାଙ୍କ ରଚିତ ସମ୍ପାଦକୀୟ ଆଉ ବିବିଧ ଗଦ୍ୟସୃଷ୍ଟି ମଧ୍ୟରେ ଏହା ଯେତେବେଳେ ହେଲା ପ୍ରକାଶିତ, ସେତେବେଳେ ସୃଜନଶୀଳ ପ୍ରତିଭାମାନଙ୍କୁ ତାହା ଅବିରତ ଭାବରେ ଦେଇଚାଲିଲା ଉତ୍ତପ୍ତ ସ୍ପର୍ଶ। ସେ ଏକ ପ୍ରବନ୍ଧରେ ଲେଖିଛନ୍ତି 'ଯେଉଁ ଜାତିରପ୍ରାଣ ବୈଚିତ୍ର୍ୟ ଲାଗି, ପରିବର୍ତ୍ତନ ଲାଗିଯେତିକି ଚଞ୍ଚଳ ହୋଇ ଉଠିଛି, ସେ ଜାତିର ସାହିତ୍ୟ ସେତିକି ଉନ୍ନତ ହୋଇଅଛି।'

ଭଗବତୀ ଚରଣଙ୍କ ସାହିତ୍ୟ-କୃତି ବିପୁଳ ହୋଇ ନପାରେ। ମାତ୍ର ତା'ର ଆବେଦନରେ କମ୍ପିତ ହୋଇ ଉଠିଛି ଶତ ସହସ୍ର ହୃଦୟ। ତାଙ୍କ ରଚିତ 'ଶିକାର' ଗଳ୍ପ କାହାରଅବା ନିଦ ହଜାଇ ଦେଇନାହିଁ! ଆଜି ବି ଯିଏ ତାହା ପାଠ କରିବେ ତାଙ୍କର ରାତ୍ରି ପରିଣତ ହୋଇଯିବ ମଧ୍ୟାହ୍ନ ବେଳାରେ। ଶୋଷିତ ସମ୍ପ୍ରଦାୟର ସରଳ ଆଦିବାସୀ ଯୁବକ ଅତ୍ୟାଚାରୀ ଗୋବିନ୍ଦ ସର୍ଦ୍ଦାରକୁ ବାଧ୍ୟ ହୋଇ କରିଛି ହତ୍ୟା। ଭାବିଛି ମନେ ମନେ ତାକୁ ପ୍ରଦତ୍ତ ହେବ ପୁରସ୍କାର। ମାତ୍ର ପ୍ରଚଳିତ ଆଇନ ବ୍ୟବସ୍ଥାରେ ତା'କୁ ଶୁଣାଇ ଦିଆଯାଇଛି ନିଷ୍ଠୁର ଫାଶୀ ଦଣ୍ଡାଦେଶ। ଯେଉଁ ଭଗବତୀ ଚରଣ ଥିଲେ ସାମ୍ୟବାଦୀ ଚେତନାର ସଂବାହକ ତାଙ୍କ ରଚିତ 'ଶିକାର' ସଦୃଶ ଗଳ୍ପ ଯେ ତାଙ୍କ ଜୀବନାଦର୍ଶ ଓ ସାହିତ୍ୟାଦର୍ଶଠାରୁ ହୋଇପାରେ ଭିନ୍ନ ଏହା କଳ୍ପନାତୀତ। 'ଦା ଓ ହାତୁଡ଼ି', 'ଜଙ୍ଗଲୀ', 'ଝଡ଼', 'ମିଶ୍ରଙ୍କ କୋପ', 'ବଞ୍ଚିତା', 'ଜୀବନର ସମାଧି', 'ଆରମ୍ଭ ଓ ଶେଷ' ଆଦି ଆଉ କେତୋଟି ଭିନ୍ନ ଭିନ୍ନ ଭାବଧାରାର ଗଳ୍ପ-ପ୍ରଣେତା ଭଗବତୀ।

କୌଣସି ମତବାଦ କେବେ ଚିରନ୍ତନ ହୋଇପାରେନା। ମାତ୍ର ସେହି ଆଦର୍ଶର ଭିତ୍ତି ଉପରେ ପ୍ରତିଷ୍ଠିତ ସାହିତ୍ୟ ରହିପାରେ ଚିର ଅମ୍ଳାନ, ତା'ର ମାନବିକ ଆବେଦନ ସକାଶେ। ଆଜିର ପରିପ୍ରେକ୍ଷୀରେ 'ଶିକାର' ଗଳ୍ପଟିକୁ ଭିନ୍ନ ଦୃଷ୍ଟିରେ କ'ଣ ଗ୍ରହଣ କରିପାରିବାର ନୈତିକ ସାହସ ଆମର ନାହିଁ? ଗଳ୍ପରେ ବର୍ଣ୍ଣିତ ସରଳ ଘିନୁଆ ଆମରି ଭିତରେ ବିଦ୍ୟମାନ। ଅପରପକ୍ଷରେ ଗୋବିନ୍ଦ ସର୍ଦ୍ଦାର ମଧ୍ୟ ଭିନ୍ନ ଭିନ୍ନ ଛଦ୍ମବେଶରେ ଆମ ମଧ୍ୟରେ ଅନୁପସ୍ଥିତ ବୋଲି କ'ଣ କହିହେବ ସତକୁ ସତ? ଆମେ କ'ଣ କେବେ କାହା ପ୍ରତି ଅନ୍ୟାୟ କରିନୁ? ଜ୍ଞାତସାରରେ ପୁଣି ଅଜ୍ଞାତସାରରେ ମଧ୍ୟ? ତେବେ ଗଳ୍ପଟିକୁ ଏବେ ଏକ ପ୍ରତୀକ ଭାବରେ ଗ୍ରହଣ କରାଯାଉ। ଆମ ମଧ୍ୟସ୍ଥିତ ଜଟିଳ, କୁଟିଳ, କର୍କଶ ଗୋବିନ୍ଦ ସର୍ଦ୍ଦାରକୁ ପରାହତ କରିବା ପାଇଁ ଘିନୁଆକୁ ହିଁ ଆମନ୍ତ୍ରଣ କରାଯାଉ। ଏହା ହେବ ନବ୍ୟ-ସାମ୍ୟବାଦର ସଂକେତ। ଏହି କାହାଣୀକୁ ଭିତ୍ତିକରି ୧୯୭୬ ମସିହାରେ ବିଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ମୃଣାଳ ସେନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଛି ହିନ୍ଦୀ ଚଳଚ୍ଚିତ୍ର 'ମୃଗୟା'। ମିଥୁନ ଚକ୍ରବର୍ତ୍ତୀ ମୁଖ୍ୟ ଭୂମିକାରେ ଅଭିନୟ କରି ଅଗଣିତ ଦର୍ଶକ ହୃଦୟକୁ ସ୍ତବ୍ଧ କରିଦେଇଛନ୍ତି। ଭଗବତୀ ପାଣିଗ୍ରାହୀଙ୍କ ଗଳ୍ପ ରଚନା, ହିନ୍ଦୀରେ ଏହାର କଥାଚିତ୍ର ରୂପାୟନ ଓଡ଼ିଆ ଲେଖକ ଓ ପାଠକଙ୍କ ପାଇଁ ସଂରକ୍ଷିତ କରି ରଖିଛି ବହୁ ତାତ୍ପର୍ଯ୍ୟପୂର୍ଣ୍ଣ ବାର୍ତ୍ତା।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସାଉଦି ଆରବରେ କଳିଙ୍ଗାନ୍ କେଏସ୍‌ଏର ଅଷ୍ଟମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୬।୧୧(ସମିସ): ସାଉଦି ଆରବର ଦମାମ୍ ସହରରେ ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ କଳିଙ୍ଗାନ କେଏସ୍‌ଏର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬୫୦ରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ପରିବାର ଯୋଗଦେଇ ଓଡ଼ିଆ ସଂସ୍କୃତି, କଳା ଏବଂ ପରମ୍ପରାକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ଡ. ଦେବ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଓଡ଼ିଆ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ଓଡ଼ିଆ ଅସ୍ମିତା ତଥା ଓଡ଼ିଆ ଜାତିର ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ ଓ ଅନିନ୍ଦିତା ଦାସ ଓଡ଼ିଆ ସଙ୍ଗୀତ ପରିବେଷଣ କରିଥିଲେ। ହାସ୍ୟ କଳାକାର ମିଷ୍ଟର ଗୁଲୁଆଙ୍କ ଚମତ୍କାର ବ୍ୟଙ୍ଗ ପ୍ରଦର୍ଶନ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। କାର୍ଯ୍ୟକ୍ରମରେ

**ଓଡ଼ିଆ ସଂସ୍କୃତି, କଳା ଏବଂ ପରମ୍ପରାକୁ ପାଳନ କଲେ ପ୍ରବାସୀ ଓଡ଼ିଆ**

ଯୁବ ଓଡ଼ିଆ ପ୍ରତିଭା ଆଦିତ୍ୟ ମହାନ୍ତି ଏବଂ ଓଡ଼ିଶୀ ନୃତ୍ୟ ଶିଳ୍ପୀ ସାଗରିକା ମହାନ୍ତି ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଶାଶ୍ୱତ ଓ ସାଗରିକାଙ୍କ ଦ୍ୱାରା ପରିବେଷିତ "ରଥ ପଥ ଯାତ୍ରା ଜଗନ୍ନାଥ' ଅଭିନୟ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ଏହି ଅବସରରେ କଳିଙ୍ଗାନର ଅଫିସିଆଲ୍ ୱେବ୍‌ସାଇଟ୍ www.kalingans.org ଏବଂ ବାର୍ଷିକ ପତ୍ରିକା 'ନାରୀ ଶକ୍ତି' ସଂସ୍କରଣକୁ ଅତିଥିମାନେ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କଳିଙ୍ଗାନ୍‌ର କୋର୍ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ। ସମାରୋହରେ ସରାଫତ୍ ଶେଖ୍, ସନ୍ତୋଷ ଦାସ, ବିଶ୍ୱରଞ୍ଜନ ସାହୁ, ରଞ୍ଜନ ରଥ, ଶୋଭନ ମହାନ୍ତି, ସୂର୍ଯ୍ୟକାନ୍ତ ଦାସ, ଦିଗମ୍ବର ମହାଖୁଦ, ଇମତୀୟାଜ୍ ଅଲ୍ଲୀ, ଅଗଷ୍ଟିନ୍ ଧୀର, ବସନ୍ତ ସାହୁ, ଜ୍ୟୋତିର୍ମୟ ଦାସ, ପ୍ରୀତମ୍ ମହାନ୍ତି ପ୍ରମୁଖ ସାମିଲ୍ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ ଆୟୋଜନ...

ମୁଖ୍ୟକାର୍ଯ୍ୟ ନିର୍ବାହୀ ରଘୁରାମ ଆୟର ଓ ଗୁଜରାଟ କ୍ରୀଡ଼ାମନ୍ତ୍ରୀ ହର୍ଷ ସାଙ୍ଘବୀ ଯୋଗ ଦେଇଥିଲେ।

ପୂର୍ବରୁ ଭରାତ ୨୦୧୦ରେ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା ଓ ଏଥିରେ ଭାରତୀୟ କ୍ରୀଡ଼ାବିତ ୩୮ ସ୍ୱର୍ଣ୍ଣ ସହ ମୋଟ୍ ୧୦୧ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ଦୀର୍ଘ ୨୦ ବର୍ଷ ପରେ ଭାରତରେ କୌଣସି ମଲ୍ଟି ସ୍ପୋର୍ଟ୍ସ ଇଭେଣ୍ଟ ଆୟୋଜନ ହେବ। ଭାରତ ମଧ୍ୟ ପୂର୍ବରୁ ୧୯୫୧ ଓ ୧୯୮୨ ଏସୀୟ କ୍ରୀଡ଼ା ସଫଳତାର ସହ ଆୟୋଜନ କରିଥିଲା। ସେହିପରି ୨୦୦୩ରେ ହାଇଦରାବାଦରେ ଆଫ୍ରୋ ଏସୀୟ କ୍ରୀଡ଼ା ଆୟୋଜନ ହୋଇଥିଲା।

ଏଥିସହ ୨୦୩୬ ଅଲିମ୍ପିକ୍ସ ଗେମ୍ସ ଆୟୋଜନ ନେଇ ଭାରତର ଦାବି ଆହୁରି ଦୃଢ଼ ହେବ ବୋଲି ମନେ କରାଯାଉଛି। ଭାରତ ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ କରିବାକୁ ପସ୍ତୁତି ଜାରି ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲ୍‌କିଲ୍ଲାରେ ଏହାର ଘୋଷଣା କରିସାରିଛନ୍ତି। ଗତବର୍ଷ ନଭେମ୍ବରରେ ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଆନୁଷ୍ଠାନିକ ଭାବେ ଦାବି ଉପସ୍ଥାପନ କରିଥିଲା।

### ଓଡ଼ିଆ ସମେତ...

୨୬ରେ ଭାରତର ସମ୍ବିଧାନ ତିଆରି ହେବା ସହ ପ୍ରସ୍ତୁତ ହୋଇଥିଲା। ଏହି ଦିନ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ଅଧ୍ୟକ୍ଷ ଓମ ବିର୍ଲା, କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖଡଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଦୁଇ ସଂସଦର ସାଂସଦମାନେ ସାମିଲ ରହିଥିଲେ। ଡଃ ଭୀମରାଓ ରାମଜୀ ଆମ୍ବେଦକର ସମ୍ବିଧାନର ମୁଖ୍ୟ ନିର୍ମାତାଙ୍କ ମଧ୍ୟରେ ଅନ୍ୟତମ ବୋଲି ରାଷ୍ଟ୍ରପତି କହିଥିଲେ।

### ଆଜିଠାରୁ ଶୀତ...

ମୁର୍ମୁ ଅଭିଭାଷଣ ରଖିବେ। ଏହା ଓଡ଼ିଶା ବିଧାନସଭାରେ କୌଣସି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଏହା ପ୍ରଥମ ଓ ଐତିହାସିକ ହେବ ବୋଲି କୁହାଯାଉଛି। ଏଥିପାଇଁ ସରକାର ମଧ୍ୟ ଆବଶ୍ୟକୀୟ ପ୍ରସ୍ତୁତି କରିଛନ୍ତି। ଅନ୍ୟପକ୍ଷରେ ପୂରା ଅଧିବେଶନରେ ସରକାରଙ୍କୁ ନାକେଦମ୍ କରିବାକୁ ବିରୋଧୀ ରଣନୀତି ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, ଚାଷୀଙ୍କ ସମସ୍ୟା, ଧାନକିଣା ସମସ୍ୟା, ନିଯୁକ୍ତି କେଲେଙ୍କାରୀ, ଲଘୁ ଖଣିଜ ସମ୍ପଦ ଚୋରି, ବିଜୁଳି ସମସ୍ୟା, ଦରଦାମ ବୃଦ୍ଧି, ଦାଦନ ସମସ୍ୟାକୁ ନେଇ ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ କରିବାକୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ରଣନୀତି ପ୍ରସ୍ତୁତି କରିଛନ୍ତି। ପ୍ରତିଟି ଘଟଣାରେ ସରକାରଙ୍କୁ ଜବାବ୍ ମଗାଯିବ। ସରକାର ଯଦି ଉତ୍ତର ନଦେଇ ପଳାୟନପନ୍ଥୀ ଭୂମିକା ଗ୍ରହଣ କରନ୍ତି, ଏହାର ତୀବ୍ର ବିରୋଧ କରାଯିବ ବୋଲି ବିଜେଡ଼ି ଓ କଂଗ୍ରେସ ବିଧାୟକମାନେ ଘୋଷଣା କରିଛନ୍ତି। ଅପରପକ୍ଷେ ସଂସଦୀୟ ବ୍ୟାପର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବିରୋଧୀଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ପ୍ରତ୍ୟେକ ଗଠନମୂଳକ ଆଲୋଚନାକୁ ସରକାର ସ୍ୱାଗତ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଅତିରିକ୍ତ ବଜେଟ ଆଗତ କରିବେ। ଅତିରିକ୍ତ ବଜେଟ ଉପରେ ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ। ୭ ତାରିଖ ଛୁଟି ଥିବାବେଳେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ। ଡିସେମ୍ବର ୩୧ ତାରିଖ ଯାଏଁ ମୋଟ ୨୯ ଦିନ ଗୃହ ଚାଲିବା ନେଇ ସ୍ଥିରୀକୃତ ହୋଇଛି। ଅପରପକ୍ଷେ ବିଧାନସଭାର ଶୀତ ଅଧିବେଶନ ପୂର୍ବରୁ ବୁଧବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବାଚସ୍ପତି ସୁରମା ପାଢୀ ଶୀତ ଅଧିବେଶନ କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି।

### ଅପରାହ୍ଣରେ ରାଷ୍ଟ୍ରପତିଙ୍କ...

ପହଞ୍ଚିବେ। ରାଷ୍ଟ୍ରପତି ବିଧାନସଭା ଗୃହକୁ ପ୍ରବେଶ ମାତ୍ରକେ ଓଡ଼ିଶା ପୁଲିସ ପକ୍ଷରୁ ଜାତୀୟ ସଙ୍ଗୀତ ବ୍ୟାଣ୍ଡ ପରିବେଷଣ କରାଯିବ। ବାଚସ୍ପତି ସୁରମା ପାଢ଼ୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଅଭିଭାଷଣ ରଖିବେ। ପରେ ରାଷ୍ଟ୍ରପତି ବିଧାନସଭାରେ ନିଜର ଅଭିଭାଷଣ ରଖିବେ ବୋଲି ଜଣାଯାଇଛି।

ଅଭିଭାଷଣ ସରିବା ପରେ ବିଧାନସଭା ପରିସରରେ ଏକ ଫଟୋ ସେସନ୍ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏପରିକି, ରାଷ୍ଟ୍ରପତି ଏକଦା ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଥିବା ବେଳେ ବିଧାନସଭାରେ ୧୧ ନମ୍ବର ରୁମରେ ବସୁଥିବା ବେଳେ ସେହି ରୁମ୍ ପରିଦର୍ଶନରେ ଯାଇ ନିଜର ସ୍ମୃତି ସାଉଣ୍ଟିବେ। ଅପରାହ୍ଣ ସାଢ଼େ ୪ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ସେ ବିଧାନସଭାରେ ରହିବେ ବୋଲି ଜଣାପଡ଼ିଛି। ପରେ ପରେ ଉକ୍ତଦିନ ରାଷ୍ଟ୍ରପତି ରାଜଭବନଠାରେ ରାଜ୍ୟପାଳଙ୍କ ପକ୍ଷରୁ ଆୟୋଜିତ ରାତ୍ରଭୋଜନ କାର୍ଯ୍ୟକ୍ରମରେ ଯୋଗଦେବେ। ପରଦିନ ୨୮ ତାରିଖ ସକାଳ ୯ଟା ୩୫ରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଲକ୍ଷ୍ନୌ ବିମାନବନ୍ଦର ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି।

### ପ୍ରତି ଟଙ୍କାର...

ଆର୍ଥିକ ବର୍ଷରୁ ସମାନ ବିସ୍ତୃତ ଖର୍ଚ୍ଚ ବର୍ଗୀକରଣ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଶିକ୍ଷା, ସ୍ୱାସ୍ଥ୍ୟ, ପୁଞ୍ଜି ପ୍ରକଳ୍ପ ଏବଂ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ଖର୍ଚ୍ଚର ସିଧାସଳଖ ତୁଳନା ସମ୍ଭବ ହୋଇପାରିବ। ପୁନଶ୍ଚ ଏହା ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକୁ ଯଥେଷ୍ଟ ଲାଭ ଦେଇପାରିବ ଓ ଆର୍ଥିକ ଭାବରେ ପଛୁଆ ରାଜ୍ୟଗୁଡ଼ିକୁ ଅଧିକ କେନ୍ଦ୍ରୀୟ ସହାୟତା ମିଳିବାରେ ସହଯୋଗ କରିବ।

ଅନ୍ୟପକ୍ଷରେ ଏଣିକି ସମସ୍ତ ରାଜ୍ୟ ପ୍ରତି ମାସର ୧୦ ତାରିଖ ସୁଦ୍ଧା ମାସିକ ସିଭିଲ୍ ଆକାଉଣ୍ଟ ଏବଂ ସେପ୍ଟେମ୍ବର ୩୦ ସୁଦ୍ଧା ଡିଜିଟାଲ୍ ସ୍ୱାକ୍ଷର ସହିତ ବାର୍ଷିକ ଫାଇନାନ୍ସ ଆକାଉଣ୍ଟ ଏବଂ ଆପୋରାଇଜେସନ୍ ଆକାଉଣ୍ଟଗୁଡ଼ିକୁ ସମ୍ପୃକ୍ତ ପୋର୍ଟାଲ (ପବ୍ଲିକ୍ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍) ରେ ଅପଲୋଡ୍ କରିବେ। ବର୍ତ୍ତମାନ ହାର୍ଡ କପି ଦାଖଲ କରିବାର ଦଶନ୍ଧି ପୁରୁଣା ବ୍ୟବସ୍ଥା ବନ୍ଦ କରାଯାଉଛି। ଏଥିରେ ବିଳମ୍ବ ପାଇଁ ରାଜ୍ୟଗୁଡିକର ପାଣ୍ଠି ବିଳମ୍ବ ପାଇଁ ରାଜ୍ୟର ସମନ୍ୱିତ ପାଣ୍ଠିରୁ ପ୍ରତି ମାସରେ ୫୦ ଲକ୍ଷ ପର୍ଯ୍ୟନ୍ତ କାଟିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। କିଛି ରାଜ୍ୟକୁ ଏଥିପାଇଁ ପୂର୍ବରୁ ଦଣ୍ଡିତ କରାଯାଇଛି।

ସେହିପରି ସିଏଜି ଅଧିକାରୀମାନେ କହିଛନ୍ତି ଯେ ଏହି ଦୁଇଟି ସଂସ୍କାର ମିଳିତ ଭାବରେ ଦେଶର ସାର୍ବଜନୀନ ଆର୍ଥିକ ପରିଚାଳନାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଆଗାମୀ ଦୁଇଟି ଆର୍ଥିକ ବର୍ଷ ମଧ୍ୟରେ ଦେଶର ସାର୍ବଜନୀନ ଆର୍ଥିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁଗମ କରିବ। ୨୦୨୮-୨୯ ସୁଦ୍ଧା ସମସ୍ତ ରାଜ୍ୟର ମୋଟ ଖର୍ଚ୍ଚ ତଥ୍ୟର ୯୮% ତୁଳନାତ୍ମକ ବିଶ୍ଳେଷଣ କରାଯିବ। ଏହା ରାଜ୍ୟଗୁଡ଼ିକ ମଧ୍ୟରେ ଆର୍ଥିକ ଏବଂ ସାମାଜିକ ବିକାଶର ବ୍ୟବଧାନକୁ ଦ୍ରୁତ ଭାବରେ ପୂରଣ କରିବାରେ ସାହାଯ୍ୟ କରିବ। ସମ୍ପ୍ରତି ରାଜ୍ୟଗୁଡ଼ିକ ଦ୍ୱାରା ମୋଟ ଖର୍ଚ୍ଚର କେବଳ ୪୦-୪୫% ତୁଳନାତ୍ମକ ଭାବରେ ଉପଲବ୍ଧ। ସମସ୍ତ ରାଜ୍ୟରେ ପ୍ରମୁଖ ଖର୍ଚ୍ଚ ସାମଗ୍ରୀକୁ ସମାନ କରିବା ଅର୍ଥ ଯେପରିକି ଦରମା, ସାମଗ୍ରୀ ସେବା, ଅନୁଦାନ ଏବଂ ପୁଞ୍ଜି ଖର୍ଚ୍ଚ, ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ଭିତ୍ତିଭୂମି ଉପରେ ଖର୍ଚ୍ଚର ତୁଳନା ସହଜ କରିବ। ଏହାଦ୍ୱାରା ଗୋଟିଏ ରାଜ୍ୟର ଖର୍ଚ୍ଚ ଅନ୍ୟ ରାଜ୍ୟଠାରୁ କିପରି ଭିନ୍ନ ତାହା ପ୍ରମାଣିତ ହୋଇ ପାରିବ। ସେହିପରି କେଉଁ ରାଜ୍ୟଗୁଡ଼ିକ ସେମାନଙ୍କର ଖର୍ଚ୍ଚର ସର୍ବୋତ୍ତମ ବ୍ୟବହାର କରୁଛନ୍ତି ତାହା ମଧ୍ୟ ଜଣାପଡ଼ିବ। ଏହା ଅନ୍ୟ ରାଜ୍ୟର ବଜେଟକୁ ଉନ୍ନତ କରିବାରେ ସାହାଯ୍ୟ କରିବ, ରାଜ୍ୟଗୁଡ଼ିକୁ ସେମାନଙ୍କର ଦୁର୍ବଳତା ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରିବ ଏବଂ କେନ୍ଦ୍ର ସରକାରଙ୍କ ପାଇଁ ପାଣ୍ଠି ବଣ୍ଟନକୁ ଅଧିକ ସମାନ କରିବ।

### ରାଜ୍ୟରେ ନାରୀ...

ବାଘମାରୀ ଓ କଟକ ଏସସିବି ମେଡିକାଲରେ ନିକଟରେ ଘଟି ଯାଇଥିବା ନାରୀ ନିର୍ଯାତନା ଘଟଣା ଅତ୍ୟନ୍ତ ପୀଡ଼ା ଦାୟକ। ଏଭଳି ସମ୍ବେଦନଶୀଳ ଘଟଣା ସରକାରଙ୍କର ଅପାରଗତାକୁ ପଦାରେ ପକାଇଛି। ଏତେ ଘଟଣା ପରେ ଏ ସରକାରର ନିଦ କେବେ ଭାଙ୍ଗିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ସେହିପରି ଶାନ୍ତି ଓ ସଦ୍‌ଭାବ ପାଇଁ ସୁନାମ ଥିବା ଓଡ଼ିଶାରେ ସାଂପ୍ରଦାୟିକ ଉତ୍ତେଜନା ବଢ଼ି ଚାଲିଥିବା ବେଦନାଦାୟକ ବୋଲି କ୍ଷୋଭ ପ୍ରକାଶ କରିଥିଲେ ନବୀନ। ଗତ ୧୮ ମାସ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିରେ ଅବନତି ଘଟିଛି। କଟକ ସହରରେ ଦୁର୍ଗାପୂଜା ସମୟରେ ଘଟି ଯାଇଥିବା ଦଙ୍ଗା ଓଡ଼ିଶାର ମୁଣ୍ଡ ତଳକୁ କରିଦେଇଛି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ସେ ପୁଣି କହିଥିଲେ ଯେ ରାଜ୍ୟରେ ଚାଷୀ ଓ ମହିଳାମାନେ ସବୁଠାରୁ ଅଧିକ ଦୁଃଖରେ ଅଛନ୍ତି। ସରକାର ନା ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇ ପାରୁଛନ୍ତି, ନା ମିଶନ ଶକ୍ତି ମା' ମାନଙ୍କୁ ଋଣ ସହାୟତା ଦେଇ ପାରୁଛନ୍ତି। ଚାଷୀ ଓ ମିଶନ ଶକ୍ତି ମା' ମାନଙ୍କ ପ୍ରତି ସରକାରଙ୍କର ଉଦାସୀନତାର ଦୃଢ଼ ବିରୋଧ କରାଯିବ ବୋଲି ସେ କହିଥିଲେ। ରାଜ୍ୟରେ ଚାଲିଥିବା ବିଜେପି ସରକାରକୁ ଚାଷୀ, ମହିଳା ଓ ଯୁବ ବର୍ଗର ବିରୋଧୀ ବୋଲି ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଏ ପର୍ଯ୍ୟନ୍ତ ଗୋଟିଏ ବି ନିଯୁକ୍ତି ପରୀକ୍ଷା ତ୍ରୁଟି ଶୂନ୍ୟ ଭାବରେ ପରିଚାଳନା କରିପାରି ନାହାନ୍ତି। ଯାହାକି ଯୁବ ବର୍ଗ ମଧ୍ୟରେ ହତାଶା ସୃଷ୍ଟି କରିଛି। ତେଣୁ ଜନସାଧାରଣ ସମ୍ମୁଖୀନ ହେଉଥିବା ଏହି ସବୁ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡ଼ିଶାରେ ଧାନ ସଂଗ୍ରହ ନେଇ ଦେଖା ଦେଇଥିବା ସମସ୍ୟା ବିଷୟ ଉଠାଇଥିଲେ। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ବିଭିନ୍ନ ଆଳରେ ଗରିବ ଲୋକଙ୍କ ରାସନ କାର୍ଡ କାଟିବା ପାଇଁ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ବିରୋଧୀ ଦଳ ନେତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହରେ ବିରୋଧୀ ଦଳର ରଣନୀତି ଉପରେ ଆଲୋକପାତ କରିବା ସହିତ ଆସନ୍ତାକାଲି ରାଷ୍ଟ୍ରପତିଙ୍କ ବିଧାନସଭା କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନଙ୍କୁ ଅବଗତ କରିଥିଲେ।

### ଦର୍ଶନ ପାଇଁ...

ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତମାନେ ଯେପରି ସୁରୁଖୁରୁରେ ଦର୍ଶନ କରିପାରିବେ, ସେନେଇ ବ୍ୟବସ୍ଥା କରାଯାଉଛି। ଏସ୍‌ଓପି ଅନୁଯାୟୀ, ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଅର୍ଥାତ୍ ୧୨ଘଣ୍ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ। କିନ୍ତୁ ଶୀତଦିନ ଅର୍ଥାତ ନଭେମ୍ବରରୁ ଫେବ୍ରୁଆରୀ ଏହି ୪ମାସ ଭକ୍ତଙ୍କ ପ୍ରବେଶ ଅପରାହ୍ଣ ୫ଟାରୁ ବନ୍ଦ କରାଯିବ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିବ।
ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ବାହାରେ ଭକ୍ତଙ୍କ ପାଇଁ ନିଃଶୁଳ୍କ ମୋବାଇଲ୍ ଏବଂ ଜୋତାଷ୍ଟାଣ୍ଡ ବ୍ୟବସ୍ଥା କରାଯାଉଛି। ମନ୍ଦିର ଭିତରେ ପ୍ରାୟ ସବୁ ଜାଗାରେ ସିସିଟିଭି ଲଗା ସରିଛି। କିନ୍ତୁ ସୁରକ୍ଷା ଦୃଷ୍ଟିକୋଣରୁ ଆଉ କିଛି ଜାଗାରେ ଲଗାଯିବ।

ସେହିପରି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ଆସନ୍ତା ଡିସେମ୍ବର ୧ରୁ ସର୍ବସାଧାରଣଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର। ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଟେଣ୍ଡର୍ ଦିଆନଯାଇ ଶ୍ରୀମନ୍ଦିର ପ୍ରଶାସନ ନିଜେ ଏହାକୁ ପରିଚାଳନା କରିବ। ଗୁଣ୍ଡିଚା ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାମ ଶେଷ ହୋଇଥିବା ବେଳେ ଚତୁଃପାର୍ଶ୍ୱରୁ ସମସ୍ତ ଅବରୋଧ ହଟାଯାଇଛି ବୋଲି କହିଛନ୍ତି।

ସୂଚନାଥାଉ କି, ଓଡ଼ିଶାରେ କୋଭିଡ୍ କଟକଣା ଲାଗୁ ହେବା ପରଠାରୁ ଅର୍ଥାତ୍ ୨୦୨୦ରୁ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ପ୍ରାୟ ୬ବର୍ଷ ହେଲାଣି ଏହି କଟକଣା ରହିଛି। ଗତ ୪ବର୍ଷ ରଥଯାତ୍ରା ସମୟରେ ୯ ଦିନ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲା ରହୁଛି। ଆଡ଼ପମଣ୍ଡପରୁ ମହାପ୍ରଭୁ ଯିବା ପରେ ପୁଣି ବନ୍ଦ ହୋଇଯାଉଛି ମନ୍ଦିର ଦ୍ୱାର, ଯାହା ହଜାର ହଜାର ଜଗନ୍ନାଥପ୍ରେମୀଙ୍କୁ ନିରାଶ କରୁଛି। ପ୍ରଚାରପ୍ରସାର ଅଭାବରୁ ପ୍ରତିଦିନ ଶହଶହ ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ଆସି ନିରାଶ ହୋଇ ଫେରୁଛନ୍ତି। ପୁରୀକୁ ଆସୁଥିବା ଭକ୍ତ ଓ ତୀର୍ଥଯାତ୍ରୀ ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ଯିବାକୁ ଭୁଲି ନ ଥା'ନ୍ତି। ଅନେକ ପର୍ଯ୍ୟଟକ ମଧ୍ୟ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାର ଆଗ୍ରହ ରଖିଥା'ନ୍ତି। କିନ୍ତୁ ସେମାନଙ୍କୁ ନିରାଶ ହେବାକୁ ପଡୁଛି।


**ODISHA CONSTRUCTION CORPORATION LTD.** CAD-2475
(A Govt. of Odisha Undertaking)
**CENTRAL WORKSHOP, RASULGARH,**
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-20/66/2025-26 dtd.26.11.2025.**

Type of work : Supply of Casting items for Kanupur Irrigation Project (Depletion sluice at Block No. 12 & 13 ) for Emergency gate.
Total No. of work : 01(One).
Period of supply : 60 (Sixty) days.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-20 /66 / 2025-26 dtd.26.11.2025 | Rs.7080/- (Non-refundable) | 27.11.2025 10.00AM to 11.12.2025 1.00 PM | 27.11.2025 10.00AM to 11.12.2025 3.30 PM |

Date of opening of the Tender : 11.12.2025 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

Sd/-
Senior Manager (Mech.)-I
OCC Ltd., Bhubaneswar

OIPR-

**AFFIDAVIT**
By virtue of an affidavit sworn before Notary public Bhubaneswar on dated, 25.11.2025, I Sushil Mahar resident of at- Bada Harijan Sahi, New janta talkies, Nayagarh N.A.C, Po- Nayagarh Bazar, Dist- Nayagarh, Odisha, PIN- 752070 declare that I have changed my name from Susil Kumar Mahar to Sushil Mahar. Henceforth, I shall be known as **SUSHIL MAHAR** for all purposes.

**AFFIDAVIT**
By virtue of an affidavit sworn before Notary Public Bhubaneswar, on dated 26.11.2025, I Sanjay Kumar Muduli resident At- Bedapur, Po- Bhairipur, Ps- Gop, Dist- Puri, Odisha, PIN- 752110, declare that I have changed the name of my Son from Subhasurya Muduli to S.R. Subhasurya Muduli . Henceforth, He shall be known as **S.R. SUBHASURYA MUDULI for all purposes.**

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
**Campus:**
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**OFFICE OF THE NOTIFIED AREA COUNCIL, REMUNA, BALASORE**
E-mail: remuna-nac@gov.in, Tel.No. - 06782-291978
Letter No. 2290 / Dated 21/11/2025 C-1556
**Expression of interest for Supplying of 08 nos. of Door to Door waste collection compartmentalized LCV Vehicles including Drivers & loaders on hiring basis for Remuna NAC.**
Details of bid documents can be downloaded from the website **www.remunanac.in** on or before **08.12.2025 up to 5.00 PM**
The completed application, as per instructions in the EOI documents should reach the following address by Registered Post/ Speed Post on or before **5.00 PM on date 08.12.2025.**
Remuna NAC reserves the sole right to accept or reject the proposal without assigning any reason thereof.
Executive Officer
Remuna NAC
OIPR-

**IN THE COURT OF THE CIVIL JUDGE (SENIOR DIVISION), ANANDAPUR.**
C.S. 115/2023
Kanthia Sethy .......Plaintiff
Vrs.
Nachhu Sethy and others ..Defendants
**NOTICE U/O 5, RULE 20 OF C.P.C To**
Def. 4, 1) Mayadhar Sethy, aged about 57 yrs, Son of late Suka Sethy, of village/P.O- Keshadurapal,P.S- Ghasipura, Dist. Keonjhar.
Def. 5, 2) Tilottama Sethy, aged about 47 years,Wife of Baya Sethy of village-Chhualia, P.O- Dhenka, P.S- Soso, Dist. Keonjhar.
Def. 6, 3) Pramila Sethy, aged about 54 years, Wife of Daitari Sethy Daughter of Sya Sethy of village-Khalagadia,P.O- Dhenka, P.S- Soso, Dist. Keonjhar.
Def. 15, 4) Babuli Sethy, aged about 52 years,Son of late Bali Sethy of village/P.O Atapur, P.S- Sadar,Dist. Keonjhar.
Def. 18, 5) Sanju Sethy, aged about 49 years,Wife of Purna Chandra Behera of village/P.O-Pandirisilli,P.S- Raruan, Dist. Keonjhar.
Def. 20, 6) Pritimaya Sethy, aged about 28 years,Son of late Kulamani Sethy, Village- Sankhapata (Sabarsahi) P.O/P.S- Baripada, Dist. Mayurbhanj.
Take notice that the above-named plaintiff has filed the C.S no. 115/2023 for partition and permanent injunction against the Defendants and the service of summons could not be served against the aforesaid defendants in spite of repeated summons issued by the Court in either ways and the defendants avoided to receive the Court Summons.
So you all are noticed to appear in my Court on 22nd Dec 2023 at about 10.30 A.M in person or through advocate to put forth your claims as to why reliefs prayed by the plaintiff should not be granted.
Take notice that in case of default the suit will be heard or determined in your absence.
Given under my hand and seal of this Court day 20.10.2023.
Civil Judge (Sr. Divn.),
Anandapur.

**REGULATED MARKET COMMITTEE, DEOGARH**
At: Hatisahi Sahi, E- No -6, Punjapani, Dist.- Deogarh (Odisha), Pin - 768119
Email Id – rmcdeogarh20@gmail.com
**QUOTATION CALL NOTICE**
The Sub-Collector-cum-Chairman, RMC, Deogarh invites sealed quotations from different Tent House Owners for creation of waterproof temporary storage facilities for keeping paddy in all Paddy Purchase Centres (PPCs) of Deogarh district during the Kharif Marketing Season KMS-2025-26 along with Farmer Rest Shed of following specifications:
**1.** Waterproof Paddy Storage House of size 30' × 20'
Centre Height 15' tapering to 9' (each unit)
Polythene cover on three sides for protection from rainwater
Quantity - Minimum 49 units, additional units as per DLPC requirement.
**2.** Waterproof Farmers' Rest Sheds with cloth sealing of size 15' × 15' × 10' Side walls on three sides
Quantity – Minimum 49 units, additional units as per DLPC requirement.
Sealed quotations should reach the office of the RMC, Deogarh by Registered Post or by hand on or before 01.12.2025 by 5 PM and will be opened on 02.12.2025 at 11:00 AM by the RMC authority in the presence of the quotationers or their authorised representatives in the office of the RMC, Deogarh.
**TERMS & CONDITIONS:**
1. The quotationer should quote the rate inclusive of all charges including labour, transportation, fitting, materials, GST/IT and other applicable dues.
2. The quotationer should be a registered dealer having valid GST and PAN on the date of submission of quotation.
3.Work should be completed within 12 days from the date of issue of work order.
4. The Chairman, RMC, Deogarh reserves all rights to reject one or any of the tender without assigning any reason thereof.
5. Payment will be made only after quality checking and verification as to completion of work as per specification.
Sd/-Sub Collector,
Deogarh & Chairman, Deogarh RMC

**AFFIDAVIT**
By virtue of an affidavit sworn before Notary public Bhubaneswar on dated, 25.11.2025, I Sanjaya Kumar Panda resident of Quarter. No- H/8, Labour Colony, Rajabagicha, Cuttack Sadar, Telenga Bazar Dist- Cuttack, Odisha, PIN- 753009 declare that I have changed my name from Sanjay Kumar Panda to Sanjaya Kumar Panda. Henceforth, I shall be known as **SANJAYA KUMAR PANDA** for all purposes.

**AFFIDAVIT**
By virtue of an affidavit sworn before Notary public Bhubaneswar on dated, 25.11.2025, I Puspalata Nayak resident of Nayak Sahi, At/Po- Majhihara, Dist- Khordha, Odisha, PIN- 752103 declare that I have changed my name from Puspalata Bayak to Puspalata Nayak. Henceforth, I shall be known as **PUSPALATA NAYAK** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Puri, dated 26.11.2025 I, G S V Dattatreya Murthy , At: Nirmalya Apartment , flat No. 05, Samanta Chandra Sekhara Nagar, Rama Ballav Road, Puri , Odisha declare that I have changed the name of my son from Chandra Sekara Sharma to Ganti Chandra Sekhara Sarma. Henceforth, he shall be known as Ganti Chandra Sekhara Sarma for all purposes.

**NOTICE (FOR MINOR)**
By virtue of an affidavit no. 114, before the Executive Magistrate, Bhubaneswar on dtd.21.11.2025, I, Nalini Sahoo, At- Gobinda Nagar, Nayapalli, Bhubaneswar, Odisha, do hereby declare that I have changed my minor daughter's name from Purnim Sahoo (old name) to Purnima Sahoo (new name). Henceforth she shall be known as **Purnima Sahoo** (new name) for all purposes.
Nalini Sahoo

**NOTICE**
**(above 18 years of age)**
By virtue of a affidavit CF No. 101, sworn before Executive Magistrate / Notary Public BBSR, Dated 24.11.2025, I Rajalaxmi Dei, At.: Kotanga- Kantimala, Kotanga, Puri, Odisha - 752118 declaring that I have changed my name from Rajalaxmi Pradhan to Rajalaxmi Dei. Henceforth, I shall be known as Rajalaxmi Dei for all purpose.
Rajalaxmi Dei

**AFFIDAVIT**
I, Madhu Mahali, W/o Shiba Mahali, resident of Vill Thakurbadi, P.O. Tarana, P.S. Tiring, Dist. Mayurbhanj, state that my name has been recorded as Madhu Mardi in my Aadhaar Card (No. 6280 0166 1951). After marriage, my correct surname is Mahali. Both names Madhu Mardi and Madhu Mahali refer to the same person. Hence, I declare that my correct name is **Madhu Mahali.**

**AFFIDAVIT**
By virtue of an affidavit sworn before Notary Public, Jharsuguda dated - 25.11.25 I, Pawan Das, Address At - Badebanka, P.o- Rajkamma, Sub District- Pali, Dist - Korba, (CG) PIN-495445 declare that I have changed my name from Pawan Das Mahant to Pawan Das. Henceforth I shall be known as Pawan Das for all purposes.
Pawan Das

**AFFIDAVIT**
By virtue of an affidavit sworn before Executive Magistrate Cuttack, dated 25th November 2025, I Mrs SANTILATA MULIA, Address, HOUSE NO - 1155, Balabhadrapur, Balisahi, Cuttack Sadar, Po - Ad market, ps - badambadi, declare that I have changed my name from SANTI MULIA to SANTILATA MULIA. Henceforth, I shall be known as SANTILATA MULIA for all purposes.
SANTILATA MULIA

**AFFIDAVIT**
By virtue of an Affidavit sworn before the Executive Magistrate Sohela dated 07/11/2025 I Babita Sahoo D/O- Chakradhar Sahoo resident of Village/ Ward Mahabir Pada, Po./Ps.: Bhawanipatna Dist.: Kalahandi declare that, I have changed my name from **Babita Kumari Sahoo** to **Babita Sahoo**. Henceforth I shall be known as **Babita Sahoo** for all purposes.

**AFFIDAVIT**
By virtue of an affidavit Sl. No.495, dtd.26.11.2025 sworn before the Notary Public, Subarnapur, I, Preeti Priyadarsani Padhan, have changed my name from Priti Priyadarsani Padhan to Preeti Priyadarsani Padhan. Henceforth I shall be known as Preeti Priyadarsani Padhan for all purposes.
Sd/- Preeti Priyadarsani Padhan

**AFFIDAVIT**
I, AMIYA BALA NAYAK, aged about 69 years, W/o- Hemant Kumar Nayak, Resident of Nua Sahi, At/PO: G.Udayagiri, Dist.: Kandhamal,Odisha, PIN-762100, declared by this Affidavit No.: 1535/2025, Dated: 21.11.2025. That now onwards I shall be known as for all future **AMIA BALA NAIK** for all future Purposes.

**AFFIDAVIT**
By virtue of an affidavit (CF No. 02, dtd- 26/11/2025) sworn before the Executive Magistrate, Padampur. I, **Manash Ranjan Panigrahi,** S/o Buddhadeb Panigrahi, permanent & current resident of AT- Padampur, PO- Rajborasambar, PS- Padampur, Dist- Bargarh, PIN- 768036, Odisha declare that I have changed my name from **Manish Panigrahi** to **Manash Ranjan Panigrahi**. Henceforth, I shall be known as **Manash Ranjan Panigrahi** (new name) for all purposes.
Manash Ranjan Panigrahi

**AFFIDAVIT**
I, Nidhi Mittal, aged about 34 years, W/o- Vinit Mittal, resident of At- Madhusudan Marg, Mittal Enterprises, Ps- Plant Site, Rourkela Dist- Sundargarh, Odisha, Pin- 769001 declare by this affidavit No. 2406, dtd- 26/11/2025, that now onwards I shall be known as **NIDHI GARG** for all future purposes.

**AFFIDAVIT**
I, Rasmita Yadav, aged about 36 years, W/o- Umesh Yadav, resident of At- Plot No.02, Brahmeswar Bag, Tankapani Road, Badagada Brit Colony, Bhubaneswar, Dist- Khordha, PIN- 751018, Odisha declare by this affidavit No. 2391, dtd- 26/11/2025, that now onwards I shall be known as **RASHMITA YADAV** for all future purposes.

**AFFIDAVIT**
I, Maina Anjum Akhtari, D/o- Sk Nabiruddin, resident of Alakundanuagan, Nuagan, Binjharpur, Dist-Jajpur, PIN- 755013, Odisha declared by this affidavit No-971, dtd- 26/11/2025 that now onwards I shall be known as **ANJUM AKHATARI** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated- 26/11/2025. I, **Bijaya Kumar Putel** (applicant name), S/o- Parsuram Putel, permanent resident of AT/PO- Tatopara, PS- Muribahal, Dist- Bolangir, (Odisha), PIN- 767033 now residing at the same place declare that I have changed my minor daughter's name from **Ashreeta Putel** (old name) to **Bansita Putel** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Bansita Putel** (new name) for all future purposes.
Bijaya Kumar Putel

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar vide CF. No. 73 on dated 24/11/2025, I PRANAYA KUMAR MALLICK, S/o- Felix Mallick, permanent resident of At/PO- Gudikia, PS- Bamunigam, Dist- Kandhamal, Odisha, Pin- 762021, declare that I have changed my name from PRANAY MALIK, S/o- Phelakas Malik to PRANAYA KUMAR MALLICK, S/o- Felix Mallick. Henceforth, I shall be known as PRANAYA KUMAR MALLICK, S/o- Felix Mallick for all purposes.
PRANAYA KUMAR MALLICK

## ଲଇମୁରାରେ ମହିଳାଙ୍କୁ ହତ୍ୟା ଘଟଣା
# ଅଭିଯୁକ୍ତ ହୋମ୍‌ଗାର୍ଡ ଗିରଫ

ଦେବଗଡ଼, ୨୬।୧୧(ସମିସ)

ଲଇମୁରା ଥାନାଞ୍ଚଳରେ ଜଣେ ମହିଳାଙ୍କ ହତ୍ୟା ଘଟଣାର ରହସ୍ୟ ପୁଲିସ ଉନ୍ମୋଚନ କରିଛି। ଲଇମୁରା ଥାନାରେ କାର୍ଯ୍ୟରତ ହୋମଗାର୍ଡ ଶ୍ରୀକର ସୁନାନୀ ହତ୍ୟାକାଣ୍ଡ ଭିଆଇଥିବା ଜଣାପଡ଼ିଛି। ଗତ ୨୧ ତାରିଖ ବିଳମ୍ବିତ ରାତ୍ରିରେ ହତ୍ୟାକାଣ୍ଡ ଘଟିଥିବା ବେଳେ ୨୨ ତାରିଖରେ ମୃତକଙ୍କ ବାପା କେସନ ମାଝୀ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ମୃତ ମହିଳାଙ୍କ ପ୍ରେମିକ ସେହି ଥାନାଞ୍ଚଳର କଦଳିମୁଣ୍ଡା ଗାଁର ହୋମଗାର୍ଡ ଶ୍ରୀକର ସୁନାନୀ ବୋଲି ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ତଦନ୍ତ ପାଇଁ ତାକୁ ଅଟକ ରଖି ପଚରା ଉଚୁରା କରିଥିଲା। ପୁଲିସ ତଦନ୍ତ ବେଳେ ଅଭିଯୁକ୍ତ ଶ୍ରୀକର ପ୍ରେମିକା ପ୍ରତିମାର ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ଆଜି ଅଭିଯୁକ୍ତ ହୋମଗାର୍ଡକୁ ଗିରଫ କରି ଡାକ୍ତରୀ ଯାଞ୍ଚ ପାଇଁ ପୁଲିସ ପଠାଇଛି। ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଏସପି ଅନିଲ ମିଶ୍ର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଲଇମୁରା ଗାଁର କେସନ ମାଝୀଙ୍କ ଝିଅ ପ୍ରତିମା ମାଝୀ (୩୨) ପ୍ରାୟ ୬ ବର୍ଷ ପୂର୍ବେ ନିକଟସ୍ଥ ଡୁରିଜଙ୍ଗଲ ଗାଁର ଲଳିନ୍ଦ୍ର କିଷାନଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ସନ୍ତାନ ହେବାର କିଛି ଦିନ ପରଠାରୁ ସ୍ୱାମୀକୁ ଛାଡି ପ୍ରତିମା ନିଜ ବାପ ଘରେ ରହି ଆସୁଥିଲେ। ଏହି ସମୟରେ ଲଇମୁରା ଥାନାରେ କାର୍ଯ୍ୟରତ ହୋମଗାର୍ଡ ଶ୍ରୀକର ସୁନାନୀଙ୍କ ସହ ସାକ୍ଷାତ କ୍ରମଶଃ ପ୍ରେମରେ ପରିଣତ ହୋଇଥିଲା। ଶ୍ରୀକରଙ୍କ ୩ଟି ସନ୍ତାନ ରହିଥିବା ବେଳେ ତାଙ୍କ ସ୍ତ୍ରୀଙ୍କର ୫ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ଏକୁଟିଆ ଥିବା ଶ୍ରୀକର ପ୍ରତିମାକୁ ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖି ଆସୁଥିଲା। ହେଲେ ୫ ମାସ ପୂର୍ବେ ଶ୍ରୀକର ପ୍ରତିମାଙ୍କୁ କିଛି ନ ଜଣାଇ ଦ୍ୱିତୀୟ ବିବାହ କରିବା ପରଠାରୁ ଉଭୟଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ବିଭିନ୍ନ ସମୟରେ ପ୍ରତିମା ତାକୁ ଧମକ ଦେଇ ଆସୁଥିଲା। ତେବେ ଶ୍ରୀକର ଗତ ୨୧ ତାରିଖ ବିଳମ୍ବିତ ରାତିରେ ପ୍ରତିମାଙ୍କୁ ଡାକି ନିକଟସ୍ଥ ଜଙ୍ଗଲକୁ ନେଇଥିଲା। ସେଠାରେ ଉଭୟ ମଦ୍ୟପାନ କରିବା ପରେ ପ୍ରତିମା ପୁଣିଥରେ ବିବାହ ପାଇଁ ଜିଦ ଧରିଥିଲା। ଶ୍ରୀକର ଏଥିରେ ଲୋକ ଲଜ୍ୟା ଭୟରେ ପ୍ରତିମାର ତଣ୍ଟି ଚିପି ହତ୍ୟା କରିଥିଲା। ପରେ କୁକୁରଧୂଡା ଜଙ୍ଗଲରେ ପ୍ରତିମାର ମୃତଦେହ ଛାଡି ଫେରାର ହୋଇଥିଲା। ସାଇଣ୍ଟିଫିକ ଟିମ ଓ ପୁଲିସର ତଦନ୍ତ ସମୟରେ ଫୋନ କଲକୁ ଯାଞ୍ଚ କରି ଥାନାର କର୍ତ୍ତବ୍ୟରତ ହୋମଗାର୍ଡର ସମ୍ପୃକ୍ତି ଜାଣିବା ପରେ ପୁଲିସ ଆଜି ଅଭିଯୁକ୍ତ ହୋମଗାର୍ଡକୁ ଗିରଫ କରିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଏସଡିପିଓ ରମେଶ ମହାନା ଓ ଲଇମୁରା ଥାନାଅଧିକାରୀ ପଙ୍କଜ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ମେହେର ସମାଜ ପକ୍ଷରୁ ବରଗଡ଼ର ନୂଆଁ କଂସ ସୁଶୀଲଙ୍କୁ ସମ୍ବର୍ଦ୍ଧନା



**ଝାରସୁଗୁଡ଼ା, ୨୬।୧୧(ସମିସ):** ଆସନ୍ତା ଡିସେମ୍ବର ୨୪ ରୁ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ବରଗଡ଼ର ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। କଂସ ମହାରାଜା ହେଉଛନ୍ତି ଧନୁଯାତ୍ରାର ମୁଖ୍ୟ ଆକର୍ଷଣ। ଏବର୍ଷ କଂସ ମହାରାଜ ଚୟନ ପ୍ରକ୍ରିୟାରେ ୪ଜଣ କଳାକାର ପ୍ରତିଯୋଗୀ ଭାବେ ରହିଥିଲେ। ସେମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଚିଚିଣ୍ଡା ଗାଁର ସୁଶୀଲ ମେହେର କଂସ ଚରିତ୍ର ପାଇଁ ଉପଯୁକ୍ତ ବିବେଚିତ ହୋଇଥିଲେ। ଧନୁଯାତ୍ରାର ମୁଖ୍ୟ ଆକର୍ଷଣ କଂସ ଭୂମିକା ପାଇଁ ସୁଶୀଲଙ୍କୁ ଚୟନ କରାଯାଉଥିବାରୁ ଝାରସୁଗୁଡ଼ା ଚୌଜିଲ୍ଲା ମେହେର ଭୁଲିଆ ସମାଜରେ ଆନନ୍ଦର ଲହରୀ ଖେଳିଯାଇଛି। ଝାରସୁଗୁଡ଼ା ଚୌଜିଲ୍ଲା ସଭାପତି ଚନ୍ଦ୍ରଶେଖର ମେହେରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ଦଳ ଚିଚିଣ୍ଡା ଗାଁକୁ ଯାଇ ସୁଶୀଲ ମେହେରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତିନିଧି ଦଳରେ ଚୌଜିଲ୍ଲା କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ମେହେର, ସାଧାରଣ ସମ୍ପାଦକ ଦୟାନିଧି ମେହେର, ପ୍ରମୋଦ ମେହେର, ରାହାସ ବିହାରି ମେହେର, ପ୍ରଦିପ ମେହେର, କୃଷ୍ଣଚନ୍ଦ୍ର ମେହେର, ତପେଶ୍ୱର ମେହେର, ଗୋପାଲ ମେହେର, ପ୍ରଫୁଲ୍ଲ ମେହେର ପ୍ରମୁଖଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

**ଦେବଗଡ଼, ୨୬।୧୧(ସମିସ):** ରିଆମାଳ ଫରେଷ୍ଟ ରେଞ୍ଜ ପଳସମା ସେକ୍ସନ ଅଧୀନ ଉଟୁଣିଆ ଗାଁ ଜଙ୍ଗଲରେ ହାତୀ ଆକ୍ରମଣରେ ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଗୃହପାଳିତ ଛେଳିଙ୍କ ପାଇଁ ଡାଳପତ୍ର ସଂଗ୍ରହ କରିବାକୁ ଉଟୁଣିଆ ଗାଁର ହୃଦାନନ୍ଦ ବେହେରା (୬୨) ଜଙ୍ଗଲକୁ ଯାଇଥିବା ବେଳେ ହାତୀ ହାବୁଡରେ ପଡ଼ିଯାଇଥିଲେ। ବୃଦ୍ଧ ହୃଦାନନ୍ଦଙ୍କୁ ହାତୀ ସେଠାରେ କଚାଡି ଦଳିଦେବା ଯୋଗୁଁ ଘଟଣା ସ୍ଥଳରେ ହୃଦାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ବନବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଘଟଣାର ତଦନ୍ତ କରିବା ସହ ହାତୀପଲଙ୍କୁ ଘଉଡାଇବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। କୁଣ୍ଢେଇଗୋଳା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଶବ ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଡାକ୍ତରଖାନାକୁ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣା ପଡ଼ିବା ପରେ କିଛି ସମୟ ପାଇଁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ମାନେ ମୃତ ହୃଦାନନ୍ଦଙ୍କ ପରିବାରରୁ ଜଣକୁ ଚାକିରି ଓ କ୍ଷତିପୂରଣ ପ୍ରଦାନ ଦାବିରେ ହୋହାଲ୍ଲା କରିଥିଲେ। ତେବେ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧାରୁଆ ଓ ସ୍ଥାନୀୟ ସରପଞ୍ଚ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା ପରେ ଉତ୍ତେଜନା ଶାନ୍ତ ହୋଇଥିଲା।

## ଦୁର୍ଘଟଣାରେ ଜଣେ ମୃତ

**ରିଆମାଳ, ୨୬।୧୧(ସମିସ):** ରିଆମାଳ ଥାନା ଦେବଗଡ଼ -ଅନୁଗୁଳ ଜାତୀୟ ରାଜପଥ କଡ଼ରେ ଥିବା ପଥପ୍ରାନ୍ତ ସୁବିଧାକେନ୍ଦ୍ର ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମଧ୍ୟରେ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ରିଆମାଳ ଥାନା ପାଣ୍ଡୁରିଶିଳା ଗାଁର କୁନୁ ବର୍ଣିତୁଟ (୪୫)। କୁନୁ ଆଜି କୌଣସି କାର୍ଯ୍ୟରେ ନିଜ ବାଇକ୍ ଯୋଗେ ରିଆମାଳକୁ ଆସିଥିଲେ। ଫେରିବା ବେଳେ ପଥପ୍ରାନ୍ତ ସୁବିଧାକେନ୍ଦ୍ର ସମ୍ମୁଖରେ ଦେବଗଡ଼ ପଟୁ ଅନ୍ୟ ଏକ ବାଇକ୍ ଯୋଗେ ମଳେହିପଡ଼ା ଅଞ୍ଚଳର ଅରବିନ୍ଦ ସାହୁ, ପିପୁନ ସ୍ୱାଇଁ ଦୁଇ ଜଣ ଯୁବକ ଆସୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଉଭୟ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ କୁନୁ ଗୁରୁତର ହୋଇ ପଡ଼ିଥିଲେ। ଖବର ପାଇ ରିଆମାଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଛଡାବର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରିଆମାଳ ଥାନା ପୁଲିସ ପହଞ୍ଚି ଉଭୟ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଅରବିନ୍ଦ ଓ ପିପୁନକୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।

## ଜିଲ୍ଲା କ୍ରାଇସିସ୍ ଗ୍ରୁପ ବୈଠକ

**ଝାରସୁଗୁଡ଼ା, ୨୬।୧୧(ସମିସ):** ରାସାୟନିକ ଦହନଶୀଳ ପଦାର୍ଥ ଦ୍ୱାରା ବିଭିନ୍ନ ଶିଳ୍ପ ସଂସ୍ଥା ତଥା ବାହାରେ ଘଟୁଥିବା ଭୟାନକ ଦୁର୍ଘଟଣାର ପ୍ରତିକାର ଏବଂ ତ୍ୱରିତ ପଦକ୍ଷେପ ଲାଗି ଜିଲ୍ଲା କ୍ରାଇସିସ ଗ୍ରୁପର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା କ୍ରାଇସିସ ଗ୍ରୁପ ଅଧ୍ୟକ୍ଷ କୁଣାଲ ମୋତିରାମ ଚହ୍ୱାଣ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜିଲ୍ଲା ଆଞ୍ଚଳିକ ଅଧିକାରୀ, ରାସାୟନିକ ଦ୍ରବ୍ୟ ବ୍ୟବହାରକାରୀ ଶିଳ୍ପସଂସ୍ଥା ବେଦାନ୍ତ, ଆଇଓସିଏଲ୍ ଟର୍ମିନାଲ, ଆଇଓସିଏଲ୍ ବଟଲିଙ୍ଗ ପ୍ଲାଣ୍ଟ, ଗେଲ୍ ଇଣ୍ଡିଆ, ଓପିଜିସି, ଗ୍ଲୋବାଲ କୋଲ ମାଇନିଂ ଏବଂ ଟିଆରଏଲ୍ ଆଦି ଶିଳ୍ପସଂସ୍ଥା, ଏନଡିଆରଏଫ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ଗ୍ୟାସ ବିତରଣ କରୁଥିବା ଗେଲ୍ ଇଣ୍ଡିଆ, ପିଆରପିଏଲ୍, ଆଇଓସିଏଲ୍ ଆଦି ସଂସ୍ଥା ସମେତ ଜିଲ୍ଲାରେ କିରୋସିନି, ପେଟ୍ରୋଲ ଓ ଏଲପିଜି ଡିପୋ ଆଦିରେ ସମ୍ଭାବ୍ୟ ଦୁର୍ଘଟଣା ଜନିତ ମୁକାବିଲା ଲାଗି ବୈଠକରେ ଆଲୋଚନା କରାଯାଇଥିଲା। ଯୋଜନା ପ୍ରସ୍ତୁତି, ପାରସ୍ପରିକ ସମନ୍ୱୟ ରକ୍ଷା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କ୍ରାଇସିସ ଗ୍ରୁପ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। କାରଖାନା ଓ ବାଷ୍ପିତ୍ର ସହକାରୀ ନିର୍ଦ୍ଦେଶିକା ତଥା ମେମ୍ବର ସେକ୍ରେଟାରୀ ଅର୍ଚ୍ଚନା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ବାପ ପୁଅ ଗୁରୁତର

**ଝାରସୁଗୁଡ଼ା, ୨୬।୧୧(ସମିସ):** ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଥାନା ଅଧୀନ ଗୌରପଡ଼ା ନିକଟରେ ଦୁଇ କାର ଓ ସ୍କୁଟି ମଧ୍ୟରେ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ସ୍କୁଟିରେ ଥିବା ବାପପୁଅ ଗୁରୁତର ଆହତ ହୋଇଛନ୍ତି। ଆହତ ମାନେ କୁଡାଲୋଇର ରବୀନ୍ଦ୍ର ରୋହିଦାସ (୪୦) ଏବଂ ତାଙ୍କ ପୁଅ ପ୍ରେମ ରୋହିଦାସ (୧୩) ବୋଲି ବେଲପାହାଡ ପୁଲିସ ସୂଚନା ଦେଇଛି। ବୁଧବାର ଅପରାହ୍ଣରେ ଝାରସୁଗୁଡ଼ାରୁ ଲଖନପୁର ଆସୁଥିବା ଏକ କାର ଲଖନପୁରରୁ ବେଲପାହାଡ ପଟକୁ



ଆସୁଥିବା ସ୍କୁଟିକୁ ପ୍ରଥମେ ଧକ୍କା ଦେଇ ସମାନ ଦିଗରୁ ଆସୁଥିବା ଆଉ ଏକ କାରକୁ ଧକ୍କା ଦେଇଥିଲା। ଫଳରେ ଉଭୟ କାର ଏବଂ ସ୍କୁଟି ଭାଙ୍ଗିଥିବା ବେଳେ ସ୍କୁଟିରେ ଥିବା ରବୀନ୍ଦ୍ର ଏବଂ ତାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ବେଲପାହାଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଚିକିତ୍ସାଳୟକୁ ପଠାଇବା ସହ ଦୁର୍ଘଟଣା ଗ୍ରସ୍ତ ସମସ୍ତ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ତାରିଣୀ ମନ୍ଦିରରୁ ଦାନବାକ୍ସ, ଟଙ୍କା ଚୋରି

**ରିଆମାଳ, ୨୬।୧୧(ସମିସ):** ରିଆମାଳ ଥାନା ଅଧୀନ ଧରମପୁର ଗାଁର ଆଠପଡ଼ା ତାରିଣୀ ମନ୍ଦିରରୁ ଗତ ରାତିରେ ଦାନବାକ୍ସ ଚୋରି ହୋଇଛି। ଏନେଇ ମନ୍ଦିର



ପରିଚାଳନା କମିଟି ସଭାପତି ସତ୍ୟ ବେହେରା, ସମ୍ପାଦକ ଗାନ୍ଧୀ ଚରଣ ବଗର୍ତ୍ତୀ ଓ ଧରମପୁର ଗ୍ରାମବାସୀ ପକ୍ଷରୁ ରିଆମାଳ ଥାନାରେ ଅଭିଯୋଗ କରିଛନ୍ତି। ମନ୍ଦିରର ପୂଜକ ମଦନ ମୋହନ ଆଚାର୍ଯ୍ୟ ପ୍ରତ୍ୟେକ ଦିନ ପରି ମଙ୍ଗଳବାର ସନ୍ଧ୍ୟାରେ ମାଁଙ୍କ ନିକଟରେ ଆଳତି କରି ମନ୍ଦିର ମୁଖ୍ୟ ଫାଟକରେ ତାଲା ପକାଇ ଘରକୁ ଆସିଥିଲେ। ଆଜି ସକାଳେ ପୂଜାରୀ ମନ୍ଦିର ଖୋଲିଲା ପରେ ଦାନ ବାକ୍ସ ନ ଥିବା ଦେଖିଥିଲେ। ଏହାପରେ ସେ କେହି ମନ୍ଦିରରେ ପ୍ରବେଶ କରି ଦାନବାକ୍ସ ଚୋରି କରିଥିବା ଜଣାଇଥିଲେ। ରିଆମାଳ ଥାନା ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ଦେବଗଡ଼, ୨୬।୧୧(ସମିସ):** ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀଙ୍କ ଆବାହକତ୍ୱ କ୍ରମେ ବୁଧବାର ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ପୌରୋହିତ୍ୟରେ ବଣାଇ ଛକ ନିକଟସ୍ଥ ଦକ୍ଷତା ବିକାଶ କେନ୍ଦ୍ର ଠାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ନୂଆ ଓଡ଼ିଶା ଯୋଜନାରେ ପ୍ରଦତ୍ତ ନିଯୁକ୍ତି ଭିତ୍ତିକ ତାଲିମ କେନ୍ଦ୍ରର ଉଦ୍‌ଘାଟନ ତଥା ପ୍ରଶିକ୍ଷାର୍ଥୀ ମାନଙ୍କୁ ୟୁନିଫର୍ମ ଏବଂ ପାଠ୍ୟ ପୁସ୍ତିକା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ତାଲିମ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ କେ.ରୋଜା ଦୋରା ସରକାରଙ୍କ ଏହି ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥି ସହିତ ଅତିଥି ମାନେ ଉପସ୍ଥିତ ୨୯ ଜଣ ପ୍ରଶିକ୍ଷାର୍ଥୀ ମାନଙ୍କୁ ୟୁନିଫର୍ମ ଏବଂ ପାଠ୍ୟପୁସ୍ତକ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ବାରକୋଟ ତହସିଲଦାର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସରକାରୀ ଆଇଟିଆଇ ଅଧ୍ୟକ୍ଷ ରତିକାନ୍ତ ପରିଡ଼ା, ବାରକୋଟ ଦକ୍ଷତା ବିକାଶ କେନ୍ଦ୍ର, ମୁଖ୍ୟ ବଂଶୀଧର ଘଡେଇ ପ୍ରମୁଖ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

**ଇବଥର୍ମାଲ, ୨୬।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ଖେଳ ପଡ଼ିଆରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ ଖେଳକୁଦ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ସମାରୋହକୁ ଏମସିଏଲ୍ କ୍ରୀଡ଼ା ମ୍ୟାନେଜର ପ୍ରମୋଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଦୀପ ଉଦ୍‌ଘାଟନ କରିଥିଲେ। ୩ୟ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ୬୨ଟି ଖେଳ ପ୍ରତିଯୋଗିତା ହୋଇଥିଲା। ୨୮୬ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିପରି ଦ୍ୱିତୀୟ ଦିବସରେ ଉଦ୍‌ଯାପନୀ ସମାରୋହରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆସ୍ତିକ ପ୍ରସାଦ ସାହୁ, ଯୁଧିଷ୍ଠିର ବେହେରା, ଅଜୟ ବିଶ୍ୱାଳ, ରବୀନ୍ଦ୍ର ଗିରି, ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି କୋଷାଧ୍ୟକ୍ଷ ଯଶୋବନ୍ତ ପାଲ, ଯୁଗ୍ମ ସମ୍ପାଦକ ଆଦିତ୍ୟ ସିଂଦେଓ, ଉପସଭାପତି ମଧୁସୂଦନ ମେହେର, ସଭ୍ୟା ପୁଷ୍ପାଞ୍ଜଳି ବାରିକ, ମଞ୍ଜୁଲତା ଭୂମିଜ୍ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁ ଅତିଥି ପରିଚୟ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗୁରୁମା ରୋଜାଲି ହୋତା ମଞ୍ଚ ପରିଚାଳନା କରିଥିଲେ। ଖେଳକୁଦ ପ୍ରମୁଖ ରାକେଶ ପଣ୍ଡା ଗୁରୁଜୀ କ୍ରୀଡା ସଞ୍ଚାଳନ ଓ ବାର୍ଷିକ ଖେଳକୁଦ ବିବରଣୀ ପାଠ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ କ୍ରୀଡାବିତ ଭାବେ ଶିଶୁବର୍ଗରେ ୫ମ ଶ୍ରେଣୀର କେତେନ ବାଗ ଓ ସନ୍ଧ୍ୟାରାଣୀ ପ୍ରଧାନ; ବାଳ ବର୍ଗରେ ୭ମ ଶ୍ରେଣୀର ତାପସ ବିଶୋଇ ଓ ଅମିତ ରାଉତ; କିଶୋର ବର୍ଗରେ ୮ମ ଓ ୯ମ ଶ୍ରେଣୀର ଅରୁଷି ହାତୀ, ବେବି ଖଣ୍ଡାୟତ, ଶୁଭମ କଲାରୀ ଓ ଟୁକେଶ୍ୱର ଓରାମ ବିବେଚିତ ହୋଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ଆସନ୍ତା ଡିସେମ୍ବର ୧୯ ଓ ୨୦ରେ ହେବାକୁ ଥିବା ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ ବ୍ରଜରାଜନଗରରେ ଅଂଶଗ୍ରହଣ କରିବେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ସମ୍ପାଦକ ଅଭିନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ପ୍ରତିଯୋଗିତା
# ଫାଇନାଲରେ ସମ୍ବଲପୁର ଏକାଡେମୀ

**ଦେବଗଡ଼, ୨୬।୧୧(ସମିସ):** ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଗତ ସୋମବାର ଠାରୁ ପ୍ରଧାନପାଟ କ୍ଲବ୍ ପକ୍ଷରୁ ଆରମ୍ଭ ହୋଇଥିବା ସପ୍ତମ ସର୍ବଭାରତୀୟ ପ୍ରଧାନପାଟ କପ ଫୁଟବଲ ପ୍ରତିଯୋଗିତାର ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଛତିଶଗଡ଼ ଜଗଦଲପୁର ରଙ୍ଗବାଜ ଏଫସି ଓ ସମ୍ବଲପୁର ଏକାଡେମୀ ମଧ୍ୟରେ ଆଜିର ଖେଳ ହୋଇଥିଲା। ମ୍ୟାଚ୍‌ରେ ସମ୍ବଲପୁର ଏକାଡେମୀ ୩-୦ ଗୋଲରେ ଜଗଦଲପୁରକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌କୁ ରାଜ ମଣ୍ଡଳ, ସୁକାନ୍ତ କିଷାନ, ସାଗର ନାଏକ, ଜିତୁ ପାତ୍ର ପ୍ରମୁଖ



ପରିଚାଳନା କରିଥିଲେ। ହେମନ୍ତ ମହାପାତ୍ର ମ୍ୟାଚ୍ କମିସନର ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥିଭାବେ ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ଆଇନଜୀବୀ ମନୋଜ ପାଢ଼ୀ, ଜିଲ୍ଲା କ୍ରୀଡା ସଂସଦର ଉପସଭାପତି ଭୁବନେଶ୍ୱର ପ୍ରଧାନ ଓ ବରିଷ୍ଠ ଖେଳାଳି ନାସିର ଖାନ ଯୋଗ ଦେଇଥିଲେ। ସମ୍ବଲପୁର ଏକାଡେମୀ ଦଳର ସଞ୍ଜୟ ଖାଡିଆକୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଆସନ୍ତାକାଲି ବରଗଡ଼ର ୟୁନାଇଟେଡ ସ୍ପୋର୍ଟସ ଦଳ ଓ ରାଉରକେଲା ୧୫ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ସମ୍ବିଧାନ ଦିବସ ପାଳିତ
# ଆମ ସମ୍ବିଧାନ ଆମ ଗୌରବ








ଦେବଗଡ଼, ୨୬।୧୧(ସମିସ)

ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବୁଧବାର ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ଉପନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦେବ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବେ ପାଳନ କରାଯାଇଏ। ସମ୍ବିଧାନ ପ୍ରସ୍ତୁତି ପାଇଁ ୨ ବର୍ଷ ୧୧ ମାସ ୧୮ ଦିନରେ ଡ.ଭୀମରାଓ ଆମ୍ବେଦକର ଏହି ସମ୍ବିଧାନ ପ୍ରସ୍ତୁତ କରିଥିଲେ। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସମ୍ବିଧାନ ପ୍ରସ୍ତୁତ ହୋଇ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ କାର୍ଯ୍ୟକାରୀ ହୋଇଥିଲା। ଆମ ସମ୍ବିଧାନ ଆମ ଗୌରବ ବୋଲି ଅତିଥି ମାନେ ଦିବସ ପାଳନ ଅବସରରେ କହିବା ସହିତ ଦେଶ ପାଇଁ ସମ୍ବିଧାନର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ବାଳିକା ଉଚ୍ଚ ବିଦ୍ୟାଳୟର କବିତା ଦାସ ପ୍ରଥମ, ଆଦ୍ୟାସା ପାତ୍ର ଦ୍ୱିତୀୟ ଓ ଶିବାନୀ ବେହେରା ତୃତୀୟ ସ୍ଥାନ ହାସଲ




କରିଥିଲେ। ସେହିପରି କନିଷ୍ଠ ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜୟ ଲକ୍ଷ୍ମୀ ପ୍ରଧାନ ପ୍ରଥମ, ଓମ ପ୍ରକାଶ ବେହେରା ଦ୍ୱିତୀୟ ଓ ବାଲ ଭାରତୀ ସ୍କୁଲର ସାଇଶ୍ମିତା ସାହୁ, ଗୁଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରକଳ୍ପ ତିଳେଇବଣି ସମ୍ବନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଡେପୁଟି ସିଇଓ ଅର୍ମାସ୍ ରବୀନ୍ଦ୍ର ପ୍ରଧାନ, ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ଈଶ୍ୱର ଗୁରୁ, ହେମନ୍ତ ସିଂ, ଅଧିକ୍ଷଣ ଯନ୍ତ୍ରୀ ଟିପିଡବ୍ଲ୍ୟୁଓ ରାଜୁ ସାହା, ପ୍ରୋଜେକ୍ଟ ମ୍ୟାନେଜର ଆଶିଷ ବାରିକ, ପ୍ରୋଜେକ୍ଟ ମ୍ୟାନେଜର ଟ୍ରେନିଂ ଦୀପକ ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ଶିଶୁ ବିଦ୍ୟାମନ୍ଦିର

**ଦେବଗଡ଼:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଆଜି ସମ୍ବିଧାନ ଦିବସ ପାଳିତ ହୋଇଛି। ପ୍ରଧାନଆଚାର୍ଯ୍ୟ ଉମାକାନ୍ତରଣାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଗୁରୁଜୀ ସୂର୍ଯ୍ୟକାନ୍ତ ସ୍ୱାଇଁ ସମ୍ବିଧାନ ଓ ସମ୍ବିଧାନ ଦିବସର ମୂଲ୍ୟବୋଧ ସମ୍ପର୍କରେ ଶିଶୁମାନଙ୍କ ନିମନ୍ତେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ

**ଝାରସୁଗୁଡ଼ା:** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ସମ୍ବିଧାନ ଦିବସ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଜିଲ୍ଲା ଓ ଦୌରାଜଜ ତଥା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସଦାଶିବ ଜେନା ଅଧ୍ୟକ୍ଷତା କରିଥିଲେ। ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ ଓ ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଜିଲ୍ଲା ଓକିଲ ସଂଘର ସଭାପତି ତ୍ରିନାଥ ଗୁଆଲ ଓ ସନ୍ଦୀପ ଅବସ୍ଥି ପ୍ରମୁଖ ଓକିଲ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ, ଆଇନ୍ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମଧ୍ୟସ୍ଥତା, ଲୋକ ଅଦାଲତ ମାଧ୍ୟମରେ ମାମଲାର ଆପୋଷ ସମାଧାନ, ମାଗଣା ଓକିଲ ପ୍ରଦାନ, ପୀଡିତା କ୍ଷତିପୂରଣ, ନାଲସା ହେଲ୍ପ ଲାଇନ ୧୫୧୦୦ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ପ୍ରାଧିକରଣର ପ୍ୟାନେଲ ଓକିଲ, ଜିଲ୍ଲା ଓକିଲ ସଂଘର ଓକିଲମାନେ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ବନ୍ଧବାହାଲ ଡିଏଭି ସ୍କୁଲ

**ଝାରସୁଗୁଡ଼ା:** ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ସମ୍ବିଧାନ ଦିବସ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା। ସାମାଜିକ ବିଜ୍ଞାନ ଶିକ୍ଷକ ପୁରନ୍ଦର ପ୍ରଧାନ ଦିବସର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ପଣ୍ଡା ସମ୍ବିଧାନ ପ୍ରତି ସମ୍ମାନ ରକ୍ଷା ପୂର୍ବକ ମୁଖବନ୍ଧ ପଠନ ଓ ଶପଥ ଗ୍ରହଣ କରାଇଥିଲେ। ଅଧ୍ୟକ୍ଷ ହୋତା ସମ୍ବିଧାନ ପ୍ରଣେତା ଓ ଭାରତୀୟ ସମ୍ବିଧାନ ପ୍ରତି ସମ୍ମାନ ଓ ଆନ୍ତରିକତା ରହିଥିବା ବିଷୟରେ କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ଏନ୍‌ସିସି ଛାତ୍ରଛାତ୍ରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ।

**● ବରଗଡ଼ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ**

# ସିଘୋଡ଼ାରେ ସହିଦ ମାଧୋ ସିଂଙ୍କ ସ୍ମାରକୀ ଦାବି

ବରଗଡ଼, ୨୬।୧୧(ସମିସ): ଓଡ଼ିଶାର ବରଗଡ଼ ଜିଲ୍ଲା ସ୍ଥିତ ଘେଁସ ମାଟିରେ ଜନ୍ମିତ ଜାତୀୟବୀର ସହିଦ ମାଧୋ ସିଂଙ୍କ ପ୍ରମୁଖ ରଣସ୍ଥଳୀ ଛତିଶଗଡ଼-ଓଡ଼ିଶା ସୀମାନ୍ତରେ ଥିବା ସିଘୋଡା ଘାଟିରେ ତାଙ୍କ ସ୍ମୃତି ପାଇଁ ତୋରଣ, ସ୍ତମ୍ଭ କିମ୍ବା ସ୍ମାରକୀ ନିର୍ମାଣ କରି ଉଚିତ ସମ୍ମାନ ପ୍ରଦର୍ଶନ କରାଯାଉ ବୋଲି ବରଗଡ଼ ସାମ୍ବାଦିକ ସଞ୍ଜୀବ ମହାପାତ୍ର ଦାବି କରିଛନ୍ତି। ଶ୍ରୀ ମହାପାତ୍ର ଆଜି ବରଗଡ଼ ସହର ପାଖ ତୁରୁଙ୍ଗାର ବୈଷ୍ଣୋଦେବୀ ମନ୍ଦିର ପରିଦର୍ଶନରେ ଆସିଥିବା ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ଭେଟି ଏନେଇ ଆଲୋଚନା କରିଥିଲେ। ଏହାସହ ଏକ ସ୍ମାରକପତ୍ର ଓ ମାଧୋ ସିଂହଙ୍କ ଏକ ପ୍ରତିମୂର୍ତ୍ତି ପ୍ରଦାନ କରିଥିଲେ। ସହିଦଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ ସହିତ ଆଗାମୀ ପିଢ଼ିଙ୍କ ଅବଗତି ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ବିନମ୍ର ନିବେଦନ କରିଥିଲେ। ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଅନ୍ତିମ ନିଃଶ୍ୱାସ ପର୍ଯ୍ୟନ୍ତ ସଂଗ୍ରାମ କରି ବରଗଡ଼ ଜିଲ୍ଲାର ଘେଁସ ଗାଁର ମାଧୋ ସିଂଙ୍କର ପରିବାରରୁ ପିତା ପୁତ୍ର ପାଞ୍ଚଜଣ ତଥା ଛତିଶଗଡ଼ରେ ଥିବା ତାଙ୍କର ସମ୍ବନ୍ଧି, ଝିଅ ଓ ଜ୍ୱାଇଁ ପ୍ରଭୃତି ସମସ୍ତ ସମ୍ପର୍କୀୟ ଜୀବନ ଉତ୍ସର୍ଗ କରିଥିଲେ। କେବଳ ଭାରତୀୟ ମୁକ୍ତି ସଂଗ୍ରାମ ନୁହେଁ ସମଗ୍ର ବିଶ୍ୱର ମୁକ୍ତି ସଂଗ୍ରାମର ଇତିହାସରେ ମଧ୍ୟ ଏହା ଏକ ବିରଳ ଦୃଷ୍ଟାନ୍ତ। ତେଣୁ ସିଘୋଡା ଘାଟିରେ ସ୍ମୃତିରକ୍ଷା କରିବା ଛତିଶଗଡ଼ ସରକାରଙ୍କ ପାଇଁ ଐତିହାସିକ ପଦକ୍ଷେପ ହେବ ବୋଲି ପଶ୍ଚିମ ଓଡ଼ିଶାର ଅନେକ ବିଜ୍ଞ ବ୍ୟକ୍ତି ମତପ୍ରକାଶ କରିଛନ୍ତି। ଏ ଦିଗରେ ଦୃଷ୍ଟି ଦେବାକୁ ଶ୍ରୀ ମହାପାତ୍ର ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ମହାପାତ୍ରଙ୍କ ଠାରୁ ଜଣାପଡ଼ିଛି।



**ବିଚ୍ଛିନ୍ନାଞ୍ଚଳ ଦେଚୁଆଁରେ ବିକାଶ ଅପହଞ୍ଚ**

# ଭିଟାମାଟି ଛାଡ଼ିବାକୁ ଦେଚୁଆଁ ଗ୍ରାମବାସୀଙ୍କ ଜିଲ୍ଲାପାଳଙ୍କୁ ଗୁହାରି

ଅମ୍ବାଭୋନା, ୨୬।୧୧(ସମିସ)

ବରଗଡ଼ ଜିଲ୍ଲା ଅମ୍ବାଭୋନା ଥାନା ଓ ତହସିଲ ଅଧୀନ ଦେଚୁଆଁ ଗାଁକୁ ଅଭୟାରଣ୍ୟ ପରିସରଭୁକ୍ତ କରି ଉଚ୍ଛେଦ କରିବା ଏବଂ ପୁନର୍ବାସ ଯୋଜନାରେ ଥଇଥାନ କରିବା ପାଇଁ ବରଗଡ଼ ଜିଲ୍ଲାପାଳ ଓ ବରଗଡ଼ ବନଖଣ୍ଡ ଅଧିକାରୀଙ୍କୁ ଗ୍ରାମବାସୀ ଗୁହାରି ଜଣାଇଛନ୍ତି। ଗାଁଟି ବଣ ପାହାଡ ଘେରା ବାରପାହାଡ ଜଙ୍ଗଲ ଭିତରେ ଥିବାରୁ ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଟେଲି ଯୋଗାଯୋଗ ଆଦି ସବୁ କ୍ଷେତ୍ରରେ ବଞ୍ଚିତ ରହୁଛି। ବାରମ୍ବାର ବନ୍ୟ ପଶୁଙ୍କ ଦୌରାତ୍ମ୍ୟ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଦେଚୁଆଁ ବାସୀ।



**ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ**

୨୦୨୧ ଜନଗଣନା ଅନୁସାରେ ଦେଚୁଆଁ ଗାଁ ଗୋଟିଏ ୱାର୍ଡ ବିଶିଷ୍ଟ ହୋଇଥିବା ବେଳେ ପାଖାପାଖି ୭୯ଟି ପରିବାରରେ ପ୍ରାୟ ୩୦୦ ଜନସଂଖ୍ୟା ଏଠାରେ ବସବାସ କରୁଛନ୍ତି। ଗାଁଟି କର୍ଲା ପଞ୍ଚାୟତ ଅଧୀନ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ରାଜସ୍ୱ ଗାଁ ମାନ୍ୟତାରୁ ବଞ୍ଚିତ ରହିଛି। ତେଣୁ କୃଷି କ୍ଷେତ୍ରରେ ସରକାରୀ ସହାୟତାରୁ ବଞ୍ଚିତ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଝି ଜଙ୍ଗଲରେ ଗାଁଟି ଥିବାରୁ ପ୍ରାୟ ସବୁ କ୍ଷେତ୍ରରେ ଅବହେଳିତ ହୋଇ ଆସୁଛି ବୋଲି ଗ୍ରାମବାସୀ କହିଛନ୍ତି। ଶେଷରେ ବାଧ୍ୟ ହୋଇ ସମସ୍ତ ଗ୍ରାମବାସୀ ସର୍ବସମ୍ମତି କ୍ରମେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ବରଗଡ଼ ବନଖଣ୍ଡ ଅଧିକାରୀଙ୍କୁ ଦେଚୁଆଁ ଭିଟାମାଟି ଛାଡି ଅନ୍ୟତ୍ର ରହିବାକୁ ଲିଖିତ ଦାବି ଜଣାଇଛନ୍ତି। ବର୍ତ୍ତମାନ ଯୁଗରେ ଲୋକେ ୫ଜିରୁ ୬ଜି ସୁବିଧା ପାଇବାକୁ ଯାଉଥିବା ବେଳେ ଦେଚୁଆଁ ବାସୀ ଅଧିକାଂଶ ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ ରହିଛନ୍ତି। ଏଣୁ ସରକାର ଅଭୟାରଣ୍ୟ ପରିସରରୁ ସେମାନଙ୍କୁ ଉଚ୍ଛେଦ କରି ଅନ୍ୟତ୍ର ମୌଳିକ ସୁବିଧା ସହିତ ପୁନର୍ବାସ ଦେବାକୁ ଦେଚୁଆଁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ପାଖରେ ନିବେଦନ କରିଛନ୍ତି।

**● ବରଗଡ଼ ପୁସ୍ତକ ମେଳାର ୭ମ ସନ୍ଧ୍ୟା**

# ‘ଆମ ଅଞ୍ଚଳର ଲୋକଗୀତ’ ଆଲୋଚନାଚକ୍ର

ବରଗଡ଼, ୨୬।୧୧(ସମିସ): ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ହେଉଥିବା ୨୨ତମ ବରଗଡ଼ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ କବି ସଙ୍ଗୀତା ଷଡଙ୍ଗୀ ପଣ୍ଡାଙ୍କ ସଂଯୋଜନାରେ ‘ଆମ ଅଞ୍ଚଳର ଲୋକଗୀତ’ ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଆଲୋଚକ ଭାବେ ବିଶିଷ୍ଟ ଲୋକଗୀତ ଓ ଲୋକସଙ୍ଗୀତ ଗବେଷକ ତୁଲାରାମ କଲେତ୍ ଓ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଅଞ୍ଚଳର ଲୋକଗୀତ ଓ ଲୋକସଙ୍ଗୀତ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅଞ୍ଚଳର ଭାଷା, ସଂସ୍କୃତି, ପରମ୍ପରା ଓ ଚାଲିଚଲଣ କେତେ ମହାନ, କେତେ ସମୃଦ୍ଧ ବୋଲି ଉଭୟେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଉଭୟ ଅତିଥିଙ୍କୁ ପାଠାଗାର ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ବରଗଡ଼ ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷ କରନ୍ ସାହୁ ଓ ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ସଭାପତି ହରିହର ପ୍ରଧାନ ଉଦ୍‌ଘାଟନ କରିଥିଲେ। ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବରଗଡ଼ ବ୍ଲକ୍‌ରୁ ୭ ପ୍ରକଳ୍ପ ଜିଲ୍ଲା ବିଜ୍ଞାନ ମେଳାକୁ ମନୋନୀତ



ବରଗଡ଼, ୨୬।୧୧(ସମିସ): ବରଗଡ଼ ବ୍ଲକରୁ ୭ଟି ପ୍ରକଳ୍ପ ଜିଲ୍ଲା ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ୨୩୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ମଧ୍ୟରୁ କଳାପାଣି ହାଇସ୍କୁଲ ବାଣୀସ୍ମିତା ପଧାନଙ୍କ ହାଇ ଇଣ୍ଟେନ୍ସିଭ ଫିସ ଫାର୍ମିଂ, ତାଲଶ୍ରୀଗିଡ଼ା ହାଇସ୍କୁଲ ଛାତ୍ର ହିମାଂଶୁ ସାହୁଙ୍କ ଭେହିକିଲ ପଲ୍ୟୁସନ୍ ପ୍ୟୁରିଫାୟର, ସରକାରୀ ଉଚ୍ଚ ବିଦ୍ୟାଳୟ ତୋରାର ଛାତ୍ର ସ୍ୱରାଜ ବେହେରାଙ୍କ ଫ୍ୟୁଚର ପାୱାର ଆଲକୋହଲ ଷ୍ଟୋଭ, ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟ ଛାତ୍ର ସ୍ୱରାଜ ବେହେରାଙ୍କ କ୍ଲାସରୁମ୍ ଉପସ୍ଥାନ ସିଷ୍ଟମ୍, ରାଣା ପ୍ରତାପ ହାଇସ୍କୁଲ ଛାତ୍ର ସ୍ୱୟଂ ସିଦ୍ଧ ମିଶ୍ରଙ୍କ ପରିମିତି ଆଧାରିତ ପ୍ରକଳ୍ପ, ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଧାଙ୍ଗେରର ଛାତ୍ରୀ ଗାର୍ଗୀ ଭୋଇଙ୍କ ଖାଦ୍ୟ ଓ ସ୍ୱାସ୍ଥ୍ୟ, ଆଞ୍ଚଳିକ ହାଇସ୍କୁଲ ଶ୍ରୀହରି ନଗରରୋସନ ମହାପାତ୍ରଙ୍କ ସିୱେଜ୍ ଓ ଆକ୍ୱା ଫ୍ଲୋ ପରୀକ୍ଷଣ ପ୍ରମୁଖ ୭ଟି ପ୍ରକଳ୍ପ ରହିଛି। ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ଏହି ସବୁ ପ୍ରକଳ୍ପ ସ୍ଥାନିତ ହେବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ସୂଚନା ପ୍ରଦାନ କରିଛନ୍ତି।

# ସାମ୍ବାଦିକଙ୍କୁ ଧମକ; ବିଜେପୁର ସାମ୍ବାଦିକ ସଂଘ ଏସ୍‌ପିଙ୍କ ଦ୍ୱାରସ୍ଥ



ବରଗଡ଼, ୨୬।୧୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଯୋଖିପାଲି ପଞ୍ଚାୟତ ଲିଟିପାଲି ସରକାରୀ ବିଦ୍ୟାଳୟ ଶୌଚାଳୟ ଅନିୟମିତତା ସମ୍ବନ୍ଧୀୟ ଖବର ନଭେମ୍ବରରେ ପ୍ରକାଶ ପାଇଥିଲା। ଏହାପରେ ସରପଞ୍ଚ ସବିତା ସାହୁ ସାମ୍ବାଦିକ ସୁଶାନ୍ତ ସାହୁଙ୍କୁ ଫୋନ ଯୋଗେ ଧମକ ଦେଇଥିବା ଅଭିଯୋଗ ନେଇ ଅଞ୍ଚଳରେ ବ୍ୟାପକ ଚର୍ଚ୍ଚା ହୋଇଛି। ସୁଶାନ୍ତ ସାହୁ ପ୍ରଥମେ ବିଜେପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। କିନ୍ତୁ ଧମକ ବନ୍ଦ ନ ହେବାରୁ ପରେ ସାମ୍ବାଦିକ ସଂଘକୁ ଜଣାଇଥିଲେ। ଫଳରେ ଘଟଣାକୁ ଗୁରୁତ୍ୱ ସହ ନେଇ ସାମ୍ବାଦିକ ମାନେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ପ୍ରେସ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବା ପ୍ରୟାସର ଅଭିଯୋଗ ଦେଇ ନିଜ ସୁରକ୍ଷା ପାଇଁ ପ୍ରୟୋଜନୀୟ ବ୍ୟବସ୍ଥା ଦେବାକୁ ଦାବି କରିଛନ୍ତି। ସଂଘ ପକ୍ଷରୁ ଦୋଷୀଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ସହ ସୁଶାନ୍ତ ସାହୁଙ୍କୁ ପୁଲିସ ତରଫରୁ ସୁରକ୍ଷା ଦେବାକୁ ଦାବି କରାଯାଇଛି। ଏସପି ମୀନା ଘଟଣା ଉପରେ ଗମ୍ଭୀରତାର ସହ ତଦନ୍ତ କରିବାକୁ ଆଶ୍ୱାସନା ଦେଇଛନ୍ତି।

# ବରଗଡ଼ରେ ମହିଳା ଥାନା ସ୍ଥାପନ ଦାବି

ବରଗଡ଼, ୨୬।୧୧(ସମିସ): କ୍ରମବର୍ଦ୍ଧିଷ୍ଣୁ ଅପରାଧ ଯୋଗୁଁ ବରଗଡ଼ ଜିଲ୍ଲା ସଦର ମହକୁମାରେ ଏକ ମହିଳା ଥାନା ସ୍ଥାପନ କରାଯିବାକୁ ବରଗଡ଼ ମହିଳା ସମିତି ପୁଣି ଦାବି ଉପସ୍ଥାପନ କରିଛି। ମଙ୍ଗଳବାର ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ସମିତିର ପ୍ରତିନିଧି ଦଳ ଭେଟି ଦାବି ଉପସ୍ଥାପନ କରିଛନ୍ତି। ସମିତିର ପ୍ରତିଷ୍ଠାତା ସଦସ୍ୟା ଗୀତା ମିଶ୍ର, ସଭାପତି ଅଞ୍ଜନା ଦାସ, ସମ୍ପାଦକ ସୁଧାଂଶୁ ବାଳା ଦାଶ ଓ କୋଷାଧ୍ୟକ୍ଷ ମମତା ମିଶ୍ର ଜିଲ୍ଲାପାଳଙ୍କୁ ଭେଟିଥିଲେ। ମହିଳା ଥାନାର ଆବଶ୍ୟକତା ନେଇ ଧନୁଯାତ୍ରା ପୂର୍ବରୁ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ସମିତି ପକ୍ଷରୁ ଜାନୁଆରୀ ୨୦୨୪ରେ ମହିଳା ଥାନା ଦାବିରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦିଆଯାଇଥିବା ଦାବିପତ୍ରର ପ୍ରତିଲିପି ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଦୀର୍ଘ ପ୍ରାୟ ଦୁଇ ବର୍ଷ ବିତି ଯାଇଥିଲେ ସୁଦ୍ଧା କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନଥିବାରୁ ସମିତି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇ ତୁରନ୍ତ ପଦକ୍ଷେପ ନିଆଯିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ ଜଣାଇଥିଲେ। ମହିଳା ଥାନା ହେଲେ ମହିଳାମାନଙ୍କୁ ଅପରାଧ ରିପୋର୍ଟ କରିବା ପାଇଁ ଏକ ସୁରକ୍ଷିତ ଏବଂ ସୁଗମ ପରିବେଶ ମିଳିବା ସାଙ୍ଗକୁ ବିଶେଷକରି ଘରୋଇ ହିଂସା ଭଳି ଅପରାଧ ବିରୋଧରେ ମହିଳାଙ୍କୁ ସୁବିଧା ମିଳି ପାରିବ । ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଏବଂ ବିଜେପୁର ବିଧାୟକ ସନତ ଗଡ଼ତିଆ ମଧ୍ୟ ଉପସ୍ଥିତ ଥିଲେ। ଦାବିର ଯଥାର୍ଥତା ଦୃଷ୍ଟିରୁ ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବରପାଲି, ୨୬।୧୧(ସମିସ): ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ନବମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପିକା ପୁନମ ସାହୁଙ୍କ ସଂଯୋଜନାରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ପ୍ରଶିକ୍ଷକ ରସାନନ୍ଦ ଥପା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ। କ୍ରୀଡା ଦ୍ୱାରା ଛାତ୍ରୀ ମାନଙ୍କର ଶାରୀରିକ ଅଭିବୃଦ୍ଧି ହେବା ସହ ବୌଦ୍ଧିକ ବିକାଶର ସହାୟକ ହୋଇଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ କ୍ରୀଡା ପ୍ରଶିକ୍ଷକ ଲୋକନାଥ ମେହେରଙ୍କ ତତ୍ତ୍ୱାଧାନରେ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଛାତ୍ରୀ ମାନେ ୧୦୦ ମିଟର, ୨୦୦ ମିଟର, ହାଇ ଜମ୍ପ୍, ସ୍ଲୋ ସାଇକଲ, ଜାଭ୍‌ଲିନ ଥ୍ରୋ, ସର୍ଟ ପୁଟ ପ୍ରଭୃତି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଶିକ୍ଷା ବିଭାଗ ଅଧ୍ୟାପିକା ଶୋଭାବତୀ ଥପା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଯତୀନ୍ଦ୍ର ସାହୁ, ନେପାଲ ବିଶ୍ୱାଳ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ ଅଧ୍ୟାପିକା ପିଙ୍କି ବାରିକ, ଜ୍ୟୋତି ସାହୁ, ପରିଣୀତା ପଧାନ, ମନୀଷା ଭୋଇ, ସସ୍ମିତା ମେହେର, ଯାଜ୍ଞସେନୀ ପଟେଲ ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ଭୁଏ, ତ୍ରିପୁରା ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟକ ହୋଇଥିଲେ।

# ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ



ବରଗଡ଼




ଲକ୍ଷେଘର ସମାଜ



ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ

ବରଗଡ଼, ୨୬।୧୧(ସମିସ)



ବିକାଶ ଲ’ ସ୍କୁଲ





ପାହାଡଶ୍ରୀଗିଡା ଡିଗ୍ରୀ କଲେଜ

ଭାରତୀୟ ଗଣତନ୍ତ୍ରର ଭିତ୍ତିସ୍ତମ୍ଭ ଭାବେ ପରିଚିତ ‘ସମ୍ବିଧାନ’ ଗୃହୀତ ହେବାର ଐତିହାସିକ ଦିନଟିର ଗୁରୁତ୍ୱକୁ ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସମ୍ବିଧାନ ଦିବସ ପାଳିତ ହୋଇଥାଏ। ଏହି ଉପଲକ୍ଷେ ଦେଶଭକ୍ତି, ସାମାଜିକ ଜାଗୃତି ଏବଂ ଗଣତାନ୍ତ୍ରିକ ଆଦର୍ଶ ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନ ତଥା ବରଗଡ଼ ଜିଲ୍ଲା ପରିଷଦ ଆନୁକୂଲ୍ୟରେ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଇଓ (ଅର୍ଥ) ଉମେଶ ଚନ୍ଦ୍ର ବାଘ ମଞ୍ଚାସୀନ ଥିଲେ। ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ମଧୁସ୍ମିତା ନନ୍ଦ ମୁଖ୍ୟବକ୍ତା ଭାବେ ଭାରତୀୟ ସମ୍ବିଧାନର ଐତିହାସିକ ପୃଷ୍ଠଭୂମି, ଏହାର ମୂଳ ଦାର୍ଶନିକ ଧାରା, ଡ.ଅମ୍ବେଦକରଙ୍କ ଆଧୁନିକ ଭାରତ ଗଠନର ସ୍ୱପ୍ନ ଓ ଆଜିର ପିଢ଼ି ପାଇଁ ତାହାର ପ୍ରାସଙ୍ଗିକତାକୁ ଉପସ୍ଥାପନ କରିଥିଲେ। ଏହି ଅବସରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ପଞ୍ଚାୟତର ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ବରଗଡ଼:** ୧୯୪୯ ମସିହା ୨୬ ନଭେମ୍ବରରେ ଭାରତୀୟ ସମ୍ବିଧାନ ଗ୍ରହଣ ହେବା ନେଇ ସମ୍ବିଧାନ ଦିବସ ପ୍ରତ୍ୟେକ ବର୍ଷ ଏହି ତାରିଖରେ ଦେଶରେ ପାଳିତ ହୋଇ ଆସୁଛି। ଏନେଇ ତୋରାରେ ପ୍ରିଅମ୍ବଲ ପାଠ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମସ୍ତେ ସମ୍ବିଧାନର ମୂଲ୍ୟବୋଧ ନ୍ୟାୟ, ସ୍ୱାଧୀନତା, ସମତା ଓ ବନ୍ଧୁତ୍ୱ ରକ୍ଷା ପାଇଁ ଶପଥ ନେଇଥିଲେ। ପରେ କୁଇଜ ପ୍ରତିଯୋଗିତା, ଭାଷଣ, ଦେଶାତ୍ମବୋଧକ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ, ଛାତ୍ରଛାତ୍ରୀ ଓ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଜଣାଇଥିଲେ।

**ବରଗଡ଼:** ବିକାଶ ଲ’ ସ୍କୁଲରେ ଅଳ ଭାରତୀୟ ଅଭକ୍ତ ପରିଷଦ, ବରଗଡ଼ ଓ ଲ’ ସ୍କୁଲର ମିଳିତ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବିକାଶ ଲ’ ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡ.ବିକ୍ରମ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲ’ ସ୍କୁଲର ଅଧ୍ୟାପକ ଜୈମିନି ସାହୁ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଲାଲା ଲଜପତ୍‌ରାୟ ଆଇନ୍ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ.ଗିରିଜା ଶଙ୍କର ଶର୍ମା ସମ୍ବିଧାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦର ସମସ୍ତ ସଦସ୍ୟ, ଲ’ ସ୍କୁଲର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

**ବରଗଡ଼:** ଜମଲା ଡିଗ୍ରୀ କଲେଜ ଜମଲାରେ ଆଜି ମହାସମାରୋହରେ ସମ୍ବିଧାନ ଦିବସ ପାଳନ ହୋଇଛି। କଲେଜର ଅଧ୍ୟକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମୁଖ୍ୟ ଅତିଥି ଭାବେ କଲେଜର ସଭାପତି କଲାକହ୍ନେଇ ପଧାନ ଓ ସଭ୍ୟ ସଦାନନ୍ଦ ଭୋଇ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା କୁମୁଦିନୀ ସାହୁ ସମ୍ବିଧାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଆଶିଷ ଭୋଇ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁରେଖା ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

**ଗାଇସିଲେଟ:** ଗାଇସିଲେଟ ବ୍ଲକ ଆମ୍ବେଦକର ଛକରେ ଆଜି ଲକ୍ଷେଘର ସମାଜ ବ୍ଲକ ସଭାପତି ଗୋଲାପ ପାଇକଙ୍କ ନେତୃତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ଯୋଗ ଦେଇଥିଲେ। ଆମ୍ବେଦକର ଛକ ଠାରେ ଥିବା ଭାରତରତ୍ନ ଡ.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଆଦିବାସୀ ସଂଘର ଶଶି ଭୂଷଣ ବରିହା, ସଞ୍ଜୟ ଜରଜରିଆ, ଲକ୍ଷେଘର ସମାଜ ବ୍ଲକ କାର୍ଯ୍ୟକାରିଣୀ ସଦସ୍ୟ ଆରୁଣି ମହାନନ୍ଦ, କଳ୍ପତରୁ କର୍ଣ୍ଣାଲ, ପ୍ରସନ୍ନ କୁମ୍ଭାର, ପୂର୍ବତନ ସଭାପତି ଛବିଲାଲ ଦୀପ, ସଞ୍ଜୟ ଦୀପ କାର୍ଯ୍ୟକାରୀ ସମ୍ପାଦକ, ପ୍ରଶାନ୍ତ ଦୀପ କୋଷାଧ୍ୟକ୍ଷ ଏବଂ ସମସ୍ତ ପଞ୍ଚାୟତ ସଭାପତି, ମହିଳା ସଦସ୍ୟା ସାବିତ୍ରୀ ନାଗ, ମିନତି ରାଜହଂସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ କଳ୍ପତରୁ କର୍ଣ୍ଣାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବରପାଲି:** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ପୁନମ୍ ସାହୁଙ୍କ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଆ ବିଭାଗ ଅଧ୍ୟାପିକା ପିଙ୍କି ବାରିକ ଶପଥ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ସସ୍ମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

**ସୋହେଲା:** ସୋହେଲା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଓ ଜାତୀୟ ସେବା ଯୋଜନା ତରଫରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡରବୀନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ମୁଖ୍ୟ ପ୍ରେମଚାନ୍ଦ ଦୁଆନ ସମ୍ବିଧାନ ପ୍ରଣୟନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଇତିହାସ ବିଭାଗର ଅଧ୍ୟାପକ ଡ.ଭରତ ଚନ୍ଦ୍ର ସାହୁ ବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପକ ସୁରେନ୍ଦ୍ର ସାହୁ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ମିଶ୍ର ଓ ସୁଦାମ ସାହୁ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

**ପାଇକମାଳ:** ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋମନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶେଷଦେବ ନାୟକ, ବିଭାଗୀୟ ମୁଖ୍ୟ କୃଷ୍ଣଚନ୍ଦ୍ର ଦେବତା ସମ୍ବିଧାନର ମହତ୍ତ୍ୱ ଉପରେ ଦିଗଦର୍ଶନ ଦେଇଥିଲେ। ଡ.ଦେବକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ। ସେହିପରି ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ ବାରିକଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ୟୁଥ୍ ପାର୍ଲିଆମେଣ୍ଟ ମାଧ୍ୟମର ଛାୟା ପାର୍ଲିଆମେଣ୍ଟ ଗଠନ କରି ଅଭିନୟ ମାଧ୍ୟମରେ ଗଣତନ୍ତ୍ରର ଶକ୍ତି ତଥା ତାର ପ୍ରଭାବ ସମ୍ପର୍କରେ ଅବଗତ କରିଥିଲେ। ଅଧ୍ୟାପକ ପ୍ରଭାତ ବିଶ୍ୱାଳ, ପ୍ରଦୀପ୍ତ ସାହୁ, ପ୍ରଦୀପ ଦେୱାନ, ମୀନା ସାହୁ, ଦେବରାଜ ସାହୁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ପୁଷ୍ପମଞ୍ଜରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

**ଅତାବିରା:** ପାହାଡଶ୍ରୀଗିଡା ଡିଗ୍ରୀ କଲେଜରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଜଗନ୍ନାଥ ପ୍ରଧାନ ଭାରତୀୟ ସମ୍ବିଧାନର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ଦେଇଥିଲେ। ଛାତ୍ର କ୍ଷୀରସାଗର, ଅଂଶୁମାନ, ସଚିନ, ଗଣନାଥ, ମହେଶ, ଅଙ୍କିତ, ରୁଦ୍ରପ୍ରତାପ, ତପୁନ୍, ନିର୍ମଳ, ଶଙ୍କର୍, ଛାତ୍ରୀ ସଙ୍ଗୀତା, ସସ୍ମିତା, ମଞ୍ଜୁ, କିରଣମୟୀ, ଲିପ୍ସା, ଡେଜି, ନନ୍ଦିନୀ, ସୋନାଲି ସମ୍ବିଧାନ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## ଅସୁସ୍ଥତା ଯୋଗୁଁ ପଲାସ-ସ୍ମୃତି ବିବାହ ଅଟକିନି !

# ସନ୍ଦେହରେ ରହସ୍ୟମୟୀ ଯୁବତୀ

ବ୍ରାସିଲିଆ,୨୬ ।୧୧(ଏଜେନ୍ସି):ଇନ୍ଦୋର, ୨୬।୧୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଟିମ୍‌ର ସଦସ୍ୟ ସ୍ମୃତି ମାନ୍ଧାନା ଏବଂ ସଙ୍ଗୀତ ନିର୍ଦ୍ଦେଶକ ପଲାସ ମୁଛଲଙ୍କ ବିବାହ ହଠାତ ବନ୍ଦ ହେବାକୁ ନେଇ ସମସ୍ତେ ତାଜୁବ ହୋଇ ଯାଇଥିଲେ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସ୍ମୃତିଙ୍କ ପରିବାର ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିଲା। ଏହାର କିଛି ସମୟରେ ପଲାସଙ୍କ ଦେହ ମଧ ଖରାପ ହୋଇଥିଲା। ତାଙ୍କୁ ବି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିଛି ଘଣ୍ଟାର ବ୍ୟବଧାନ ମଧ୍ୟରେ ଏଭଳି ଘଟଣା ଘଟିବାକୁ କେହି ସହଜରେ ବିଶ୍ୱାସ କରିପାରୁନାହାନ୍ତି। ଏପରି ସମୟରେ ଚାଞ୍ଚଲ୍ୟକର ସୂଚନା ସାମ୍ନାକୁ ଆସିଛି। ଜଣେ ରହସ୍ୟମୟୀ ଯୁବତୀଙ୍କ ପାଇଁ ଉଭୟ ସେଲିବ୍ରିଟିଙ୍କ ବିବାହ ସ୍ଥଗିତ ହୋଇଥିଲା ବୋଲି କୁହାଯାଉଛି। ଏହି ଯୁବତୀଙ୍କ ପାଇଁ ସ୍ମୃତିଙ୍କୁ ପଲାସ ଧୋକା ଦେଇଥିବା କୁହାଯାଉଛି। ଏହି ରହସ୍ୟମୟୀ ଯୁବତୀଙ୍କ ନା ମୈରି ଡି'କୋଷ୍ଟା। ତାଙ୍କ ସହ ପଲାସଙ୍କ ଏକ ଚାଟ୍ ସାମ୍ନାକୁ ଆସିଥିଲା। ମାତ୍ର ପରେ ସେ ଏହାକୁ ହଟାଇ ଦେଇଥିଲେ। ଏ ବିଷୟରେ ବିବାହ ପୂର୍ବରୁ ସ୍ମୃତିଙ୍କୁ ସୂଚନା ମିଳିଥିଲା। ତେଣୁ ବାପାଙ୍କ ଦେହ ଖରାପ ହୋଇଥିବା ଦର୍ଶାଇ ସେ ବିବାହକୁ ଅଟକାଇ ଦେଇଥିଲେ।



## ବଡ଼ ଝଟ୍‌କା ଦେଲା ଏୟାର ଶୋ'ରେ ତେଜସ୍ ଦୁର୍ଘଟଣା

# ୧୦ ହଜାର କୋଟିର ଡିଲ୍ ଅଟକାଇଲା ଆର୍ମେନିଆ

ନୂଆଦିଲ୍ଲୀ,୨୬ ।୧୧(ଏଜେନ୍ସି): ଦୁବାଇ ଏୟାର ଶୋରେ ତେଜସ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଭାରତକୁ ଜବରଦସ୍ତ ଝଟ୍‌କା ଲାଗିଛି। ଭାରତଠାରୁ ତେଜସ ଜେଟ୍ କ୍ରୟ କରିବା ନେଇ ହେବାକୁ ଥିବା ଆଲୋଚନାକୁ ଆର୍ମେନିଆ ରୋକି ଦେଇଛି। ଇସ୍ରାଏଲ ଗଣମାଧ୍ୟମ ଜେରୁଜେଲମ ପୋଷ୍ଟ ଦେଇଥିବା ସୂଚନା ଅନୁସାରେ ନଭେମ୍ବର ୨୧ରେ ଦୁବାଇ ଏୟାର ଶୋ'ରେ ତେଜସ ଦୁର୍ଘଟଣାଗ୍ରସ୍ତ ହେବାରୁ ଆର୍ମେନିଆ ଏହି ନିଷ୍ପତ୍ତି ନେଇଛି। ଏଥିରେ ଭାରତୀୟ ପାଇଲଟ୍ ୱିଙ୍ଗ କମାଣ୍ଡର ନମାଂଶ ସିୟାଲ ମୃତ୍ୟୁବରଣ କରିଥିଲେ। ଆର୍ମେନିଆ ଭାରତଠାରୁ ପାଖାପାଖି ୧୦ ହଜାର କୋଟି ଟଙ୍କା ବିନିମୟରେ ୧୨ଟି ତେଜସ ଜେଟ୍ କ୍ରୟ କରିବାକୁ ପ୍ରସ୍ତୁତି କରୁଥିଲା। ଏହି ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲା। ପ୍ରଥମଥର ପାଇଁ ତେଜସ କ୍ରୟ ନେଇ ବିଦେଶୀ ରାଷ୍ଟ୍ର ସହ ଚୁକ୍ତି ହୋଇଥାନ୍ତା। ତେବେ ଏ ସଂକ୍ରାନ୍ତରେ ଆର୍ମେନିଆ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଭାରତ ସରକାରଙ୍କ ମଧ୍ୟ କୌଣସି ପ୍ରତିକ୍ରିୟା ଆସିନାହିଁ। ଉଲ୍ଲେଖଥାଉ କି, ଭାରତୀୟ ବାୟୁସେନାର ଶ୍ରେଷ୍ଠ-୫ ଫାଇଟର ଜେଟ୍‌ଗୁଡିକ ମଧ୍ୟରେ ତେଜସ ସାମିଲ ରହିଛି। ଏହି ଫାଇଟର ଜେଟ୍‌ଗୁଡିକ ହେଲା ସୁଖୋଇ ଏସ୍‌ୟୁ-୩୦ଏମ୍‌କେଆଇ, ରାଫେଲ, ମିରାଜ, ମିଗ୍-୨୯ ଓ ତେଜସ। ଅନ୍ୟ ୪ଟି ଫାଇଟର ଜେଟ୍‌ଠାରୁ ତେଜସ କେତେକାଂଶ ଭିନ୍ନ ଓ ସ୍ୱତନ୍ତ୍ର। ଭାରତୀୟ ବାୟୁସେନାରେ ମିଗ- ୨୧କୁ ହଟାଇ ତେଜସ୍ କ୍ରାୟ କରାଯିବାର ଯୋଜନା ରହିଛି।



ଭାରତଠୁ ୧୨ ଯୁଦ୍ଧ ବିମାନ କିଣିଥାନ୍ତା

## ହଂକଂର ୩୫ ମହଲା କୋଠାରେ ନିଆଁ

# ୧୩ ଜଣଙ୍କ ମୃତ୍ୟୁ, ୯ ଆହତ

ହଂକଂ,୨୬ ।୧୧(ଏଜେନ୍ସି): ହଂକଂର ଉତ୍ତର ତାଇ-ପୋ ଜିଲ୍ଲାରେ ଥିବା ୱାଙ୍ଗ ଫୁକ କୋର୍ଟ ନାମକ ହାଉସିଂ କମ୍ପ୍ଲେକ୍ସରେ ଏକ ୩୫ ମହଲା କୋଠାରେ ବୁଧବାର ନିଆଁ ଲାଗିଯାଇଛି। ଏହି ଘଟଣାରେ ୧୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଲୋକ ଆହତ ହୋଇଛନ୍ତି ଓ ବହୁ ଲୋକ ଫସି ରହିଥିବା ସୂଚନା ମିଳିଛି। କିନ୍ତୁ ଏମାନଙ୍କର ପ୍ରକୃତ ସଂଖ୍ୟା ନେଇ କୌଣସି ସୂଚନା ମିଳିନାହିଁ। ମୃତ୍ୟୁ ସଂଖ୍ୟା ମଧ ବୃଦ୍ଧି ହେବାର ଆଶଙ୍କା କରାଯାଉଛି। ଏଠାରେ ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ଚାଲୁଥିଲା। ଏହି ଇଷ୍ଟେଟ୍‌ରେ ୧,୯୮୪୫ ଫ୍ଲାଟ ରହିଛି ଓ ଏଥିରେ ୪,୦୦୦ ଲୋକ ରହୁଥିଲେ। ନିଆଁ ଲାଗିବା ପରେ ଅସ୍ଥାୟୀ ଶିବିର ଖୋଲା ଯିବାକୁ ନିଷ୍ପତ୍ତି ନିଆଯାଇଛି। ମରାମତି ତଥା ପୁନଃନିର୍ମାଣ କାର୍ଯ୍ୟରେ ଲଗା ଯାଇଥିବା ବାଉଁଶ କାରଣରୁ ନିଆଁ ବ୍ୟାପିଛି ବୋଲି କୁହାଯାଇଛି।



## ହସିନାଙ୍କ ଲକରରୁ ମିଳିଲା ୯ କେଜି ସୁନା ଗହଣା

ଢାକା,୨୬ ।୧୧(ଏଜେନ୍ସି): ବାଂଲାଦେଶ ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଏଗ୍ରିନ ବ୍ୟାଙ୍କର ଦୁଇଟି ଲକରରୁ ୮୩୨ ଭରି ଅର୍ଥାତ ପାଖାପାଖି ୯ କେଜି ସୁନା ଗହଣା ଜବତ କରାଯାଇଛି। କୋର୍ଟଙ୍କ ଅନୁମତି ପରେ ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ଏହି ଦୁଇଟି ଲକରକୁ ଖୋଲାଯାଇଥିଲା। ଏବେ ବାଂଲାଦେଶ ଦୁର୍ନୀତି ନିବାରଣ କମିଶନ (ଏସିସି) ହସିନାଙ୍କ ବିରୋଧରେ ଦୁର୍ନୀତି ଓ ଆୟ ବର୍ହିଭୂତ ସମ୍ପତ୍ତି ନେଇ ନୂଆ ମାମଲା ରୁଜୁ କରିବାକୁ ପ୍ରସ୍ତୁତି କରୁଛି। ସେ ନିଜର ସମ୍ପତ୍ତି ଲୁଚାଇବାକୁ ପ୍ରୟାସ କରିବା ସହ ଟିକସ ଚୋରି ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ନ୍ୟାସନାଲ ବୋର୍ଡ ଅଫ ରେଭିନ୍ୟୁ ଏହାର ଯାଞ୍ଚ କରୁଛି। ହସିନା ଓ ତାଙ୍କ ପରିବାର ବେଆଇନ୍ ଭାବେ ସମ୍ପତ୍ତି ଏକଠି କରିବାକୁ ଚେଷ୍ଟା କରିଛନ୍ତ କି ନା ତାହା ଜାଣିବାକୁ ପ୍ରୟାସ କରାଯାଉଛି। ଏସିସିର ଆବେଦନ ପରେ କୋର୍ଟ ହାସିନା, ତାଙ୍କ ପୁଅ, ଝିଅ, ଭଉଣୀ ଓ ଅନ୍ୟ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ ଅଚଳ କରିଛନ୍ତି।

## ୨ କୋଟି ମୃତକଙ୍କ ଆଧାର ହଟାଇଲା ୟୁଆଇଡିଏଆଇ

ନୂଆଦିଲ୍ଲୀ,୨୬ ।୧୧(ଏଜେନ୍ସି): ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ସାରା ଦେଶରେ ୨ କୋଟିରୁ ଅଧିକ ମୃତ୍ୟୁବରଣ କରିଥିବା ଲୋକଙ୍କ ଆଧାର ହଟାଇଛି। ଏହି ମୃତ ଲୋକଙ୍କ ଆଧର ନମ୍ବରର ଦୁରୁପଯୋଗକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ମୃତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ୟୁଆଇଡିଏଆଇ ରାଜ୍ୟ ସରକାର, ଆରଜିଆଇ, ପିଡିଏସ୍ ଓ ଅନ୍ୟ ବିଭାଗଠାରୁ ସୂଚନା ଓ ତଥ୍ୟ ନେଇଥିଲା। ଆଧାର ନମ୍ବର ଦ୍ୱିତୀୟଥର ପାଇଁ କାହାକୁ ଦିଆଯାଇ ନଥାଏ। ତେଣୁ ପରିବାରରେ ମୃତ୍ୟୁ ସୂଚନା ଦେବାକୁ ଆଧାର ପୋର୍ଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପରିବାରର କୌଣସି ସଦସ୍ୟ ଆଧାର ନମ୍ବର ଓ ମୃତ୍ୟୁ ପ୍ରମାଣପତ୍ରର ସୂଚନା ଦେଇ ମୃତ ବ୍ୟକ୍ତିଙ୍କ ନମ୍ବର ବନ୍ଦ କରିପାରନ୍ତି।

## ଅମୃତସରରୁ ୨ ଆତଙ୍କବାଦୀ ଗିରଫ

ଅମୃତସର,୨୬ ।୧୧(ଏଜେନ୍ସି): ପଞ୍ଜାବର ଅମୃତସରରେ ଗ୍ରାମାଞ୍ଚଳ ପୁଲିସ ଭାରତ- ପାକିସ୍ତାନ ସୀମାରେ ଦୁଇଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏମାନଙ୍କ ପାଖରୁ ଅଢ଼େଇ କେଜିର ବିସ୍ଫୋରକ ଆଇଇଡି ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗୁଇନ୍ଦା ବିଭାଗ ସୂଚନା ଦେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନିକଟରେ ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ପରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ପୁଣିଥରେ ଭାରତରେ ବିସ୍ଫୋରକ ପଠାଇବାକୁ ପ୍ରୟାସ କରୁଥିବାର ସୂଚନା ମିଳିବା ପରେ ସତର୍କତା ଅବଲମ୍ବନ କରାଯାଇଥିଲା। ଦୁଇ ଭାଇ ଯୁବରାଜ ଓ ଆକାଶଦୀପଙ୍କୁ ଗିରଫ କରାଯାଇଥିଲା।

## ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ବୋଲସୋନାରୋଙ୍କୁ ୨୭ ବର୍ଷ ଜେଲ୍ ଦଣ୍ଡ

ବ୍ରାସିଲିଆ,୨୬ ।୧୧(ଏଜେନ୍ସି): ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାର ବୋଲସୋନାରୋଙ୍କୁ ସୁପ୍ରିମକୋର୍ଟ ୨୭ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ନିର୍ବାଚନରେ ପରାଜୟ ପରେ ସେ ଶାସନ ପରିବର୍ତ୍ତନ କରିବାକୁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ମଙ୍ଗଳବାର ସୁପ୍ରିମକୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ୨୦୨୨ରେ ସେ ରାଷ୍ଟ୍ରପତି ନିର୍ବାଚନରେ ପରାସ୍ତ ହୋଇଥିଲେ ମଧ ରାଷ୍ଟ୍ରପତି ଲୁଲା ଡି ସିଲଭା ସରକାରଙ୍କୁ ହଟାଇବା ପାଇଁ ପ୍ରୟାସ ଓ ଷଡଯନ୍ତ୍ର କରିଥିଲେ। ଶୁଣାଣି ବେଳେ ବୋଲସୋନାରୋଙ୍କ ଆଇନ୍‌ଗତ ଟିମ୍ କୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଅପିଲ କରି ନଥିଲେ। ଫଳରେ ଜଷ୍ଟସ୍ ଆଲେଜାଣ୍ଡୋ ମୋରାଏସ୍ ତାଙ୍କୁ ୨୭ ବର୍ଷର ଜେଲ ଦଣ୍ଡାଦେଶ ଦେଇଥିଲେ।

## ବିଶ୍ୱର ଶକ୍ତିଶାଳୀ ମହିଳା ଜଣେ ପୁରୁଷ

ୱାଶିଂଟନ, ୨୬।୧୧ (ଏଜେନ୍ସି): ଆମେରିକା କ୍ରୀଡ଼ାବିତ୍ ଜୈମି ବୁକରଙ୍କ ଗୁମର ଖୋଲି ଯାଇଛି। ସେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମହିଳା ଥିଲେ। କିନ୍ତୁ ଏବେ ସେ ପୁରୁଷ ବୋଲି ଜଣାପଡ଼ିଛି। ଏହି ଗୁମର ଖୋଲିଯିବା ପରେ ତାଙ୍କଠାରୁ ଟାଇଟଲ୍ ଛଡ଼ାଇ ନିଆଯାଇଛି। 'ବିଶ୍ୱ ଶକ୍ତିଶାଳୀ ମହିଳା ପ୍ରତିଯୋଗିତା'ର ଆୟୋଜକମାନେ ଦାବି କରିଥିଲେ ଯେ ବୁକ୍ ଜୈବିକ ଭାବେ ଜଣେ ପୁରୁଷ। ପରୀକ୍ଷା ପରେ ଏହା ସତ ସାବ୍ୟସ୍ତ ହୋଇଥିଲା। ଗତ ୨୩ ତାରିଖରେ ସେ ଏହି ଟାଇଟଲ ଜିତିଥିଲେ। ମାତ୍ର ଦୁଇ ଦିନ ପରେ ସେ ଏହାକୁ ହରାଇ ଦେଇଛନ୍ତି। ବ୍ରିଟେନର ଆଣ୍ଡ୍ରିଆ ଥମ୍ପସନ୍‌ଙ୍କୁ ବିଶ୍ୱର ଶକ୍ତିଶାଳୀ ମହିଳା ଘୋଷଣା କରାଯାଇଛି।

## ନାକେଦମ୍ କଲାଣି ଦିଲ୍ଲୀ ପ୍ରଦୂଷଣ; ସୁପ୍ରିମକୋର୍ଟ ଚିନ୍ତିତ

# ସଙ୍କଟରେ ସ୍ୱାସ୍ଥ୍ୟ ; ଘରୁ ବାହାରିଲେ ଅସୁସ୍ଥ

ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି):

ଦିଲ୍ଲୀ-ଏନ୍‌ସିଆରରେ ବାୟୁ ପ୍ରଦୂଷଣ ନାକେଦମ କଲାଣି। ପ୍ରଦୂଷଣ ସ୍ତର ହ୍ରାସ ପାଇବା ବଦଳରେ ଦୀର୍ଘ ଦିନ ହେଲା ବୃଦ୍ଧି ପାଇ ଚାଲିଛି। ଏହା ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ସରକାର ସ୍ଥିତିକୁ ଦେଖି ହାତ ଟେକି ଦେଇଛନ୍ତି। ଖାଲି ପ୍ରଦୂଷଣ କେନ୍ଦ୍ର ଆଖପାଖରେ ପାଣି ଟାଙ୍କି ବୁଲାଇ ଦିଲ୍ଲୀକୁ ଥଣ୍ଡା ରଖିବାକୁ ଦିଲ୍ଲୀ ସରକାର ପ୍ରୟାସ କରୁଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ପ୍ରଦୂଷଣରେ

### ପ୍ରାତଃ ଭ୍ରମଣ କରି ସିଜେଆଇଙ୍କ ସ୍ୱାସ୍ଥ୍ୟ ଖରାପ

### ପ୍ରଦୂଷଣର ଶୀଘ୍ର ସମାଧାନ ଜରୁରୀ

ଲୋକେ ତ୍ରାହି ତ୍ରାହି ଡାକୁଥିବାବେଳେ ସରକାର ନିଦାବିଷ୍ଟ ସାଜିଛନ୍ତି। କୃତ୍ରିମ ବର୍ଷା ଯୋଜନା ବିଫଳ ହେବା ପରଠାରୁ ସରକାର ଆଉ କୌଣସି ଉତ୍ତମ ପଦକ୍ଷେପ ନେଇନାହାନ୍ତି। ଦିଲ୍ଲୀ-ଏନସିଆରରେ ଦ୍ୱିପହର ପର୍ଯ୍ୟନ୍ତ କୁହୁଡ଼ି ଛାଇ ରହୁଛି। ଲୋକେ ଏବେ ଘରୁ ବାହାରିବାକୁ ଡରୁଛନ୍ତି। ଗ୍ରାପ୍-୩ ନିୟମ ଲାଗୁ ହୋଇଥିବାବେଳେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ଅତ୍ୟନ୍ତ ଖରାପ ସ୍ତର ୩୩୫ରେ ରହିଛି। ବାଧ ହୋଇ ଲୋକେ ବିଷ ବାୟୁରେ ପ୍ରଶ୍ୱାସ ନେଉଛନ୍ତି। ଏଥିଯୋଗୁଁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି ଏବଂ ମେଡିକାଲରେ ଭର୍ତ୍ତି ହେବାକୁ ପଡୁଛି। ନବଜାତକଙ୍କଠାରୁ ନେଇ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବିଷାକ୍ତ ବାୟୁ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ମଧ ଏଥିରୁ ବାହାରି ପାରି ନାହାନ୍ତି। ସୁପ୍ରିମକୋର୍ଟରେ ବୁଧବାର ଏସ୍‌ଆଇଆର ମାମଲାର ଶୁଣାଣି ଚାଲିଥିବାବେଳେ ସିଜେଆଇ ଦିଲ୍ଲୀ ବାୟୁ ପ୍ରଦୂଷଣ ପ୍ରସଙ୍ଗ ଉଲ୍ଲେଖ କରି ଚିନ୍ତା ପ୍ରକଟ କରିଥିଲେ। ସେ କହିଥିଲେ ଯେ ମଙ୍ଗଳବାର ସନ୍ଧ୍ୟାରେ ଘଣ୍ଟାଏ (ପ୍ରାୟ ୫୫ ମିନିଟ) ବାହାରେ ଭ୍ରମଣ କରିବାରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଖୁବଶୀଘ୍ର ଏହାର ସମାଧାନ କରିବା ଜରୁରୀ।

ଆଜି ଏସଆଇଆର ଶୁଣାଣି ସମୟରେ ନିର୍ବାଚନ କମିଶନ (ଇସି)ଙ୍କ ଓକିଲ ରାକେଶ ଦ୍ୱିବେଦୀ ଖରାପ ସ୍ୱାସ୍ଥ୍ୟାବସ୍ଥା କାରଣରୁ ସିଜେଆଇଙ୍କୁ ଶୁଣାଣିରୁ ଛୁଟି ମାଗିଥିଲେ। ଉତ୍ତରରେ ସିଜେଆଇ କହିଥିଲେ ଯେ ଦିଲ୍ଲୀର ପାଣିପାଗ ଯୋଗୁଁ ଏପରି ହେଉଛି। ମୁଁ କେବଳ ଚଲାବୁଲା କରେ। ଏବେ ଏହା ବି କଠିନ ହୋଇଗଲାଣି। ସ୍ଥିତିକୁ ଦେଖି ସିଜେଆଇ ବରିଷ୍ଠ ଓକିଲଙ୍କ କୋର୍ଟ ଆଗମନ ଉପରେ ଚିନ୍ତା ପ୍ରକଟ କରିଥିଲେ। ୬୦ ବର୍ଷ ଏବଂ ଏହାଠାରୁ ଊର୍ଦ୍ଧ୍ୱ ବୟସର ଓକିଲଙ୍କୁ ସାମ୍ନାସାମ୍ନି ଶୁଣାଣିରୁ ବିରାମ ଦେବା ପାଇଁ ବିଚାର କରାଯାଉଛି ବୋଲି ଉଲ୍ଲେଖ କରିଥିଲେ। ଖୁବଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯିବ। ତେବେ ବର୍ତ୍ତମାନ ପ୍ରତ୍ୟକ୍ଷ ଏବଂ ଭର୍ଚୁଆଲରେ ଶୁଣାଣି ଚାଲିଛି।




## କିଏ ଶୁଣିବ ମା'ର ଦୁଃଖ

# ପ୍ରଦୂଷଣ ପାଇଁ ଶିଶୁର ଅସ୍ତ୍ରୋପଚାର

ପ୍ରଦୂଷଣକୁ ନେଇ ଦିଲ୍ଲୀରେ ରହୁଥିବା ଜଣେ ମହିଳା ହୃଦୟ ବିଦାରକ ଭିଡିଓ ସେୟାର କରିଛନ୍ତି। ଏହା ଦିଲ୍ଲୀରେ ବାୟୁ ପ୍ରଦୂଷଣର ଭୟାବହତାକୁ ଦେଖାଉଛି। ପ୍ରଦୂଷଣ ପାଇଁ ତାଙ୍କ ଦୁଇ ବର୍ଷର ପୁଅ ଜୀବନମରଣ ସହ ସଂଘର୍ଷ କରୁଛି। ଶ୍ୱାସକ୍ରିୟା ସମ୍ବନ୍ଧିତ ସମସ୍ୟା ଯୋଗୁଁ ବାଧ ହୋଇ ଶିଶୁର ନାକ ଏବଂ ଗଳା ଅସ୍ତ୍ରୋପଚାର କରିବାକୁ ପଡୁଛି। ଦିଲ୍ଲୀକୁ ଆସିବାର ଫଳ ଏବେ ତାଙ୍କ ଶିଶୁ ଭୋଗ କରୁଛି ବୋଲି ମାଆ କୋହଭରା କଣ୍ଠରେ କହିଛନ୍ତି। ଏହି ମହିଳାଙ୍କ ନାମ ସାକ୍ଷୀ ପାହ୍ୱା। ତାଙ୍କ ପରିବାର ୨ ବର୍ଷ ଦିଲ୍ଲୀକୁ ଆସିଥିଲେ। ଏଠାକୁ ଆସିବାର କିଛି ମାସ ପରେ ପୁଅର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରେ ଲାଗିଥିଲା। କାଶ, କଫ ସହିତ ଆଲର୍ଜି ହେବାରୁ ଶ୍ୱାସକ୍ରିୟା ସମ୍ବନ୍ଧିତ ସମସ୍ୟା ସୃଷ୍ଟି ହୋଇଥିଲା। କୌଣସି ଔଷଧ କାମ ଦେଇ ନ ଥିଲା। ପ୍ରଦୂଷଣ ପାଇଁ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରେ ଲାଗିଥିଲା। ଡାକ୍ତରଙ୍କୁ ଦେଖାଇବାରୁ ଆଡେନୋଇଡ୍‌ସ ଏବଂ ଚତୁର୍ଥ ପର୍ଯ୍ୟାୟ ଟନ୍‌ସିଲରେ ପୀଡ଼ିତ ଥିବା କହିଥିଲେ। ଅସ୍ତ୍ରୋପଚାର ଏହାର ଉତ୍ତମ ଚିକିତ୍ସା ବୋଲି ବର୍ଣ୍ଣନା କରିଥିଲେ। ପୁଅର ଏହି ସ୍ଥିତି ପାଇଁ ସାକ୍ଷା ପ୍ରଦୂଷଣ ଏବଂ ସରକାରଙ୍କ କାର୍ଯ୍ୟହୀନତାକୁ ଦୋଷ ଦେଇଛନ୍ତି। ତାଙ୍କ ପୁଅ ହସ୍ପିଟାଲ ବେଡ୍‌ରେ ପଡ଼ିଥିବା ଦେଖିବାକୁ ମିଳୁଛି। ମହିଳା କହୁଛନ୍ତି ଯେ ଦିଲ୍ଲୀ ପ୍ରଦୂଷଣ ପାଇଁ ନିଷ୍ପାପ ଶିଶୁର ଅସ୍ତ୍ରୋପଚାର ହୋଇଛି। ଆମେ ଟିକସ ଦେଉଛୁ ଏବଂ ଏହାର ପ୍ରତିବଦଳରେ ଶିଶୁକୁ ମେଡିକାଲରେ ଭର୍ତ୍ତି ହେବାକୁ ପଡୁଛି। ଏହି ଭିଡିଓକୁ ନେଇ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏକ ବଡ଼ ବିକ୍ଷୋଭ ପ୍ରଦର୍ଶନ ହେଲେ ଦେଶର ସ୍ଥିତି ବଦଳିବ ବୋଲି ଲୋକେ କହୁଛନ୍ତି।

'ଟିକସ ଦେଇ ଶିଶୁ ପାଇଁ ରୋଗ କିଣୁଛୁ'



## ୩୦ ଫୁଟ୍ ତଳ ନଦୀକୁ ଖସିଲା କାର୍

# ୫ ମୃତ, ସିପିଆର୍ ଦେଇ ଡ୍ରାଇଭରଙ୍କୁ ବଞ୍ଚାଗଲା


ଲକ୍ଷ୍ମୀପୁର-ଖିରି,୨୬ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ଲକ୍ଷ୍ମୀପୁର- ଖିରିରେ ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିବା ବେଳେ ଏକ ଅଲ୍ଟୋ କାର୍ ୩୦ ଫୁଟ ତଳକୁ ଖସି ନଦୀରେ ପଡିଛି। ଏହି ଦୁର୍ଘଟଣାରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। କାର୍ ଡ୍ରାଇଭରଙ୍କୁ କାର୍ଡିଓପଲ୍ମୋନାରୀ ରେସୁସାଇଟେସନ (ସିପିଆର) ଦେଇ ବଞ୍ଚାଯାଇଛି। କାର୍‌ର ଗେଟ୍ ଲକ୍ ହୋଇଯାଇଥିଲା ବୋଲି କୁହାଯାଉଛି। କାର୍ ପଡିବାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡି ଘଟଣାସ୍ଥଳକୁ ଆସିଥିଲେ। ନଦୀର ପ୍ରଖର ଶ୍ରୋତରେ କାର ୩-୪୦ ଫୁଟ ବହିଯାଇଥିଲା। ଶେଷରେ କାର୍ ନଦୀରେ ବୁଡିଯାଇଥିଲା। ସ୍ଥାନୀୟ ଲୋକେ ପୁଲିସ୍‌କୁ ସୂଚନା ଦେଇଥିଲେ। ଟର୍ଚ୍ଚର ଲାଇଟ୍ ଜଳାଇ ନିକଟସ୍ଥ ଗାଁ ଲୋକେ ଡଙ୍ଗା ମାଧ୍ୟମରେ ନଦୀରେ ପସିଥିଲେ। କାର୍‌କୁ ଦଉଡ଼ି ବାନ୍ଧି ବାହରକୁ ବାହାର କରିଥିଲେ। ଏହାପରେ କାର୍‌ର ଝରକା କାଚ ଭାଙ୍ଗି ଭିତରେ ଥିବା ଯାତ୍ରୀଙ୍କୁ ବାହରକୁ ବାହାର କରିଥିଲେ। ସମସ୍ତଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା ଓ ଡାକ୍ତର ସମସ୍ତଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଜିଲ୍ଲା ମୁଖ୍ୟାଳୟଠାରୁ ୫୫ କିମି ଦୂରରେ ପଢୁଆ ଥାନା ଅଞ୍ଚଳରେ ଡକେରେବା- ଗିରାଜାପୁରୀ ହାଇୱେରେ ପାରସ ପୁରବା ଗାଁ ନିକଟରେ ମଙ୍ଗଳବାର ରାତି ୧୧.୪୦ରେ ଏହି ଦୁର୍ଘଟଣା ଘଟିଥିଲା। କାର୍ ଦ୍ରୁତଗତିରେ ଯାଉଥିଲା। କିନ୍ତୁ ପୋଲ ଉପରେ ଅନ୍ଧାର ଥିବାରୁ ମୋଡଣି ଆସିବାରୁ ଅଚାନକ ଷ୍ଟିଅରିଂ ବୁଲାଇଥିଲି। କିନ୍ତୁ କାର ନିୟନ୍ତ୍ରଣ ବାହରକୁ ଚାଲିଯାଇଥିଲା ବୋଲି ଡ୍ରାଇଭର କହିଛନ୍ତି।

## ପାକ୍ ସରକାର ନୀରବ

# ଇମ୍ରାନଙ୍କ ମୃତ୍ୟୁକୁ ନେଇ ସଂଶୟ

ଇସଲାମାବାଦ୍,୨୬ ।୧୧(ଏଜେନ୍ସି):

ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ପାକିସ୍ତାନର ଆଡିଆଲା ଜେଲ୍‌ରେ ଅଛନ୍ତି। ତାଙ୍କୁ ନିଜର ଭଉଣୀଙ୍କ ସହିତ ସାକ୍ଷାତ କରିବାକୁ ଦିଆଯାଉନାହିଁ। ଗତ ଏକ ବର୍ଷ ହେବ ସୁରକ୍ଷା ଓ ଅନ୍ୟ କାରଣର ବାହାନା ଦେଇ ଇମ୍ରାନଙ୍କୁ ତାଙ୍କ ଭଉଣୀମାନଙ୍କ ସାକ୍ଷାତ କରିବାକୁ ଦିଆଯାଉନାହିଁ। ଇମ୍ରାନଙ୍କ ୩ ଭଉଣୀ ଆଲିମା, ନୋରିନ ଓ ଡ. ଉଜମା ଖାନ୍ ତାଙ୍କର ସମର୍ଥକଙ୍କ ସହ ଜେଲ୍ ଆଗରେ ଧାରଣାରେ ବସିଛନ୍ତି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ ମଧ ପୁଲିସ ଲାଇଟ୍ ବନ୍ଦ କରି ଲାଠିଚାର୍ଜ କରିଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୁଲିସ ଚୁଟି ଟାଣି ମୋତେ ଘୋଷାରି ନେଇଥିଲା ବୋଲି ୭୧ ବର୍ଷୀୟା ନୋରିନ କହିଛନ୍ତି। ଅନ୍ୟ ମହିଳାଙ୍କ ସହ ମଧ ପୁଲିସ ମାଡପିଟ୍ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଇମ୍ରାନଙ୍କ ମୃତ୍ୟୁ ନେଇ ସାମାଜିକ ଗଣମାଧ୍ୟମଗୁଡିକରେ ଗୁଜବ ପ୍ରସାରିତ ହୋଇଛି। ତାଙ୍କୁ କୌଣସି ଦ୍ୱିତୀୟ ସ୍ଥାନକୁ ନିଆଯାଇଛି ବୋଲି ବିଭିନ୍ନ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ତେବେ ସାମାଜିକ ଗଣମାଧ୍ୟମଗୁଡିକରେ ପ୍ରସାରିତ ଏହି ଖବର ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଉଲ୍ଲେଖଥାଉ କି, ୨୦୨୫ ମାର୍ଚ୍ଚରେ ଇସଲାମାବାଦ ହାଇକୋର୍ଟ ଇମ୍ରାନଙ୍କୁ ତାଙ୍କ ପରିବାର ଓ ଓକିଲଙ୍କ ସହ ନିୟମିତ ସାକ୍ଷାତ କରିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଜେଲ ବିଭିନ୍ନ ଆଳ ଦେଖାଇ ପ୍ରଶାସନ କୋର୍ଟଙ୍କ ଏହି ଆଦେଶ ପାଳନ କରୁନାହିଁ। ଗତ ସପ୍ତାହରେ ମଧ ଇମ୍ରାନଙ୍କ ଭଉଣୀମାନଙ୍କ ସହ ରାୱଲପିଣ୍ଡି ପୁଲିସ ଦୁର୍ବ୍ୟବହାର କରିଥିଲା ଓ ସେମାନଙ୍କୁ ସଡ଼କ ଉପରେ ଘୋଷାରି ଗିରଫ ମଧ କରିଥିଲା। ପୂର୍ବରୁ ମଧ ଇମ୍ରାନଙ୍କ ଭଉଣୀମାନଙ୍କ ସହ ଏପରି ଦୁର୍ବ୍ୟବହାର ହୋଇଥିଲା। ଇମ୍ରାନ ଗତ ୩ ବର୍ଷ ହେବ ଜେଲ୍‌ରେ ଅଛନ୍ତି। ତାଙ୍କ ବିରୋଧରେ ୧୦୦ରୁ ଊର୍ଦ୍ଧ୍ୱ ମାମଲା ଚାଲିଛି। ଦୁର୍ନୀତି ମାମଲାରେ ତାଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି।



### ଭାଇଙ୍କୁ ସାକ୍ଷାତ କରିବାକୁ ଦିଆଯାଉନାହିଁ: ଇମ୍ରାନଙ୍କ ଭଉଣୀ

## ସୁପ୍ରିମକୋର୍ଟରେ ଛାତ୍ରୀଙ୍କୁ ଉତ୍ପୀଡ଼ନ ମାମଲା

# ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ସମୀକ୍ଷା ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୬।୧୧ (ଏଜେନ୍ସି): ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଅନୈତିକ କାର୍ଯ୍ୟକଳାପକୁ ରୋକିବା ପାଇଁ ସୁପ୍ରିମକୋର୍ଟ ବଡ଼ ପଦକ୍ଷେପ ନେଇଛନ୍ତି। ଦେଶରେ ଥିବା ସବୁ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ସମୀକ୍ଷା କରିବାକୁ କେନ୍ଦ୍ର, ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ସହିତ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ କେମିତି ପ୍ରତିଷ୍ଠା ହେଲା, ପରିଚାଳନା ଏବଂ ପର୍ଯ୍ୟବେକ୍ଷଣ କେମିତି ହେଉଛି ତାହାର ଖୁଲାସା କରିବାକୁ ସୁପ୍ରିମକୋର୍ଟ କହିଛନ୍ତି। ଛାତ୍ରୀ ଆୟେଶା ଜେନ୍ ବନାମ ଆମିଟି ୟୁନିଭର୍ସିଟି ମାମଲାର ଶୁଣାଣି କରି ଜଷ୍ଟିସ ଅସଦୁଦ୍ଦିନ ଅମାନୁଲ୍ଲାହ ଏବଂ ଜଷ୍ଟିସ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା ସାମୂହିକ ସ୍ୱାର୍ଥ ପାଇଁ ଜରୁରୀ। ଘରୋଇ ବିଶ୍ୱବିଦ୍ୟାଳୟଗୁଡିକର ଗଠନ କେମିତି ହେଲା, ଏଗୁଡ଼ିକ କେଉଁ ନିୟମ ଅନୁସାରେ ପରିଚାଳିତ ହେଉଛନ୍ତି ଏବଂ ସରକାରଙ୍କ ପକ୍ଷରୁ କି ସୁବିଧାସୁଯୋଗ ପାଉଛନ୍ତି ତାହା ଜାଣିବା ଜରୁରୀ। ମାନ୍ୟତା ଦେବାର ଆଇନଗତ ଆଧାର, ଆର୍ଥିକ ଏବଂ ପ୍ରାଶାସନିକ ସହାୟତା, ଜମି ଆବଣ୍ଟନ ଏବଂ ଅଗ୍ରାଧିକାର ଭିତ୍ତିରେ ଦିଆଯାଇଥିବା ଅନ୍ୟାନ୍ୟ ସୁବିଧା ବିଷୟରେ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ସରକାରଗୁଡ଼ିକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରତିଷ୍ଠାନ ଗୁଡ଼ିକୁ ପ୍ରକୃତରେ କିଏ ନିୟନ୍ତ୍ରଣ ଓ ପରିଚାଳନା କରୁଛି ଏବଂ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ପରିଚାଳନା କମିଟି କେମିତି ଗଠନ କରାଯାଉଛି ତାହାର ମଧ ସୂଚନା ମଗାଯାଇଛି। ଆମିଟି ୟୁନିଭର୍ସିଟିର ୨୩ ବର୍ଷୀୟ ଛାତ୍ରୀ ଆୟେଶାଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସମସ୍ତ ବୈଧାନିକ ପ୍ରମାଣପତ୍ର ଥିବା ସତ୍ତ୍ୱେ ଏହି ୟୁନିଭର୍ସିଟି ଆୟେଶାଙ୍କ ନାମ ବଦଳାଇବାକୁ ମନା କରିଦେଇଥିଲା।

ଖାଲି ସେତିକି ନୁହେଁ, କର୍ତ୍ତୃପକ୍ଷ ତାଙ୍କୁ ଉତ୍ପୀଡ଼ନ ଦେଇଥିଲେ, କ୍ଲାସ କରିବା ଉପରେ କଟକଣା ଲଗାଇ ଦେଇଥିଲେ ଏବଂ ମୁସଲମାନ ନାମ ରଖିବାକୁ ନେଇ ପରିହାସ ମଧ କରିଥିଲେ। ୟୁଜିସି ଏବଂ ଶିକ୍ଷା ମନ୍ତ୍ରାଳୟର ହସ୍ତକ୍ଷେପ ସତ୍ତ୍ୱେ ଏହା ଉପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଆମିଟି ୟୁନିଭର୍ସିଟି ନିଜ କ୍ଷମତାର ଅପବ୍ୟବହାର କରୁଥିବା ଆବେଦନରେ ଦାବି କରାଯାଇଛି। ୟୁନିଭର୍ସିଟି ପକ୍ଷରୁ କୁହାଯାଇଥିଲା ଯେ ଛାତ୍ରୀ ନିଜ ବ୍ୟବହାର ପାଇଁ ଗୋଟିଏ ବର୍ଷ ପାଠପଢ଼ା ବରବାଦ ହୋଇଥିଲା। ଏହି ବିବାଦ ୨୦୨୧ରୁ ଆରମ୍ଭ ହୋଇଥିଲା। ସେ ନିଜ ନାମକୁ ଖୁସି ଜୈନରୁ ଆୟେଶା ଜେନ କରିବାକୁ ଚାହୁଁଥିଲେ। ଖୁସି ୨୦୨୩ରେ ଆମିଟି ଫିସିଂ ସ୍କୁଲରୁ ସାର୍ଟିଫିକେଟ କୋର୍ସ ଶେଷ କରି ୨୦୨୪ରେ ଏମବିଏ ପାଇଁ ଆମିଟି ବିଜ୍‌ନେସ ସ୍କୁଲରେ ସାମିଲ ହୋଇଥିଲେ। କିନ୍ତୁ ବିଶ୍ୱବିଦ୍ୟାଳୟ ତାଙ୍କ ତଥ୍ୟ ଅପଡେଟ କରିବାକୁ ମନା କରିଦେଇଥିଲା। କ୍ଲାସ ଏବଂ ପରୀକ୍ଷା ଦେବାକୁ ଦିଆଯାଇ ନ ଥିଲା। ଅନେକ ଅଭିଯୋଗର ଉତ୍ତର ନ ଦେବାର ଶେଷରେ ସେ ଚଳିତ ବର୍ଷ ମଧ ଭାଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଛୋଟ କେଶ ବି ଦିଶିବ ସୁନ୍ଦର

**ସାଧାରଣତଃ ଛୋଟ କେଶ ଖୁବ୍ ସୁନ୍ଦର ଦେଖାଯାଏ। ଏହାର ଯତ୍ନ ନେବା ମଧ୍ୟ ସୁବିଧାଜନକ ହୋଇଥାଏ। କିନ୍ତୁ ପାରମ୍ପରିକ ଲୁକ୍ ଚାହୁଁଥିଲେ କେଶକୁ ଷ୍ଟାଇଲ୍ କରିବା ସହଜ ହୋଇ ନ ଥାଏ। ତେଣୁ ଛୋଟ କେଶରେ କିଛି ଭିନ୍ନତା ଆଣିବାକୁ ଚାହୁଁଥିଲେ ନିମ୍ନ ପ୍ରଦତ୍ତ ଟିପ୍ସ ଆପଣାଇପାରିବେ।**



### ହାଫ୍ ଅପ୍ ହାଫ୍ ଡାଉନ୍

ଏହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଏହା ସବୁ ପର୍ବପର୍ବାଣୀ ତଥା ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ବିବାହ ଉତ୍ସବରେ ଗାଉନ୍ ପିନ୍ଧିଥିଲେ ହାଫ୍ ବନ କରିପାରିବେ। ଏହି ଡିଜାଇନ କରିବା ମଧ୍ୟ ଖୁବ୍ ସହଜ। ଏଥିରୁ ଏକ ଆକର୍ଷଣୀୟ ଲୁକ୍ ଚାହୁଁଥିଲେ କେଶକୁ ଷ୍ଟ୍ରେଟ୍‌ନର ସାହାଯ୍ୟରେ ପ୍ରଥମେ ଷ୍ଟ୍ରେଟ୍ କରନ୍ତୁ। ଏହାପରେ ବନ କରନ୍ତୁ।

### ବେବି ଓପନ୍ ହେୟାର୍ ଷ୍ଟାଇଲ୍



ଏ ପ୍ରକାର ଷ୍ଟାଇଲ ସବୁବେଳେ ରହିଥାଏ। ଛୋଟ ହେଉ ଅବା ଲମ୍ବା ଏହି ହେୟାର୍‌ଷ୍ଟାଇଲ୍ ସବୁ କେଶକୁ ମାନିଥାଏ। ସିମ୍ପଲ୍ ଲୁକ୍‌କୁ ଷ୍ଟାଇଲ କରିବାକୁ ଚାହୁଁଥିଲେ ଏହି ଡିଜାଇନ୍ କରିପାରିବେ। ଏ ପ୍ରକାର ହେୟାର୍ ଷ୍ଟାଇଲ୍ ପ୍ରି ୱେଡିଙ୍ଗରେ ଖୁବ୍ ସୁନ୍ଦର ଲାଗିବ। ବିଶେଷ କଥା ହେଉଛି ଏହା ନୋ ମେକ୍‌ଅପ୍ ଲୁକରେ ମଧ୍ୟ ସୁନ୍ଦର ଦିଶିଥାଏ।

### ପନିଟେଲ୍

ଓପନ ହେୟାର୍ ଛୋଟ ଚୁଟିକୁ ବେଶ୍ ସୁନ୍ଦର ଦେଖାଯାଏ। କିନ୍ତୁ ଟିକେ ଭିନ୍ନ ଲୁକ୍ ଚାହୁଁଥିଲେ ସ୍ଲିକ୍ ଲୋ ପନିଟେଲ କରିପାରିବେ। ଏଥିରେ କେଶକୁ ହାଲୁକା କରି ଏକ ସାଇଟ୍ କରନ୍ତୁ। ଏହାକୁ ଲୋ ଷ୍ଟାଇଲ୍ ଟାଇରେ ବାନ୍ଧିବାକୁ ପଡ଼ିଥାଏ। ଏହାଦ୍ୱାରା ମେକ୍‌ଅପ୍ ହାଇ୍‌ଲାଇଟ୍ ହୋଇଥାଏ।

# ମହିଳା ର‌୍ୟାପର୍

**ସାଧାରଣତଃ ର‌୍ୟାପ୍ କହିଲେ ପ୍ରଥମେ ପୁରୁଷଙ୍କ ଛବି ସାମ୍ନାକୁ ଆସିଥାଏ। କିନ୍ତୁ ଏବେ ଏ କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ଦେଖିବାକୁ ମିଳିଛି। ବଦଳୁଥିବା ସମୟାନୁସାରେ ପୁରୁଷଙ୍କ ସହ ତାଳ ଦେଇ ମହିଳାମାନେ ହିପ୍ ହାପ୍ ର‌୍ୟାପ୍ କରୁଛନ୍ତି। ସାମାଜିକ ଏବଂ ବ୍ୟକ୍ତିଗତ ବିଚାର, ସାମାଜିକ ସମସ୍ୟା ଆଦି ବିଷୟବସ୍ତୁକୁ ର‌୍ୟାପ୍ ମାଧ୍ୟମରେ ଲୋକଲୋଚନକୁ ଆଣୁଛନ୍ତି। ଏହାଦ୍ୱାରା ସେମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ର‌୍ୟାପ୍ କେବଳ ପୁରୁଷଙ୍କ କାର୍ଯ୍ୟ ନୁହେଁ, ତାହା ପ୍ରମାଣ କରିଛନ୍ତି। ତେବେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତୋଟି ମହିଳା ର‌୍ୟାପର୍‌ଙ୍କୁ ନେଇ ଏହି ଉପସ୍ଥାପନା।**

### ଡି ଏମ୍‌ସି

୨୫ ବର୍ଷିୟା ଡି ଏମ୍‌ସି ଭାରତ ହିପ୍ ହପ୍ ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ପୁରା ନାମ ଦୀପା ଉନିକ୍ରିଷ୍ଣନ୍। ପିଲାବେଳୁ ସେ ଭାରତନାଟ୍ୟମ୍‌ରେ ନିଜ ପ୍ରତିଭା ଦେଖାଇଛନ୍ତି। ୧୮ ବର୍ଷ ବୟସରେ ସେ ନିଜର ପ୍ରଥମ ର‌୍ୟାପ୍ ଗୀତ ଲେଖିଥିଲେ। ୨୦୧୭ରେ ସେ ଡି ଏମ୍‌ସି ନାମ୍ନୀ ପ୍ରଥମ ଆଲବମ୍‌ରେ ନଜର ଆସିଥିଲେ। ସେ ର‌୍ୟାପ୍‌ରେ ସାମାଜିକ ମୁଦ୍ଦା, ମହିଳା ସଶକ୍ତୀକରଣ ଉପରେ ଜୋର୍ ଦିଅନ୍ତି। ସେହିପରି ତାଙ୍କ ଗୀତ ନୋ ମୋର ଲିମିଟ୍ସ ମାସିକ ଧର୍ମ ସ୍ୱଚ୍ଛତା ଉପରେ ସଚେତନ ପାଇଁ ପ୍ରସ୍ତୁତ କରିଥିଲେ। ସେହିପରି ସେ କାନାଡ଼ା, ଓ ବେଲଜିୟମ୍ ଅନ୍ତଃରାଷ୍ଟ୍ରୀୟ ପ୍ରଦର୍ଶନୀରେ ମଧ୍ୟ ଭାଗ ନେଇଥିଲେ।



### ରାଜା କୁମାରୀ



ରାଜା କୁମାରୀ ଜଣେ ସଫଳ ଭାରତୀୟ - ଆମେରିକୀୟ ର‌୍ୟାପର୍, ଗାୟିକା ଓ ନୃତ୍ୟାଙ୍ଗନା ଭାବେ ପରିଚିତ। ବହୁବିଧ ପ୍ରତିଭା ପାଇଁ ସେ ଅନେକ ଅନ୍ତଃରାଷ୍ଟ୍ରୀୟ ପୁରସ୍କାର ପାଇଛନ୍ତି। ସେ ଭାରତୀୟ ହିପ୍ ହପ୍ ର‌୍ୟାପ୍‌ର ଗଡ୍ ମଦର୍ ଭାବେ ଜଣାଜାନ୍ତି। ତାଙ୍କ ପୁରା ନାମ ଶ୍ୱେତା ୟଲ୍ଲାପ୍ରଗଦା ରାଓ। ସେ କାଲିଫର୍ନିଆ କ୍ଲେରମୋଣ୍ଟରେ ଏକ ଭାରତୀୟ ପରିବାରରେ ଜନ୍ମ ହୋଇଥିଲେ। ପାଞ୍ଚ ବର୍ଷର ଥିବାବେଳେ ସେ ଫ୍ୟୁଜିଜ୍ ଆଲବମ୍ 'ଦ ସ୍କୋର୍'ରୁ ହିପ୍ ହାପ୍ ପ୍ରତି ଆଗ୍ରହୀ ଥିଲେ। ୧୪ ବର୍ଷରେ ସେ ଫ୍ରିଷ୍ଟାଇଲ୍ ଏମ୍‌ସି ହୋଇଥିଲେ। ଏଥିପାଇଁ ତାଙ୍କୁ ଇଣ୍ଡିଆନ୍ ପ୍ରିନ୍‌ସେସ୍ ବା ରାଜା କୁମାରୀ କୁହାଯାଏ। ସେ ହିନ୍ଦୀ ଓ ଇଂରାଜୀ ଭାଷାରେ ଅନେକ ଲୋକପ୍ରିୟ କଳାକାରଙ୍କ ସହ ର‌୍ୟାପ୍ କରିଛନ୍ତି।

### ସୋଫିୟା ଅଶରଫ୍



ସୋଫିୟା ଅଶରଫ୍ ଜଣେ ଭାରତୀୟ ର‌୍ୟାପର୍ ଓ ଗାୟିକା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ସେ ସାମାଜିକ, କର୍ପୋରେଟ୍ ଅବହେଳା ବାବଦରେ ସଚେତନତା ସୃଷ୍ଟି ପାଇଁ ର‌୍ୟାପ୍ ଲେଖନ୍ତି। ସୋଫିଆ ବୃତ୍ତିରେ ଜଣେ କପିରାଇଟର୍ ଭାବେ କାର୍ଯ୍ୟ କରନ୍ତି। ସେ ର‌୍ୟାପ୍ ମାଧ୍ୟମରେ ସମାଜିକ ଓ ରାଜନୈତିକ ସମସ୍ୟା ଉପରେ ସ୍ୱରଉତ୍ତୋଳନ କରନ୍ତି। ୨୦୧୫ ମସିହାରେ ସେ ୟୁନିଲିଭର ବିରୁଦ୍ଧରେ 'କୋଡାଇକାନାଲ ୱାଣ୍ଟ' ଗୀତ ର‌୍ୟାପ୍ ଲେଖିଥିଲେ। ସେ ନିଜ ଲେଖା ମାଧ୍ୟମରେ ସମାଜିକ ସମସ୍ୟାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରନ୍ତି।

### ମେବା ଓଫିଲିଆ



ମେଘାଳୟର ଲୋକପ୍ରିୟ ର‌୍ୟାପର୍, ଗାୟିକା ଭାବେ ସେ ପରିଚିତ। ସଙ୍ଗୀତ ପ୍ରତି ତାଙ୍କ ମନରେ ଅହେତୁକ ଦୁର୍ବଳତା ଥିଲା। ଏଥିପାଇଁ ସେ ଆଇନ୍ ଶିକ୍ଷାକୁ ଛାଡ଼ି ଗୀତରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ସ୍ଥିର କରିଥିଲେ। ସେ କୁହନ୍ତି, ଗୀତ ମନର ଭାବନା ପ୍ରକାଶ କରିବାର ମାଧ୍ୟମ। ସେ ଅନେକ ରଚନାତ୍ମକ, ସୃଜନଶୀଳ ଗୀତ ଲେଖନ୍ତି। ବିଗ୍ ରିଙ୍କ ସହ ଗାଇଥିବା ଗୀତ ଡନ୍ ଟକିଙ୍ଗ୍ ପାଇଁ ସେ ୟୁରୋପୀୟ ସଙ୍ଗୀତ ପୁରସ୍କାର ପାଇଥିଲେ। ପରେ ସେ ରାଜା କୁମାରୀଙ୍କ ସହ ରାନୀ ସାଇଫର ସମେତ ଅନେକ ହିଟ୍ ଗୀତରେ ର‌୍ୟାପ୍ କରିଛନ୍ତି।

# ଲଙ୍କା ହାଲୁଆ

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ


କଞ୍ଚାଲଙ୍କା -୨୦୦ ଗ୍ରାମ୍, ଭଜା ସୁଜି - ୫୦ ଗ୍ରାମ୍, ଚିନି- ଅଧା କପ୍, ଖୁଆ,- ୫୦ ଗ୍ରାମ୍, ପିସ୍ତାବାଦାମ - ପାଞ୍ଚୋଟି, କାଜୁ - ପାଞ୍ଚୋଟି, ଘିଅ - ଏକ ଚାମଚ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ରାଇଣ୍ଡିଂ ଜାର୍‌ରେ ଲଙ୍କା ନେଇ ଏହାକୁ ପେଷ୍ଟ କରନ୍ତୁ। ଏହାପରେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ। ଗରମ ହୋଇଗଲେ ସେଥିରେ ଏକ ଚାମଚ ଘିଅ ଦେଇ ପେଷ୍ଟ କରି ରଖିଥିବା ଲଙ୍କାକୁ ଦେଇ ଗୋଳାଇ ଦିଅନ୍ତୁ। ଏହାପରେ ଭାଜି ରଖିଥିବା ସୁଜିକୁ ଦେଇ ପିଠାଖଡ଼ିକାରେ ଏପାଖସେପାଖ କରି ଦିଅନ୍ତୁ। ସୁଜି ଲଙ୍କାରେ ମିଶିଯିବା ପରେ ସେଥିରେ ଅଳ୍ପ ପାଣି ଦିଅନ୍ତୁ। ଏହାପରେ ଚିନି ପକାଇ ଭଲରେ ମିଶାନ୍ତୁ। ଏହାକୁ ଏପାଖସେପାଖ କରି କଟା କାଜୁ, ପିସ୍ତା ଓ ସିଲଭର କୋଟିଙ୍ଗ୍ ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ଲଙ୍କା ହାଲୁଆ।'



# କିଶୋରୀଙ୍କ ପାଇଁ ନେଲ୍ ଆର୍ଟ



**ନେଲଆର୍ଟ କେବଳ ବଡ଼ଙ୍କ ମଧ୍ୟରେ ସୀମିତ ନ ଥାଏ। ସ୍କୁଲ ଛାତ୍ରୀମାନେ ମଧ୍ୟ ଏହା କରିବାକୁ ପସନ୍ଦ କରନ୍ତି। ସେମାନଙ୍କ ପାଇଁ ଏହା ଏକ ରଚନାତ୍ମକ ହୋଇଥାଏ। ଏହା ପିଲାଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି କରିଥାଏ। ତେଣୁ ପିଲାଙ୍କୁ ବିଷାକ୍ତ ମୁକ୍ତ ଓ ସୁରକ୍ଷିତ ନେଲ୍‌ପଲିସ୍ ଲଗାଇବା ଜରୁରୀ।**

### ପ୍ରଜାପତି

ରଙ୍ଗିନ୍ ପ୍ରଜାପତି ପିଲାଙ୍କୁ ଖୁବ୍ ଭଲଲାଗେ। ଏହା ନଖରେ କରିବା ଖୁବ୍ ସହଜ ଓ ଆକର୍ଷଣୀୟ ଦିଶିଥାଏ। ତେଣୁ ପିଲାଙ୍କ ପସନ୍ଦ ଅନୁସାରେ ପ୍ରତ୍ୟେକ ନଖରେ ଭିନ୍ନ ଭିନ୍ନ ରଙ୍ଗର ପ୍ରଜାପତି କରିପାରିବେ।



### ପାଣ୍ଡା

ଏହି ନେଲ୍ ଆର୍ଟ ପିଲାଙ୍କୁ କୁଙ୍ଗୁପାଣ୍ଡା ଭଳି କ୍ୟୁଟ୍ ଲୁକ୍ ଦେଇଥାଏ। ଏଥିପାଇଁ ନଖରେ ସର୍ବ ପ୍ରଥମେ ନୀଳ ନେଲ୍‌ପଲିସ୍ ଲଗାନ୍ତୁ। ଏହାକୁ ଭଲଭାବେ ଶୁଖାଇବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ। ସେହିପରି ବ୍ରଶ୍ ସାହାଯ୍ୟରେ ନଖରେ ସମ୍ମୁଖ ଭାଗରେ ଧଳାରଙ୍ଗର ପାଣ୍ଡା କରନ୍ତୁ। ଏଥିରେ ଚମକ ଆଣିବା ପାଇଁ ଟ୍ରାନ୍ସପ୍ୟାରେଣ୍ଟ ନେଲ୍‌ପଲିସ୍ ପରସ୍ତ ଲଗାନ୍ତୁ।



### ତାରା

ଏହି ରଙ୍ଗିନ୍ ଡିଜାଇନ୍ ପିଲାଙ୍କ ନଖକୁ ଖୁବ୍ ସୁନ୍ଦର ଦେଖାଯାଏ। ଏଥିପାଇଁ ନଖରେ ପିଲାଙ୍କ ପସନ୍ଦ ମୁତାବକ ନେଲ୍‌ପଲିସ୍ ଲଗାନ୍ତୁ। ଏହାପରେ ହଳଦିଆ ନେଲ୍‌ପଲିସ୍‌ରେ ଛୋଟ ତାରା ତିଆରି କରନ୍ତୁ।

### ଫୁଲ

ସାଧାରଣତଃ ଫ୍ଲୋରାଲ୍ ପ୍ରିଣ୍ଟ ଡ୍ରେସ୍‌ରେ ଏହା ଖୁବ୍ ସୁନ୍ଦର ଦେଖାଯାଏ। ଏଥିପାଇଁ ନଖରେ ପିଙ୍କ୍ ଜେଲ୍ ନେଲ୍‌ପଲିସ୍ ଲଗାଇ କୋଟ୍ କରନ୍ତୁ। ସୁଖିଗଲା ପରେ ତୂଳୀରେ ଅନ୍ୟ ରଙ୍ଗର ନେଲ୍‌ପଲିସ୍ ନେଇ ଛୋଟ ଫୁଲ ତିଆରି କରନ୍ତୁ।

# ଶୀତ ଫେଶନ

**ଶୀତ ପୋଷାକରେ ଷ୍ଟାଇଲିଶ୍ ଦେଖାଯିବା ସମସ୍ତଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହୋଇଥାଏ। ଏଥିପାଇଁ ଅନେକ ଯେ କୌଣସି ପୋଷାକ ପିନ୍ଧି ଏକ, ଜ୍ୟାକେଟ୍ କିମ୍ବା ଷ୍ଟୋଲ୍ ପକାଇ ବାହାରକୁ ଯାଆନ୍ତି। କିନ୍ତୁ ଚାହିଁଲେ କିଛି ସହଜ ଉପାୟ ଆପଣାଇ ସୁନ୍ଦର ଦିଶିପାରିବେ। ଜାଣିବା ସେ ବିଷୟରେ...**

### ସ୍ମାର୍ଟ ଲେୟାରିଙ୍ଗ୍

ଶୀତଦିନେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ସବୁଠୁ ସହଜ ହେଉଛି ସ୍ମାର୍ଟ ଲେୟାରିଙ୍ଗ୍। ଭାରି କପଡ଼ା ତୁଳନାରେ ହାଲୁକା ଓ ଫିଟିଙ୍ଗ ପୋଷାକ ଚୟନ କରନ୍ତୁ। ଭିତରେ ସାର୍ଟ କିମ୍ବା ଟର୍ଟଲ ବେକ ଡିଜାଇନ୍ ଟପ୍ ପିନ୍ଧି ଉପରେ ଏକ ଫୁଲ ଜ୍ୟାକେଟ୍ ପିନ୍ଧନ୍ତୁ। ଏଥିରୁ ଏକ ଏଲିଗେଣ୍ଟ ଲୁକ୍ ମିଳିବା ସହ ଉଷ୍ମମ ବଜାୟ ରହିଥାଏ।

### ନ୍ୟୁଟ୍ରାଲ୍ କଲର୍

ଅଫିସ୍ ଲୁକ୍‌ରେ ପ୍ରଫେସନାଲ୍ ଦିଶିବାକୁ ଚାହୁଁଥିଲେ, ନ୍ୟୁଟ୍ରାଲ୍ ରଙ୍ଗ ଯଥା- ବିଜ୍, ଗ୍ରେ ଓ ବ୍ରାଉନ୍ ରଙ୍ଗ ବାଛିପାରିବେ। ଏହା ଫର୍ମାଲ ଲାଗିବା ସହ ଯେ କୌଣସି ଆଉଟ୍‌ଫିଟ୍‌କୁ ସୁନ୍ଦର ମାନିଥାଏ।

### ସ୍କାର୍ଫ ଓ ଶାଲ୍

ଶାଲ୍ ଓ , ସ୍କାର୍ଫ କେବଳ ଶୀତରୁ ସୁରକ୍ଷା ଦିଏନି। ଏହା ଖୁବ୍ ସୁନ୍ଦର ଲୁକ୍ ଦେଇଥାଏ। ଏଥିପାଇଁ ଶିଲ୍କ କିମ୍ବା ଉଲ ଫାବ୍ରିକ୍‌ର ପ୍ରିଣ୍ଟେଡ୍ ସ୍କାର୍ଫ ଚୟନ କରିପାରିବେ। ଏହା ଆଉଟ୍‌ଫିଟ୍‌କୁ ଷ୍ଟାଇଲିଶ୍ କରିବା ସହ ଆଖିକୁ ଖୁବ୍ ଆକର୍ଷଣୀୟ ଦିଶିଥାଏ।



# ଜୋତାରୁ ଦୁର୍ଗନ୍ଧ ଆସୁଥିଲେ



**ଜୋତାରୁ ଦୁର୍ଗନ୍ଧ ଆସିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଲଜ୍ୟାର କାରଣ ହୋଇଥାଏ। ଦୀର୍ଘ ସମୟ ଜୋତା ପିନ୍ଧି ରଖୁଥିଲେ ଏହି ସମସ୍ୟା ଅଧିକ ହୋଇଥାଏ। ତେବେ କିଛି ଘରୋଇ ଉପାୟ ଆପଣାଇ ସହଜରେ ଏହି ଦୁର୍ଗନ୍ଧ ଦୂର କରିପାରିବେ।**

### ଖାଇବା ସୋଡ଼ା

ଖାଇବା ସୋଡ଼ାରେ ଖୁବ୍ ଉପକାରିତା ଗୁଣ ଥାଏ। ଏହା ଜୋତାରୁ ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ। ଏଥିପାଇଁ କିଛି ଖାଇବାସୋଡ଼ା ନେଇ ଜୋତାରେ ପକାଇ ରାତି ସାରା ରଖନ୍ତୁ। ସକାଳୁ ଏହି ଜୋତାକୁ ପରିଷ୍କାର କରି ପିନ୍ଧନ୍ତୁ। ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇଯାଏ। ସୋଡ଼ା ଜୋତାରେ ଥିବା ଆର୍ଦ୍ରତାକୁ ଶୋଷି ନେଇଥାଏ।

### ସେଓ ଭିନେଗାର୍

ଆପେଲ୍ ସାଇଡ୍ ଭିନେଗାର୍ ଜୋତାର ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ। ଏଥିପାଇଁ ଏକ କପଡ଼ା କିମ୍ବା ତୁଳାକୁ ଭିନେଗାରରେ ବୁଡ଼ାଇ ଜୋତା ଭିତରେ ରଖି ଦିଅନ୍ତୁ। କିଛି ଘଣ୍ଟା ପରେ କାଢ଼ି ଦିଅନ୍ତୁ। ଏହା ଜୋତା ଦୁର୍ଗନ୍ଧ ଦୂର କରି ଏହାକୁ ସତେଜ ରଖିଥାଏ। ଚାହିଁଲେ ଏହାକୁ ନିୟମିତ ବ୍ୟବହାର କରିପାରିବେ।


### ଚା ପତି

ଚାପତିରେ ଏକ ବିଶେଷ ତତ୍ତ୍ୱ ଥାଏ। ଯାହା ଦୁର୍ଗନ୍ଧକୁ ଶୋଷି ନେଇଥାଏ। ଏଥିପାଇଁ କିଛି ଶୁଖିଲା ଚା ପତି ଜୋତାରେ ରଖି ଗୋଟିଏ ରାତି ଛାଡ଼ି ଦିଅନ୍ତୁ। ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇଥାଏ।

# ବାରମ୍ବାର ୱାଇପ୍ସ ବ୍ୟବହାର କରୁଥିଲେ

**ଅଧିକାଂଶ ମହିଳା ତ୍ୱଚାରେ ଥିବା ଧୂଳି, ମଳି ତଥା ମେକ୍‌ଅପ୍ ଛଡ଼ାଇବା ପାଇଁ ୱେଟ୍ ୱାଇପ୍ସ ବ୍ୟବହାର କରିଥାନ୍ତି। ଏହା ତ୍ୱଚାରେ ଥିବା ମଇଳା, ତେଲ ଓ ଅପରିଷ୍କାରକୁ କ୍ଷଣକ ମଧ୍ୟରେ ସଫା କରିଥାଏ। କିନ୍ତୁ ଏହାକୁ ବାରମ୍ବାର ବ୍ୟବହାର କଲେ, ଏଥିରେ ଥିବା କେମିକାଲ୍ସ, ସୁଗନ୍ଧ ଓ ଆଲ୍‌କହଲ୍ ତ୍ୱଚାକୁ କ୍ଷତି ପହଞ୍ଚିଥାଏ।**

### ତ୍ୱଚାରେ ଆର୍ଦ୍ରତା କମ୍



ଅଧିକାଂଶ ସମୟରେ ୱାଇପସ୍ ବ୍ୟବହାର କଲେ ଏଥିରେ ଥିବା କେମିକାଲ୍ସ ଓ ଆଲ୍‌କହଲ୍ ତ୍ୱଚାର ପ୍ରାକୃତିକ ତେଲକୁ ନଷ୍ଟ କରିଥାଏ। ଫଳରେ ତ୍ୱଚା ଶୁଷ୍କ ହୋଇଯାଏ। ମଏଶ୍ଚରାଇଜର୍ ମଧ୍ୟ ତ୍ୱଚାରେ ପ୍ରଭାବ ଦେଖାଏନି।

### ସଂକ୍ରମଣ

ସାଧାରଣତଃ ମୁହଁର ତ୍ୱଚା ଖୁବ୍ ସମ୍ବେଦନଶୀଳ ହୋଇଥାଏ। ତେଣୁ ୱାଇପସ୍ ବ୍ୟବହାର କଲେ ଏହା ଚର୍ମକୁ ଶୁଷ୍କ କରିବା ସହ କୁଣ୍ଡାଇ ହେବା ଓ ଫଳିଯିବା ପରି ସମସ୍ୟା ହୋଇଥାଏ। ବେଳେବେଳେ ସଂକ୍ରମଣ ଏତେ ବଢ଼ିଯାଏ ଯେ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିଥାଏ।

### ଅଧିକ କ୍ଷତିଗ୍ରସ୍ତ ସମ୍ବେଦନଶୀଳ ତ୍ୱଚା

ସମ୍ବେଦନଶୀଳ ତ୍ୱଚା ଥିଲେ ୱେଟ୍ ୱାଇପ୍ସ ବ୍ୟବହାର ନ କରିବା ଭଲ। କାରଣ ସେନ୍‌ସିଟିଭ୍ ତ୍ୱଚା ଥିଲେ ତ୍ୱଚାରେ ଅଧିକ ସମସ୍ୟା ଦେଖିବାକୁ ମିଳିଥାଏ। ତ୍ୱଚାରେ କମ୍ ବୟସରୁ ବୟସ ଛାପ ଦିଶୁଥିଲେ, ଏହା ଏଜିଙ୍ଗ୍‌ର ସାଇନ ହୋଇପାରେ। ଅଧିକ ୱାଇପ୍ ବ୍ୟବହାର କଲେ ଏହା ବୟସ ଛାପକୁ ଦର୍ଶାଇଥାଏ।

# ଲଜ୍ଜାଜନକ ପରାଜୟ

**୪୦୮ ରନରେ ଗୌହାଟୀ ଟେଷ୍ଟ ହାରିଲା ଭାରତ**

**୨-୦ରେ ଦକ୍ଷିଣ ଆଫ୍ରିକାର ସିରିଜ କ୍ଲିନ ସୁଇପ୍**

ଗୌହାଟୀ, ୨୬ ।୧୧ (ଏଜେନ୍ସି)



ଯାହା ଆଶା କରାଯାଉଥିଲା ଶେଷରେ ସେଇଆ ହିଁ ହେଲା । ଗୌହାଟୀରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ୫୪୯ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତ ଅନ୍ତିମ ତଥା ୫ମ ଦିବସରେ ବୁଧବାର ୧୪୦ ରନରେ ଦ୍ୱିତୀୟ ଇନିଂସରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଫଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଏହି ଟେଷ୍ଟକୁ ୪୦୮ ରନର ବୃହତ୍ ବ୍ୟବଧାନରେ ଜିତିବା ସହ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି । ସେହିଭଳି ୨୫ ବର୍ଷ ପରେ ଭାରତ ମାଟିରେ ଟେମ୍ବା ବଭୁମାଙ୍କ ଆଫ୍ରିକା ଦଳ ଟେଷ୍ଟ ସିରିଜ ବିଜୟ ସ୍ୱାଦ ଚାଖିଛି । ୨୦୦୦ରେ ହାନ୍ସି କ୍ରୋଞ୍ଜେଙ୍କ ନେତୃତ୍ୱରେ ଦଳ ପ୍ରଥମଥର ଭାରତ ମାଟିରେ ସିରିଜ ଜିତିଥିଲା । ପୂର୍ବରୁ କୋଲକାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ମଧ୍ୟ ଦକ୍ଷିଣ ଆଫ୍ରିକା ୩୦ ରନରେ ଜିତିଥିଲା । ଏବେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ନଭେମ୍ବର ୩୦ରୁ ରାଞ୍ଚିରେ ଆରମ୍ଭ ହେବ ।

ପୂର୍ବ ଦିନର ଅସମାପ୍ତ ୨ୟ ପାଳି ସ୍କୋର ୨୭/୨ରୁ ବୁଧବାର ବ୍ୟାଟିଂ ଆରମ୍ଭ କରିଥିବା ଭାରତ ସାମ୍ନାରେ ଅନ୍ତିମ ଦିବସରେ ୫୨୨ ରନର ଅସମ୍ଭବ ଲକ୍ଷ୍ୟ ରହିଥିଲା । ବିଜୟ ପାଇଁ ନ ହେଲେ ମଧ୍ୟ ଅତିକମରେ ଡ୍ର ପାଇଁ ଖେଳିବ ଭାରତ ବୋଲି ଆଶା କରାଯାଉଥିଲା । କିନ୍ତୁ ଭ୍ରମଣକାରୀ ସ୍ପିନର ସାଇମନ ହାର୍ମରଙ୍କ ସାମ୍ନାରେ ଭାରତୀୟ ବ୍ୟାଟର୍ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିନେଇଥିଲେ । ହାର୍ମର ୬ଟି ୱିକେଟ୍ ନେଇ ଭାରତୀୟ ଇନିଂସକୁ ୧୪୦ ରନରେ ସୀମିତ କରିଦେଇଥିଲେ । ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ରବୀନ୍ଦ୍ର ଜାଡେଜା ୮୭ ବଲରେ ୫୪ ରନ କରି ଏକମାତ୍ର ବ୍ୟାଟରଭାବେ କିଛିଟା ଲଢ଼େଇ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଇ ସୁଦର୍ଶନ ୧୪, ଅଧିନାୟକ ଋଷଭ ପନ୍ତ ୧୩, ୱାଶିଂଟନ ସୁନ୍ଦର ୧୬, ଧ୍ରୁବ ଜୁରେଲ ୨, ନୀତୀଶ ରେଡ୍ଡୀ ୦, କୁଲଦୀପ୍ ଯାଦବ ୫ ରନ କରିଥିଲେ । ୭ଟି ୱିକେଟ୍ ସହ ୯୩ ରନ କରିଥିବା ମାର୍କୋ ଜାନସେନ ମ୍ୟାଚର ଏବଂ ମୋଟ୍ ୧୭ଟି ୱିକେଟ୍ ନେଇଥିବା ହାର୍ମର ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

୪୦୮ ରନରେ ହାରିବା ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ସର୍ବବୃହତ ପରାଜୟ ହେବାର ଅଲୋଡ଼ା ରେକର୍ଡ ହୋଇଛି । ପୂର୍ବରୁ ଭାରତ ୨୦୦୪ରେ ନାଗପୁରରେ ଅଷ୍ଟ୍ରେଲିଆ ନିକଟରୁ ୩୪୨ ରନରେ ପରାସ୍ତ ହୋଇଥିଲା । ଏବେ ପରାଜୟରେ ଭାରତ ନୂଆ ରେକର୍ଡ କରିଛି । ବିଶ୍ୱରେ ରନ ବ୍ୟବଧାନରେ ସବୁଠୁ ବଡ଼ ପରାଜୟ ଅଷ୍ଟ୍ରେଲିଆ ନାମରେ ରହିଛି । ୧୯୨୮ରେ ବ୍ରିସବେନରେ ଅନୁଷ୍ଠିତ ଆସେସ୍ ସିରିଜର ଏକ ଟେଷ୍ଟରେ ଇଂଲଣ୍ଡ ୬୭୫ ରନରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ : ୪୮୯/୧୦
ଭାରତ ପ୍ରଥମ ଇନିଂସ : ୨୦୧/୧୦
ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ : ୨୬୫/୫, ଘୋଷିତ
ଭାରତ ଦ୍ୱିତୀୟ ଇନିଂସ : ୧୪୦/୧୦ ।

**ପରିସଂଖ୍ୟାନ**

**୩ୟ**: ଭାରତ ୩ୟଥର ଲାଗି ଘରୋଇ ମାଟିରେ ଟେଷ୍ଟ ସିରିଜ କ୍ଲିନସୁଇପ୍ ହୋଇଛି । ପୂର୍ବରୁ ୨୦୦୦ରେ ଦ.ଆଫ୍ରିକା (୨-୦) ଓ ୨୦୨୪ରେ ନ୍ୟୁଜିଲାଣ୍ଡ (୩-୦) ରେ ଭାରତ ମାଟିରେ ସିରିଜ ସୁଇପ୍ କରିଥିଲେ ।

**୨ୟ**: ଘରୋଇ ମାଟିରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ବର୍ଷରେ ୨ୟ ଟେଷ୍ଟ ପରାଜୟ ଥିଲା । ଏଥିପୂର୍ବରୁ ଭାରତ ୧୯୮୩ରେ ୱେଷ୍ଟଇଣ୍ଡିଜ ଓ ୧୯୮୪ରେ ଇଂଲଣ୍ଡ ନିକଟରୁ ଟେଷ୍ଟ ସିରିଜ ହାରିଥିଲା ।

**ଶୂନ** : ଦକ୍ଷିଣ ଆଫ୍ରିକା ବିପକ୍ଷ ଏହି ସିରିଜରେ କୌଣସି ଭାରତୀୟ ବ୍ୟାଟର୍ ଶତକ ହାସଲ କରିପାରି ନ ଥିଲେ । ଘରୋଇ ମାଟିରେ ଦୁଇମ୍ୟାଚ ବିଶିଷ୍ଟ ଟେଷ୍ଟରେ କୌଣସି ଭାରତୀୟ ଶତକ ହାସଲ ନ କରିବାରେ ଏହା ୩ୟ ଘଟଣା । ପୂର୍ବରୁ ନ୍ୟୁଜିଲାଣ୍ଡ (୧୯୭୦ ଓ ୧୯୯୫) ବିପକ୍ଷରେ ଭାରତ ଦୁଇଥର ଏଭଳି ଅଲୋଡ଼ା ରେକର୍ଡ କରିଥିଲା ।

**୪ର୍ଥ** : ଏହି ସିରିଜରେ ଭାରତ ୪ଟି ଯାକ ଇନିଂସରେ ୨୫୦ ରନ ଟପିପାରି ନ ଥିଲା । ଯାହାକି ଭାରତୀୟ ଟେଷ୍ଟ ଇତିହାସରେ ୪ର୍ଥ ଘଟଣା ।

**ପ୍ରଥମଥର** : ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ଟେଷ୍ଟରେ ଭାରତକୁ ୪୦୦ରୁ ଊର୍ଦ୍ଧ୍ୱ ରନ ହରାଇବାରେ ସମର୍ଥ ହୋଇଛି । ପୂର୍ବରୁ ଅଷ୍ଟ୍ରେଲିଆ ଭାରତକୁ ୩୪୨ ରନରେ ହରାଇଥିଲା ।

**୧୧ତମ** : ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା ୧୨ତମ ଟେଷ୍ଟ ମ୍ୟାଚରେ ନେତୃତ୍ୱ ନେଇ ଦଳକୁ ୧୧ଟି ବିଜୟ ଭେଟି ଦେଇଛନ୍ତି ।

## ବିସିସିଆଇ ହାତରେ ମୋ' ଭବିଷ୍ୟତ: ଗୌତମ ଗମ୍ଭୀର

ଗୌହାଟୀ, ୨୬ ।୧୧ (ଏଜେନ୍ସି):ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାଠାରୁ ଦ୍ୱିତୀୟ ଟେଷ୍ଟକୁ ଶୋଚନୀୟ ଭାବେ ୪୦୮ ରନରେ ହାରିବା ସହ ଭାରତ ସିରିଜରେ



ମଧ୍ୟ ୨-୦ରେ କ୍ଲିନସୁଇପ୍ ହୋଇଛି । ଏଭଳି ଲଜ୍ଜାଜନକ ପ୍ରଦର୍ଶନ ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌରତମ ଗମ୍ଭୀରଙ୍କୁ ଚାରିଆଡ଼ୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି । ବିଶେଷ କରି ଖେଳାଳି ମନୋନୟନକୁ ନେଇ ଗମ୍ଭୀରଙ୍କୁ ଟାର୍ଗେଟ୍ କରାଯାଇଛି । ବୁଧବାର ପରାଜୟ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀରଙ୍କୁ ପଚରାଯାଇଥିଲା ଯେ ସେ ଭାରତୀୟ ଦଳର ମୁଖ୍ୟ କୋଚ୍ ପାଇଁ ଉପଯୁକ୍ତ ବ୍ୟକ୍ତି କି? ଏହାର ଉତ୍ତରରେ ଗମ୍ଭୀର କହିଥିଲେ, 'ମୋର ଭବିଷ୍ୟତ ବିସିସିଆଇ ହାତରେ । ମୁଁ କୋଚ୍ ହେବାକୁ ଯୋଗ୍ୟ କି ନୁହେଁ ତାହା ବିସିସିଆଇ ନିଷ୍ପତ୍ତି ନେବ । ଏହା ପୂର୍ବରୁ ମଧ୍ୟ ମୁଁ କହି ସାରିଛି ଯେ ଆଗ ଭାରତୀୟ କ୍ରିକେଟ୍ ଗୁରୁତ୍ୱପୂର୍ଣ୍ଣ; ମୁଁ ନୁହେଁ । ମୁଁ ସେହି ବ୍ୟକ୍ତି ଯାହାର ନେତୃତ୍ୱରେ ଇଂଲଣ୍ଡ ମାଟିରେ ଭାରତ ଭଲ ପ୍ରଦର୍ଶନ କରିଥିଲା । ଏଥିସହ ଚାମ୍ପିଅନ୍ସ ଟ୍ରଫି ଓ ଏସିଆ କପ୍ ବିଜୟୀ ହୋଇଥିଲା । ଏହି ପରାଜୟ ଲାଗି କୌଣସି ଜଣେ ଖେଳାଳି କିମ୍ବା ଗୋଟିଏ ସଟ୍‌କୁ ଦୋଷ ଦେବା ଠିକ୍ ନୁହେଁ । ଏହି ପରାଜୟର ମୋ ଠାରୁ ଆରମ୍ଭ କରି ସମସ୍ତେ ଦାୟୀ ।' ପ୍ରକାଶଯୋଗ୍ୟ ଗମ୍ଭୀରଙ୍କ ପ୍ରଶିକ୍ଷଣ ସମୟରେ ଭାରତ ୧୮ଟି ଟେଷ୍ଟ ମ୍ୟାଚ୍ ଖେଳି ୧୦ଟି ହାରିଛି । ଯେଉଁଥିରେ ଗତବର୍ଷ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ରେ ଲଜ୍ଜାଜନକ ପରାଜୟ ସାମିଲ ରହିଛି ।

## ଓଡ଼ିଶା ଏଫ୍‌ସି ଛାଡ଼ିଲେ ଲୋବେରୋ



ଭୁବନେଶ୍ୱର,୨୬ ।୧୧(ଏଜେନ୍ସି):ଓଡ଼ିଶା ଫୁଟ୍‌ବଲ କ୍ଲବ(ଓଏଫ୍‌ସି) ଓ ଏହାର ମୁଖ୍ୟ କୋଚ୍ ସର୍ଗିଓ ଲୋବେରୋ ସହମତିରେ ପରସ୍ପରଠାରୁ ଅଲଗା ହୋଇଛନ୍ତି । ଭୁବନେଶ୍ୱରଭିତ୍ତିକ ଆଇଏସ୍‌ଏଲ୍ କ୍ଲବ ଓଏଫ୍‌ସି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏନେଇ ଘୋଷଣା କରିଛି । ସ୍ପେନ୍‌ର କୋଚ୍ ଲୋବେରୋ ଓଡ଼ିଶା ଛାଡ଼ିବାର ତୁରନ୍ତ ପରେ ମୋହନ ବାଗାନ ଏସ୍‌ସି କ୍ଲବରେ ଯୋଗଦେଇଛନ୍ତି । ଆଇଏସ୍‌ଏଲ୍‌ର ଡିଫେଣ୍ଡିଂ ଚାମ୍ପିଅନ ମୋହନବାଗାନ ପକ୍ଷରୁ ଅଫିସିଆଲ ଭାବେ ମଧ୍ୟ ଏନେଇ ଘୋଷଣା କରାଯାଇଛି । ନଭେମ୍ବର ୩୦ରେ ସେ ମୋହନ ବାଗାନ ଖେଳାଳିଙ୍କ ସହ ଟ୍ରେନିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ଲୋବେରୋ ୨୦୨୩ ମେ'ରେ ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଥିଲେ । ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ୨୦୨୪ ସୁପର କପ୍‌ରେ ରନର୍ସଅପ୍ ହୋଇଥିଲା । ଏବେ ଆଇଏସ୍‌ଏଲ୍ ଆୟୋଜନ ନେଇ ଅନିଶ୍ଚିତତା ଜାରି ରହିଛି । ଫଳରେ ଓଡ଼ିଶା ସମେତ ୩ଟି କ୍ଲବ କୌଣସି କାର୍ଯ୍ୟକ୍ରମ ହାତକୁ ନେଇନାହାନ୍ତି ।

## ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗ୍‌ରେ ଗୌରୀ ବୈଷୟିକ ଅଧିକାରୀ

ଭୁବନେଶ୍ୱର, ୨୬ ।୧୧ (ସମିସ): ଆଇପିଏଲ୍ ଢାଞ୍ଚାରେ ଡିସେମ୍ବର ୨୫ରୁ ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗ୍ ଆରମ୍ଭ ହେବ । ୮ଟି ଦଳଟି ଦଳକୁ ନେଇ ଲକ୍ଷ୍ନୌର କେଡି ସିଂ ବାବୁ ଷ୍ଟାଡିୟମରେ ଲିଗ୍‌ର ସମସ୍ତ ମ୍ୟାଚ୍ ଖେଳାଯିବ । ଏହି ଲିଗ୍‌ରେ ବୈଷୟିକ ଅଧିକାରୀ ଭାବେ ମ୍ୟାଚ୍ ପରିଚାଳନା ଲାଗି ଓଡ଼ିଶାର ଗୌରୀ ଶଙ୍କର ମିଶ୍ର ମନୋନୀତ ହୋଇଛନ୍ତି । ଏହି ଅବସରରେ ଗୌରୀଙ୍କୁ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ରୀମା, ରିତ୍ୱିକା, ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬ ।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ବୁଧବାର ଓଡ଼ିଶା ୫ଟି ପଦକ ବିଜୟୀ ହୋଇଛି । ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟର ସନ୍ତରଣକାରୀ ପ୍ରତ୍ୟାଶା ରାୟ କ୍ରମାଗତ ୨ୟ ଦିନରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଗତକାଲି ମହିଳା ୧୦୦ ମିଟର ବ୍ୟାକଷ୍ଟ୍ରୋକରେ ପ୍ରଥମ ହୋଇଥିବା ପ୍ରତ୍ୟାଶା ବୁଧବାର ୨୦୦ ମିଟରରେ ମଧ୍ୟ ବାଜିମାତ୍ କରିନେଇଥିଲେ । ସେହିଭଳି ଭାରୋତ୍ତୋଳନରେ ରୀମା ଭୋଇ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି । ମହିଳା ୫୮ କିଗ୍ରା ବିଭାଗରେ ଭାଗନେଇ ରୀମା ମୋଟ୍ ୧୯୭ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ ।

ଅପରପକ୍ଷରେ ଆଜି ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୩ଟି ପଦକ ବିଜୟୀ ହୋଇଛନ୍ତି । ସୁଇମିଂରେ ମହିଳା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ କିଟ୍‌ର ରିତ୍ୱିକା ୩୪.୯୫ ସେକେଣ୍ଡରେ ଦୂରତା ଅତିକ୍ରମ ପରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସେହି ସମାନ ଇଭେଣ୍ଟରେ ଦିବ୍ୟାଙ୍କା ଦିବ୍ୟଦର୍ଶିନୀ ପ୍ରଧାନ ୩୫.୮୫ ସେକେଣ୍ଡ ସମୟ ସହ ରିତଭିକାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ । ସେହିଭଳି ମହିଳା ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ କିଟ୍‌ର ନୀଳବଜା ଘୋଷ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । କିଟ୍ ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଯୋଗିତାରେ ୬ଟି ପଦକ ଜିତିସାରିଛି । ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ରହିଛି ।

## ବର୍ଷକ ପରେ ପୁଣି ଉର୍ଭିଲଙ୍କ ଧମାକା



ହାଇଦରାବାଦ, ୨୬ ।୧୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଛି ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟର ୧୮ତମ ସଂସ୍କରଣ । ପ୍ରଥମ ଦିବସରେ ଗୁଜରାଟ ଅଧିନାୟକ ଉର୍ଭିଲ ପଟେଲ ବିସ୍ଫୋରକ ଶତକୀୟ ପାଳି ଖେଳି ଚର୍ଚ୍ଚାରେ ରହିଛନ୍ତି । ୨୭ ବର୍ଷୀୟ ଏହି ଡାହାଣହାତୀ ବ୍ୟାଟର ମାତ୍ର ୩୧ ବଲରେ ଶତକ ମାରିଛନ୍ତି । ଫଳରେ ତାଙ୍କ ଦଳ ଗୁଜରାଟ ୮ ୱିକେଟରେ ସର୍ଭିସେସକୁ ସହଜରେ ହରାଇଦେଇଛି । ସ୍ଥାନୀୟ ଜିମଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ସର୍ଭିସେସ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ୍‌ରେ ୧୮୨ ରନ କରିଥିଲା । ଜବାବରେ ଗୁଜରାଟ ଓପନର ଉର୍ଭିଲଙ୍କ ଧମାକା ଇନିଂସ ବଳରେ ମାତ୍ର ୧୨.୩ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା । ୩୧ ବଲରେ ଶତକ ପୂରଣ କରିଥିବା ଉର୍ଭିଲ ମୋଟ୍ ୩୭ ବଲ୍ ଖେଳି ୧୧୯ ରନରେ ଅପରାଜିତ ରହିଥିଲେ । ଏହି ବିସ୍ଫୋରକ ଇନିଂସରେ ସେ ୧୨ ଚୌକା ଓ ୧୦ଟି ଛକା ମାରିଥିଲେ । ପ୍ରକାଶଯୋଗ୍ୟ, ଠିକ୍ ବର୍ଷକ ତଳେ ଅର୍ଥାତ୍ ୨୭ ନଭେମ୍ବର ୨୦୨୪ରେ ସେହି ସମାନ ଟୁର୍ଣ୍ଣାମେଣ୍ଟରେ ଉର୍ଭିଲ ତ୍ରିପୁରା ବିପକ୍ଷରେ ୨୮ ବଲରେ ଶତକ ମାରିଥିଲେ । ସୟଦ ମୁସ୍ତାକ ଅଲି ଟି-୨୦ରେ ଦ୍ରୁତତମ ଶତକୀୟ ପାଳି ଖେଳିବାରେ ଅଭିଷେକ ଶର୍ମା (୨୮ ବଲ)ଙ୍କ ସହ ସେ ଯୁଗ୍ମ ଭାବେ ଶୀର୍ଷରେ ରହିଛନ୍ତି ।

■ **ସୁଲତାନ ଆଜ୍‌ଲାନ ଶାହ କପ୍ ହକି**

## ସଞ୍ଜୟଙ୍କ ଗୋଲ୍ ଭାରତକୁ ଜିତାଇଲା

ଇପୋ, ୨୬ ।୧୧ (ଏଜେନ୍ସି): ମାଲେସିଆରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ଦ୍ୱିତୀୟ ବିଜୟ ହାସଲ କରିଛି । ବୁଧବାର ଅନୁଷ୍ଠିତ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୪-୩ ଗୋଲରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି । ଭାରତ ପକ୍ଷରୁ କାର୍ତ୍ତି ସେଲଭମ୍, ସୁଖଜିତ୍ ସିଂହ, ଓଡ଼ିଆ ତାରକା ଅମିତ ରୋହିଦାସ ଓ ଅଧିନାୟକ ସଞ୍ଜୟ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ତୃତୀୟ କ୍ୱାର୍ଟର ସୁଦ୍ଧା ମ୍ୟାଚ୍ ୩-୩ ଗୋଲରେ ବରାବର୍ ଥିଲା । କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ତଥା ମ୍ୟାଚ୍ ଶେଷ ହେବାକୁ ୭ ମିନିଟ୍ ବାକିଥିବାବେଳେ ଅଧିନାୟକ ସଞ୍ଜୟ ଭାରତ ପାଇଁ ବିଜୟସୂଚକ ଗୋଲ୍‌ଟି ଦେଇଥିଲେ । ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧-୦ ଗୋଲ୍‌ରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା । କିନ୍ତୁ ଦ୍ୱିତୀୟ ମୁକାବିଲାରେ ୨-୩ ଗୋଲରେ ବେଲ୍‌ଜିୟମଠୁ ହାରିଯାଇଥିଲା ।

**ଆରମ୍ଭ ହେଲା ସୟଦ ମୁସ୍ତାକ ଅଲି ଟି-୨୦**

## ରୋହନଙ୍କ ମାଡ଼ରେ ଓଡ଼ିଶା ଧରାଶାୟୀ

ଭୁବନେଶ୍ୱର, ୨୬ ।୧୧ (ସମିସ)



ସଞ୍ଜୁ ଓ ରୋହନ

ସୟଦ ମୁସ୍ତାକ ଅଲି ଟ୍ରଫିର ପ୍ରଥମ ମ୍ୟାଚରେ ଝୁଣ୍ଟିଛି ଓଡ଼ିଶା । ବୁଧବାର ଲକ୍ଷ୍ନୌ ଏକନା ଷ୍ଟାଡିୟମରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ସଞ୍ଜୁ ସାମସନଙ୍କ କେରଳ ଦଳ ୧୦ ୱିକେଟ୍‌ର ବଡ଼ ବ୍ୟବଧାନରେ ଓଡ଼ିଶାକୁ ହରାଇଛି । ଓପନର୍ ରୋହନ କୁନ୍ନୁମାଲ୍‌ଙ୍କ ବିସ୍ଫୋରକ ଶତକ ଓ ସାମସନଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ କେରଳ କୌଣସି ୱିକେଟ୍ ନ ହରାଇ ୧୭୭ ରନର ବିଶାଳ ଲକ୍ଷ୍ୟକୁ ୨୧ଟି ବଲ୍ ବଳକା ଥାଇ ହାସଲ୍ କରିଥିଲା । ରୋହନ ୬୦ ବଲରେ ୧୨୧ ରନ କରିଥିଲେ । ଏହି ପାଳିରେ ସେ ୧୦ଟି ଲେଖାଏ ଚୌକା ଓ ଛକା ମାରିଥିଲେ । ସେହିଭଳି ଅପରପାଶ୍ୱର୍ରେ ଅଧିନାୟକ ସାମସନ ଟିକେ ଧୀମା ବ୍ୟାଟିଂ କରିଥିଲେ । ୬ଟି ଚୌକା ଓ ଗୋଟିଏ ଛକା ବଳରେ ସାମସନ ୪୧ ବଲରେ ୫୧ ରନ କରି ଅପରାଜିତ ରହିଥିଲେ । ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଦଳର ୭ଜଣ ବୋଲରଙ୍କୁ ଲଗାଇଥିଲେ ମଧ୍ୟ ଓପନିଂ ଯୋଡ଼ି ଭାଙ୍ଗିବାରେ ଅସମର୍ଥ ହୋଇଥିଲେ । ପଦାର୍ପଣକାରୀ ସ୍ପିନର ବାଦଲ ବିଶ୍ୱାଳ ୪ ଓଭରରେ ୪୪, ଭଗୀଶ ଶର୍ମା ୨ ଓଭରରେ ୧୭ ଓ ୩ ବର୍ଷ ପରେ ଦଳକୁ ଫେରିଥିବା ପପୁ ରାୟ ୨୧ଟି ବଲ୍ ବୋଲିଂ କରି ୪୨ ରନ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିଲେ ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଅଧିନାୟକ ବିପ୍ଳବଙ୍କ ଅର୍ଦ୍ଧଶତକ ବଳରେ ୭ ୱିକେଟ୍‌ରେ ୧୭୬ ରନର ସମ୍ମାନଜନକ ସ୍କୋର କରିଥିଲା । ବିପ୍ଳବ ୪୧ ବଲରେ ସର୍ବାଧିକ ୫୩ (୫ ଚୌକା ଓ ୧ ଛକା) ରନର ପାଳି ଖେଳିଥିଲେ । ସେହିଭଳି ସମ୍ବିତ ବରାଳ ୪୦, ଗୌରବ ଚୌଧୁରୀ ୨୯, ସ୍ୱସ୍ତିକ ସାମଲ ୨୦, ଶୁଭ୍ରାଂଶୁ ସେନାପତି ୧୫ ରନ କରିଥିଲେ । କେରଳର ଏମଡି ନିଦ୍ଦେଧଶଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା ।

**ପଦାର୍ପଣ କଲେ ସଞ୍ଜୁଙ୍କ ଭାଇ ସାଲି**

ଏହି ମ୍ୟାଚରେ ତାରକା କ୍ରିକେଟର ସଞ୍ଜୁଙ୍କ ଭାଇ ସାଲି ସାମସନ ଟି-୨୦ ପଦାର୍ପଣ କରିଥିଲେ । ଡାହାଣହାତୀ ଦ୍ରୁତ ବୋଲର ସାଲି ଏହି ମ୍ୟାଚରେ ୩ ଓଭରରେ ୩୩ ରନ ବ୍ୟୟ କରିଥିଲେ ମଧ୍ୟ ୱିକେଟ୍ ପାଇ ନ ଥିଲେ । ପୂର୍ବରୁ ସେ କେରଳ ପାଇଁ ୬ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି । ଅପରପକ୍ଷରେ ଓଡ଼ିଶାର ବାଦଲ ବିଶ୍ୱାଳ, ଭଗୀଶ ଶର୍ମା ଓ ୱିକେଟ୍‌କିପର ସୌମ୍ୟ ଗୌଡ଼ ଏଠାରେ ଟି-୨୦ ପଦାର୍ପଣ କରିଥିଲେ ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS